# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୮/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 28/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୩୩୨ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 332 ମୂଲ୍ୟ ₹୭/-





ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ୨୮ ଅକ୍ଟୋବର, ୨୦୨୩



**ସଂକ୍ଷେପରେ**

## ଇଣ୍ଡିଆ ମୋବାଇଲ୍ କଂଗ୍ରେସର ୭ମ ସଂସ୍କରଣ ଉଦ୍‌ଘାଟିତ

**ନୂଆଦିଲ୍ଲୀ,୨୭।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଇଣ୍ଡିଆ ମୋବାଇଲ୍ କଂଗ୍ରେସ, ୨୦୨୩ର ସପ୍ତମ ସଂସ୍କରଣକୁ ଉଦ୍‌ଘାଟନ କରିଛନ୍ତି। ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପମ୍‌ରେ ଉକ୍ତ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରମୁଖ ଟେଲିକମ୍ କମ୍ପାନୀର ପ୍ରତିନିଧିମାନଙ୍କ ସହ କଥା ହୋଇଥିଲେ। ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିଃର ଅଧ୍ୟକ୍ଷ ଆକାଶ ଅମ୍ବାନୀ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ କମ୍ପାନୀ ଟେଲିଯୋଗାଯୋଗ କ୍ଷେତ୍ରରେ କରୁଥିବା କାର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ଜିଓ ମଣ୍ଡପରେ ଜିଓ ଭାରତ ଡିଭାଇସ୍ ଭାବେ ସ୍ପେସ୍ ଫାଇବର ପ୍ରଦର୍ଶିତ ହୋଇଥିଲା। ଭାରତୀ ଏଣ୍ଟରପ୍ରାଇସେସ୍‌ର ଅଧ୍ୟକ୍ଷ ସୁନୀଲ ଭାରତୀ ମିତ୍ତଲ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରୁଥିବା ଦେଖାଯାଇଥିଲା। ସେ କମ୍ପାନୀର ୫ଜି ପ୍ଲସ୍, ଏଆଇ ସମର୍ଥିତ ଟେକ୍‌ନୋଲୋଜି ଓ ଅନ୍ୟାନ୍ୟ ଡିଜିଟାଲ ଭିତ୍ତିଭୂମି ଆଦି ଭବିଷ୍ୟତ ଇନୋଭେଶନ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

## ଏଆଇ ଉପଦେଷ୍ଟା କମିଟିରେ ଭାରତୀୟ ପ୍ରଯୁକ୍ତି ବିଶେଷଜ୍ଞ

ଜାତିସଂଘ,୨୭।୧୦: ଭାରତର କେତେଜଣ ଖ୍ୟାତନାମା ପ୍ରଯୁକ୍ତି ବିଶେଷଜ୍ଞ ଜାତିସଂଘର ନୂଆ ବୈଶ୍ୱିକ ଉପଦେଷ୍ଟା କମିଟିରେ ନିଯୁକ୍ତ ହେବାକୁ ଯାଉଛନ୍ତି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପରେ ଗଠିତ ଉଚ୍ଚସ୍ତରୀୟ ଆଡଭାଇଜରି ବଡ଼ିରେ ବିଭିନ୍ନ ସରକାରୀ, ଘରୋଇ ସଂସ୍ଥା, ଗବେଷଣା ସଂସ୍ଥା, ସିଭିଲ୍ ସୋସାଇଟିର ବିଶେଷଜ୍ଞମାନଙ୍କୁ ନିଆଯାଇଛି। ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲରେ ଏଆଇର ଉପଯୋଗକୁ ନେଇ ରହିଥିବା ବିଭିନ୍ନ ଚ୍ୟାଲେଞ୍ଜ ଓ ସମସ୍ୟା ଉପରେ ବୈଶ୍ୱିକ ସ୍ତରରେ ବୈଜ୍ଞାନିକ ସହମତି ଆଣିବା ଲାଗି ଉକ୍ତ କମିଟି ଗଠନ କରାଯାଇଛି। ଏଆଇ ଗଭର୍ନାନ୍ସ ଉପରେ ଏହା ଅନ୍ତର୍ଜାତୀୟ ସହଯୋଗକୁ ସୁଦୃଢ଼ କରିବ। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଉକ୍ତ କମିଟି ଲାଗି ଚୟନ କରିଥିବା ଭାରତୀୟଙ୍କ ମଧ୍ୟରେ ରହିଛନ୍ତି ତାଙ୍କ ବୈଷୟିକ ପ୍ରତିନିଧି ଅମନଦୀପ୍ ସିଂ ଗିଲ୍, ଆଇସ୍ପିରିଟ୍ ଫାଉଣ୍ଡେଶନ୍‌ର ସହପ୍ରତିଷ୍ଠାତା ଶରଦ ଶର୍ମା ଏବଂ ହଗିଙ୍ଗ୍ ଫେସ୍, ଇଣ୍ଡିଆର ପ୍ରମୁଖ ଗବେଷକ ନାଜନିନ୍ ରଜନୀ।

## ମୁଖ୍‌ତାର ଅନ୍‌ସାରୀଙ୍କୁ ୧୦ ବର୍ଷ ଜେଲ

**ନୂଆଦିଲ୍ଲୀ,୨୭।୧୦:** ଉତ୍ତରପ୍ରଦେଶ ଗ୍ୟାଙ୍ଗଷ୍ଟରରୁ ରାଜନେତା ହୋଇଥିବା ମୁଖ୍‌ତାର ଅନ୍‌ସାରୀଙ୍କୁ ଏକ ହତ୍ୟା ମାମଲାରେ ସ୍ଥାନୀୟ ଅଦାଲତ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ପୂର୍ବତନ ବିଧାୟକ ଅନ୍‌ସାରୀଙ୍କୁ ଉକ୍ତ ଅଦାଲତ ଗୁରୁବାର ଦୋଷୀସାବ୍ୟସ୍ତ କରିଥିଲେ। ୨୦୦୯ରେ ଅନ୍‌ସାରୀ ପୋଲିସ ଅଫିସର କପିଳଦେବ ସିଂଙ୍କୁ



ହତ୍ୟା କରିଥିଲେ। ସେହିବର୍ଷ ସେ ଅନ୍ୟ ଜଣେ ପୋଲିସ ଅଧିକାରୀ ମୀର୍ ହାସନଙ୍କୁ ହତ୍ୟା କରିବା ଲାଗି ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ହତ୍ୟା ମାମଲାରେ ବାରାଣସୀର ଏକ ଅଦାଲତ ଗତ ଜୁନ୍‌ରେ ଅନ୍‌ସାରୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅକ୍ଟୋବର ୧୫ରେ ଅନ୍‌ସାରୀଙ୍କର ଏକ ବିଲ୍ଡିଂ ଏବଂ ୧୫ଟି ସ୍ଥାନରେ ଥିବା ସମ୍ପତ୍ତି ବାଜ୍ୟାପ୍ତ କରିବା ସହ ୭୩.୪୩ ଲକ୍ଷ ଟଙ୍କାର ବ୍ୟାଙ୍କ ଜମାକୁ ଜବତ କରିଥିଲେ। ୧୯୯୧ ଅଗଷ୍ଟରେ ପୂର୍ବତନ କଂଗ୍ରେସ ବିଧାୟକ ଅଜୟ ରାୟଙ୍କ ଭାଇ ଅୱଧେଶ ରାୟ ହତ୍ୟାକାଣ୍ଡରେ ମଧ୍ୟ ଅନ୍‌ସାରୀ ସମ୍ପୃକ୍ତ।

# ହମାସ୍‌ର ସୁଡ଼ଙ୍ଗ ଧ୍ୱଂସକରିବା ସହଜ ନୁହେଁ

## ସ୍ଥଳଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଇଛି ଇସ୍ରାଏଲ୍



ଗାଜାଷ୍ଟ୍ରିପ୍‌ର ଏକ ଉପାନ୍ତ ଅଞ୍ଚଳରେ ଇସ୍ରାଏଲ୍ ସେନାର ବୋମାମାଡ଼।

**ଜେରୁଜେଲମ୍,୨୭।୧୦**

ହମାସ୍ ଶାସିତ ଗାଜା ଷ୍ଟ୍ରିପ୍‌ରେ ବଡ଼ ଧରଣର ସ୍ଥଳଯୁଦ୍ଧ ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଥିବା ଇସ୍ରାଏଲୀ ସେନା ଦୁଇଦିନ ହେଲା ସଂକ୍ଷିପ୍ତ ଗ୍ରାଉଣ୍ଡ ରେଡ୍ ଚଳାଇଛି। ତେବେ ଗାଜାରେ ଥିବା ହମାସ୍‌ର ଗୁପ୍ତ ଟନେଲଗୁଡ଼ିକୁ ଧ୍ୱଂସ କରିବା କଷ୍ଟକର ହେବ ବୋଲି ଇସ୍ରାଏଲ୍ ପୂର୍ବାନୁମାନ କରିଛି। ହମାସ୍ ଆତଙ୍କବାଦୀମାନଙ୍କୁ ଉକ୍ତ ଗୁପ୍ତ ସୁଡ଼ଙ୍ଗ ସୁରକ୍ଷା ଯୋଗାଇଦେଉଛି। ସ୍ଥଳଯୁଦ୍ଧରେ ସେମାନଙ୍କୁ ଟନେଲ ଭିତରେ ମୁକାବିଲା କରିବା ଇସ୍ରାଏଲୀ ସୈନ୍ୟଙ୍କ ପାଇଁ ସହଜ ହେବନାହିଁ। ସେଥିପାଇଁ ସମ୍ପୂର୍ଣ୍ଣ ସ୍ଥଳଯୁଦ୍ଧ ଆରମ୍ଭ କରିବାକୁ ଜେରୁଜେଲମ୍ ବିଳମ୍ବ କରୁଛି। ୩ ସପ୍ତାହ ହେଲା ଚାଲିଥିବା ଯୁଦ୍ଧରେ ୭,୩୦୦ରୁ ଅଧିକ ପାଲେଷ୍ଟିନୀୟ ନିହତ ହେବା ସହ ହଜାର ହଜାର ଲୋକ ଆହତ ହେଲେଣି। ମୃତକଙ୍କ ମଧ୍ୟରେ ୨,୯୦୦ରୁ ଅଧିକ ଶିଶୁ ଏବଂ ୧,୫୦୦ରୁ ଊର୍ଦ୍ଧ୍ୱ ମହିଳା ରହିଥିବା ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବହୁସଂଖ୍ୟାରେ ପାଲେଷ୍ଟିନୀୟ ଘରଦ୍ୱାର ଛାଡ଼ି ପଳାଇଗଲେଣି। ଇସ୍ରାଏଲ୍ ଅଧିକୃତ ୱେଷ୍ଟ ବ୍ୟାଙ୍କରେ ୧୧୦ ପାଲେଷ୍ଟିନୀୟ ପ୍ରାଣ ହରାଇଲେଣି। ସେହିପରି ହମାସ୍ ଆକ୍ରମଣରେ ଇସ୍ରାଏଲ୍‌ର ୧,୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି। ଏହା ବ୍ୟତୀତ ହମାସ୍ ଇସ୍ରାଏଲ୍‌ରୁ ବିଦେଶୀ ସମେତ ୨୨୯ ଜଣଙ୍କୁ ନେଇଯାଇ ଗାଜାରେ ପଣବନ୍ଦୀ ରଖିଛି। ସେମାନଙ୍କ ମଧ୍ୟରୁ ୪ ବିଦେଶୀଙ୍କୁ ଇତିମଧ୍ୟରେ ମୁକ୍ତ କରିଦିଆଯାଇଛି।

ଇସ୍ରାଏଲୀ ସେନା ଯୁଦ୍ଧବିମାନ ଏବଂ ଡ୍ରୋନ୍ ସହାୟତାରେ ଶୁକ୍ରବାର ଗାଜା ଷ୍ଟ୍ରିପ୍ ଉପକଣ୍ଠରେ ଦ୍ୱିତୀୟ ଗ୍ରାଉଣ୍ଡ ରେଡ୍ କରିଥିଲା। ତେବେ ଏଥିରେ କେତେ ମୃତାହତ ହୋଇଛନ୍ତି ତାହା ଜଣାପଡ଼ି ନାହିଁ। ଇତିମଧ୍ୟରେ ଆମେରିକା ଯୁଦ୍ଧବିମାନ ପୂର୍ବ ସିରିଆରେ ଥିବା ସାମରିକ ଘାଟି ଉପରେ ଆକ୍ରମଣ କରିଛି। ଉକ୍ତ ସାମରିକ ଘାଟିକୁ ଇରାନ ସମର୍ଥିତ ମିଲିସିଆ ଗ୍ରୁପ୍ ବ୍ୟବହାର କରୁଥିଲେ।

## ହମାସ୍‌କୁ ପାଣ୍ଠି ଯୋଗାଣ ଉପରେ କଟକଣା ଲଗାଇଲା ଆମେରିକା

**ଲଣ୍ଡନ,୨୭।୧୦**

ଗାଜାର ହମାସ୍ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ କରିବା ଲାଗି ଆମେରିକା ଏହାର ଉଦ୍ୟମକୁ ଶୁକ୍ରବାର ଜୋର୍‌ଦାର କରିଛି। ଏହି ଗ୍ରୁପ୍ ସହ ସମ୍ପୃକ୍ତ ବ୍ୟକ୍ତିବିଶେଷ ଓ ସଂଗଠନ ଉପରେ ଯୁକ୍ତରାଷ୍ଟ୍ର ଦ୍ୱିତୀୟ କଟକଣା ଲଗାଯାଇଛି। ଇସ୍ରାଏଲ୍ ଉପରେ ହମାସ୍‌ର ଆକ୍ରମଣ ଯୋଗୁ ୧,୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ହମାସ୍‌କୁ ଆର୍ଥିକ, ଲଜିଷ୍ଟିକାଲ ଓ ସାମରିକ ସହାୟତା ଯୋଗାଇବାରେ ଇରାନର ଭୂମିକା ରହିଥିବା ଆମେରିକା କହିଛି। ଇରାନରେ ଥିବା ହମାସ୍ ପ୍ରତିନିଧି ଏବଂ ଇରାନର ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ ସଦସ୍ୟଙ୍କ ଉପରେ ମଧ୍ୟ କଟକଣା ଲାଗୁ ହୋଇଛି। ଲଣ୍ଡନ ଗସ୍ତରେ ଥିବା ଆମେରିକା ଉପ ଅର୍ଥ ସଚିବ ୱାଲି ଆଡେୟେମୋ ଏହି ଘୋଷଣା କରିଛନ୍ତି।

## ସିରିଆରେ ଥିବା ୨ ସାମରିକ ଘାଟି ଉପରେ ଆମେରିକାର ଆକ୍ରମଣ



**ୱାଶିଂଟନ,୨୭।୧୦**

**ଘାଟିକୁ ଇରାନ ମିଲିସିଆ ବ୍ୟବହାର କରୁଥିଲେ**

ଇରାନର ଇସ୍‌ଲାମିକ ରେଭଲ୍ୟୁଶନାରି ଗାର୍ଡ କର୍ପସ (ଆଇଆର୍‌ଜିସି) ବ୍ୟବହାର କରୁଥବା ପୂର୍ବ ସିରିଆର ଦୁଇଟି ଘାଟି ଉପରେ ଆମେରିକା ସେନା ଆକ୍ରମଣ କରିଛି। ଆମେରିକା ପ୍ରତିରକ୍ଷା ସଚିବ ଲୟଡ ଅଷ୍ଟିନ୍ ଏହି ସୂଚନା ଦେଇଛନ୍ତି। ଗତ ୧୭ ତାରିଖରୁ ଇରାକ ଏବଂ ସିରିଆରେ ଥିବା ଆମେରିକୀୟଙ୍କ ଉପରେ ଇରାନ ସମର୍ଥିତ ମିଲିସିଆ ଗ୍ରୁପ୍ ଆକ୍ରମଣ କରୁଥିବାରୁ ଏହାର ଜବାବରେ ଯୁକ୍ତରାଷ୍ଟ୍ର ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମିଲିସିଆ ଗ୍ରୁପ୍‌ର ଆକ୍ରମଣ ବେଳେ ଜଣେ ଆମେରିକୀୟ ଠିକାଦାରଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବାବେଳେ ୨୧ ସାମରିକ ଯବାନ ସାମାନ୍ୟ ଆହତ ହୋଇଥିଲେ। ଆମେରିକା ସେନା ବିରୋଧରେ ଆକ୍ରମଣ ମହଙ୍ଗା ପଡ଼ିବ ବୋଲି ଗୁରୁବାର ରାଷ୍ଟ୍ରପତି ଜୋ ବାଇଡେନ୍ ଇରାନର ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନିଙ୍କୁ ଚେତାବନୀ ଦେଇଥିଲେ।

## ଚାଇନାର ପୂର୍ବତନ ପ୍ରଧାନମନ୍ତ୍ରୀ କେକିଆଙ୍ଗ୍‌ଙ୍କ ପରଲୋକ



ଲି କେକିଆଙ୍ଗ୍

**ବେଜିଂ,୨୭।୧୦**

ଚାଇନାର ପୂର୍ବତନ ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ୍‌ଙ୍କର ଶୁକ୍ରବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତାଙ୍କୁ ୬୮ ବର୍ଷ ହୋଇଥିଲା। ଏହି ଆର୍ଥିକ ସଂସ୍କାର ସପକ୍ଷବାଦୀ ପ୍ରଶାସକ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ଅଧୀନରେ ୧୦ ବର୍ଷ ପ୍ରଧାନମନ୍ତ୍ରୀ ରହିଥିଲେ। ଗୁରୁବାର ତାଙ୍କୁ ହୃଦ୍‌ଘାତ ହେବା ପରେ ଶୁକ୍ରବାର ଭୋର ସମୟରେ ସାଂଘାଇରେ ପରଲୋକ ହୋଇଯାଇଛି। ଯୁବାବସ୍ଥାରେ ଉଦାରବାଦୀ ଥିବା କେକିଆଙ୍ଗ ଦୀର୍ଘବର୍ଷ ଧରି କମ୍ୟୁନିଷ୍ଟ ପାର୍ଟିରେ ରହି କାର୍ଯ୍ୟ କରିଆସିଥିଲେ। ତେବେ ହାନାନ ପ୍ରଦେଶରେ ସେ ଦଳର ମୁଖ୍ୟ ଥିବାବେଳେ ରକ୍ତଦାନ କାର୍ଯ୍ୟକ୍ରମରୁ ଏଚ୍‌ଆଇଭି/ଏଡ୍ସ ମହାମାରୀ ବ୍ୟାପିବା ଯୋଗୁ ତାଙ୍କୁ ଭାବମୂର୍ତ୍ତି ମଳିନ ପଡ଼ିଥିଲା। ସେହିପରି ଜାତୀୟ ସ୍ତରରେ କ୍ଷମତାରେ ଥିବାବେଳେ ତାଙ୍କ ସମୟରେ କେତେକ ସ୍ୱାସ୍ଥ୍ୟସେବା ଦୁର୍ନୀତି ଘଟିଥିଲା। ଚାଇନାର ଗମ୍ଭୀର ଆର୍ଥିକ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ପ୍ରଶଂସିତ ହୋଇଥିଲେ। ଏକଦା ଜିନ୍‌ପିଙ୍ଗ ତାଙ୍କୁ ନିଜର ପ୍ରତିଦ୍ୱନ୍ଦ୍ୱୀ ଭାବୁଥିଲେ। କୋଭିଡ୍ ଜନିତ ମାନ୍ଦାବସ୍ଥା ଏବଂ ହାଉସିଂ ମାର୍କେଟରେ ସଙ୍କଟ ଯୋଗୁ ଲି ପ୍ରଧାନମନ୍ତ୍ରୀ ପଦ ଛାଡ଼ିବା ବେଳକୁ ଚାଇନାର ଆର୍ଥିକ ଅଭିବୃଦ୍ଧି ସର୍ବନିମ୍ନ ସ୍ତରକୁ ଚାଲିଆସିଥିଲା। ଚଳିତବର୍ଷ ଆରମ୍ଭରେ ଜିନ୍‌ପିଙ୍ଗ ସାଂଘାଇର ପୂର୍ବତନ କମ୍ୟୁନିଷ୍ଟ ମୁଖ୍ୟ ଲି କିଆଙ୍ଗ୍‌ଙ୍କୁ ଦେଶର ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଥିଲେ।

## ସୀମାରେ ଜୋର୍‌ଦାର ସେଲ୍ ଓ ଗୁଳିମାଡ଼

**ଆର୍ନିଆ,୨୭।୧୦(ପି.ଟି.)**

**ପାକ୍ ସେନାର ଅସ୍ତ୍ରବିରତି ଉଲ୍ଲଂଘନ**

**ଘର ଛାଡ଼ି ପଳାଇଲେ ଲୋକେ**

୨୦୨୧ ପରେ ପାକିସ୍ତାନୀ ରେଞ୍ଜରମାନେ ପ୍ରଥମ ଥର ପାଇଁ ଅସ୍ତ୍ରବିରତି ଉଲ୍ଲଂଘନ କରି ସୀମାନ୍ତ ଅଞ୍ଚଳରେ ଜୋର୍‌ଦାର ଗୁଳିଗୋଳା ଓ ସେଲ୍ ମାଡ଼ କରିଛନ୍ତି। ଜମ୍ମୁ-କଶ୍ମୀରର ଆର୍ନିଆ ସେକ୍ଟରରେ ଗୁରୁବାର ରାତି ୮ଟାରୁ ଏହି ଗୁଳିବିନିମୟ ଆରମ୍ଭ ହୋଇ ୭ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିଲା। ଭୟରେ ସୀମାନ୍ତ ଅଞ୍ଚଳର ଲୋକମାନେ ଘରଦ୍ୱାର ଛାଡ଼ି ପଳାଇଯାଇଛନ୍ତି। ଅନ୍ତର୍ଜାତୀୟ ସୀମା ଅନ୍ତର୍ଗତ କେତେକ ଗ୍ରାମରେ ବିବାହ ଉତ୍ସବ ଚାଲିଥିବାବେଳେ ପାକ୍ ରେଞ୍ଜରଙ୍କ ଗୁଳିଗୋଳା ମାଡ଼ ଯୋଗୁ ତାହା ବାଧାପ୍ରାପ୍ତ ହୋଇଥିଲା। ଆର୍.ଏସ୍. ପୁରା ସେକ୍ଟରରେ ପାକିସ୍ତାନ ପଟୁ ସେଲ୍ ମାଡ଼ ଯୋଗୁ ବିବାହ ଭୋଜି ଛାଡ଼ି ଲୋକମାନେ ପଳାଇଯାଇଥିଲେ। ଭୋର ୩ଟା ପର୍ଯ୍ୟନ୍ତ ପାକିସ୍ତାନୀ ସେନା ସେଲ୍ ମାଡ଼ ଜାରି ରଖିଥିବାବେଳେ ଏହାର ଠିକଣା ଜବାବ ଦିଆଯାଇଥିଲା ବୋଲି ଭାରତର ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) କହିଛି। ପାକିସ୍ତାନୀ ଗୁଳିରେ ଜଣେ ବିଏସ୍‌ଏଫ୍ ଯବାନ ଓ ଜଣେ ମହିଳା ଆହତ ହୋଇଛନ୍ତି। ସେହିପରି ସେଲ୍ ମାଡ଼ରେ ସୀମାନ୍ତ ଗ୍ରାମର ବହୁ ଘର କ୍ଷତିଗ୍ରସ୍ତ ହୋଇଛି। ଶ୍ରମିକମାନେ ଗାଁ ଛାଡ଼ି ପଳାଇଯାଇଛନ୍ତି।

**ରାଶନ ଦୁର୍ନୀତି**

## ପଶ୍ଚିମବଙ୍ଗ ମନ୍ତ୍ରୀଙ୍କୁ ଗିରଫକଲା ଇଡି

**କୋଲକାତା,୨୭।୧୦**

ପଶ୍ଚିମବଙ୍ଗର ବହୁ କୋଟି ଟଙ୍କା ରାଶନ ବଣ୍ଟନ ଦୁର୍ନୀତି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ମନିଲଣ୍ଡରିଂ ତଦନ୍ତର ସମ୍ମୁଖୀନ ହୋଇଥିବା ପଶ୍ଚିମବଙ୍ଗ ମନ୍ତ୍ରୀ ଜ୍ୟୋତିପ୍ରିୟୋ ମଲ୍ଲିକଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳ (ଇଡି) ଶୁକ୍ରବାର ଗିରଫ କରିଛି। ତାଙ୍କୁ ଦୀର୍ଘ ୧୮ ଘଣ୍ଟା ଜେରା କରାଯିବା ପରେ ମନିଲଣ୍ଡରିଂ ପ୍ରତିକାର ଆଇନ ବଳରେ ଗିରଫ କରାଯାଇଛି। ମଧୁମେହ ଓ ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥିବା ମନ୍ତ୍ରୀ ମଲ୍ଲିକଙ୍କୁ ଗିରଫ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ



ଜ୍ୟୋତିପ୍ରିୟୋ ମଲ୍ଲିକ

ଜୋକାସ୍ଥିତ ଇଏସ୍‌ଆଇ ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କୁ ବାଙ୍କଶାଲ କୋର୍ଟକୁ ନିଆଯାଇଛି। ଅଧିକ ଜେରା ପାଇଁ ଇଡି ତାଙ୍କୁ ରିମାଣ୍ଡରେ ନେବା ଲାଗି ଯୋଜନା କରୁଛି। ମଲ୍ଲିକ ତଦନ୍ତରେ ସହଯୋଗ କରୁ ନ ଥିବା ଏବଂ ଜେରା ବେଳେ ପରସ୍ପର ବିରୋଧୀ ମତ ରଖିଥିବାରୁ ରାଶନ ବଣ୍ଟନ ଅନିୟମିତତା ସମ୍ପର୍କରେ ତାଙ୍କ ପାଖରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଥିବା ଇଡି ଅଧିକାରୀମାନେ ବିଶ୍ୱାସ କରୁଛନ୍ତି। ପୂର୍ବରୁ ଇଡି ମଲ୍ଲିକଙ୍କ ଘନିଷ୍ଠ ସହଯୋଗୀ ବାକିବୁର ରହମାନଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ମୁହାଁମୁହିଁ ଜେରା କରାଯାଇପାରେ। ଅନ୍ୟପକ୍ଷରେ ତାଙ୍କୁ ଷଡ଼ଯନ୍ତ୍ରରେ ଫସାଇ ଦିଆଯାଇଥିବା ମଲ୍ଲିକ ଅଭିଯୋଗ କରିବା ସହ ଭାଜପା ଏବଂ ଏହାର ନେତା ଶୁଭେନ୍ଦୁ ଅଧିକାରୀଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି।





## ଭାରତରେ ଆଇଫୋନ୍ ନିର୍ମାଣ କରିବ ଟାଟା

**ନୂଆଦିଲ୍ଲୀ,୨୭।୧୦(ପି.ଟି.)**



ଟାଟା ଗ୍ରୁପ୍ ଭାରତରେ ଆପଲ୍ ଆଇଫୋନ୍ ନିର୍ମାଣ ଆରମ୍ଭ କରିବାକୁ ଯାଉଛି। ଭାରତ ସମେତ ବିଶ୍ୱ ବଜାର ପାଇଁ ଆଗାମୀ ୨.୫ ବର୍ଷରେ ଏହି ଆଇଫୋନ୍ ନିର୍ମାଣ କରାଯିବ ବୋଲି ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ମନ୍ତ୍ରୀ ରବି ଚନ୍ଦ୍ରଶେଖର ଶୁକ୍ରବାର ଘୋଷଣା କରିଛନ୍ତି। ତାଇୱାନ୍‌ର ୱିଷ୍ଟ୍ରନ୍ ଗ୍ରୁପ୍ ବେଙ୍ଗାଲୁରୁରେ ଥିବା ଏହାର ପ୍ଲାଣ୍ଟକୁ ଟାଟାକୁ ବିକ୍ରି କରିବାକୁ ରାଜି ହୋଇଛି। ୱିଷ୍ଟ୍ରନ୍ ଇନ୍‌ଫୋକମ୍ ମ୍ୟାନୁଫାକ୍ଚରିଂ(ଇଣ୍ଡିଆ) ପ୍ରା.ଲିଃର ଏହି ପ୍ଲାଣ୍ଟକୁ ଟାଟା ଇଲେକ୍ଟ୍ରୋନିକ୍ସ ୧୨୫ ନିୟୁତ ଡଲାରରେ କିଣିବ। ୱିଷ୍ଟ୍ରନ୍ ବୋର୍ଡ ଉକ୍ତ ବିକ୍ରି ପ୍ରସ୍ତାବକୁ ଅନୁମୋଦନ କରିଥିବା ଶୁକ୍ରବାର ଏକ ବିବୃତିରେ କହିଛି। ଉକ୍ତ ୟୁନିଟ୍ ବେଙ୍ଗାଲୁରୁରେ ଆଇଫୋନ୍ ଆସେମ୍ବ୍ଲି ପ୍ଲାଣ୍ଟ ଚଳାଇଥିଲା। ଏହାକୁ କିଣିବା ପାଇଁ ବର୍ଷ ହେଲା ବୁଝାମଣା ଚାଲିଥିଲା। ଆଇଫୋନ୍ ୧୪ ମଡେଲ୍ ଆସେମ୍ବ୍ଲି କାର୍ଯ୍ୟରେ ଉକ୍ତ କାରଖାନାରେ ୧୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ଅଛନ୍ତି। ଉଭୟ ପକ୍ଷର ରାଜିନାମା ଓ ସ୍ୱାକ୍ଷର ପରେ ଉକ୍ତ ଡିଲ୍‌କୁ ଆବଶ୍ୟକ ଅନୁମୋଦନ ପାଇଁ ପଠାଯିବ।

ଆପଲ୍ ଆଇଫୋନ୍‌ଗୁଡ଼ିକର ଆସେମ୍ବ୍ଲି ମୁଖ୍ୟତଃ ତାଇୱାନ କମ୍ପାନୀ ପେଗାଟ୍ରନ୍ କର୍ପ ଏବଂ ଫକ୍ସକନ୍ ଟେକ୍‌ନୋଲୋଜି ଗ୍ରୁପ୍ କରିଥାଏ। ଟାଟା ଇଲେକ୍ଟ୍ରୋନିକ୍ସ ହେଉଛି ଟାଟା ସନ୍ସର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ଏକ ସହଯୋଗୀ ସଂସ୍ଥା। ଟାଟା ଗ୍ରୁପ୍ ଏବେ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଓ ଇ-କମର୍ସରେ ପ୍ରବେଶ କରିବାକୁ ଚାହୁଁଛି। ତାମିଲନାଡୁର କ୍ରିଷ୍ଣାଗିରିରେ ଟାଟା ଇଲେକ୍ଟ୍ରୋନିକ୍ସର ଏକ କାରଖାନା ରହିଛି। ଟାଟା ଆଇଫୋନ୍ ନିର୍ମାଣ କରିବା ପରେ ଭାରତ ସ୍ମାର୍ଟ ଫୋନ୍ ଉତ୍ପାଦନ ଓ ରପ୍ତାନିର ଏକ ବିଶ୍ୱସନୀୟ ଓ ବୃହତ୍ ହବ୍ ହେବାକୁ ଯାଉଥିବା ମନ୍ତ୍ରୀ ଚନ୍ଦ୍ରଶେଖର ଏକ୍ସରେ ପୋଷ୍ଟ କରିଛନ୍ତି।

DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୮/୨୦୨୩

Bhubaneswar, Saturday, October 28/2023



**ରୀତିକା ବିଶ୍ୱ ଚାମ୍ପିୟନ**

ଭାରତର ପ୍ରଥମ ମହିଳା କୁସ୍ତିଯୋଦ୍ଧା ଭାବେ ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ହୋଇଛନ୍ତି ରୀତିକା ହୁଡା।

୧୨

୦୯

**ଓଟିଟିରେ ତାରାଙ୍କ ଏଣ୍ଟ୍ରି**

ବଲିଉଡ୍ ଅଭିନେତ୍ରୀ ତାରା ସୁତାରିଆ ତାଙ୍କ ଆଗାମୀ ଥ୍ରିଲର ଫିଲ୍ମ 'ଅପୂର୍ବା' ଜରିଆରେ ଓଟିଟି ଡେବ୍ୟୁ କରିବାକୁ ଯାଉଛନ୍ତି।



# ପ୍ରମୋଦ ଭଗତଙ୍କୁ ସ୍ୱର୍ଣ୍ଣ ପଦକ

## ଏସିଆନ ପାରା ଗେମ୍ସ



**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

ଚାଇନାର ହାଙ୍ଗଝୋରେ ଚାଲିଥିବା ଏସିଆନ ପାରା ଗେମ୍ସର ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଦେଶ ଏବଂ ରାଜ୍ୟକୁ ଗର୍ବିତ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ପୂର୍ବରୁ ମିକ୍ସଡ ଡବଲ୍ସ ଓ ପୁରୁଷ ଡବଲ୍ସରେ ବ୍ରୋଞ୍ଜ ପଦକ ପାଇଥିବା ପ୍ରମୋଦ ଶୁକ୍ରବାର ପୁରୁଷ ସିଙ୍ଗଲ୍ସରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଫାଇନାଲରେ ସେ ଅନ୍ୟତମ ଭାରତୀୟ ଖେଳାଳି ନିତେଶ କୁମାରଙ୍କୁ ୨୨-୨୦, ୧୮-୨୧, ୨୧-୧୯ରେ ପରାସ୍ତ କରିଛନ୍ତି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରମୋଦ ବରାବର ଲଢ଼େଇରେ ପ୍ରଥମ ସେଟ୍‌କୁ ଜିତିବାକୁ ସକ୍ଷମ ହୋଇଥିଲେ ହେଁ ପରବର୍ତ୍ତୀ ସେଟ୍‌ରେ ବିଜୟ ହାସଲ କରି ନିତେଶ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ତୃତୀୟ ତଥା ନିର୍ଣ୍ଣାୟକ ସେଟ୍‌ରେ ମଧ୍ୟ ଏକଦା ନିତେଶ ଅଗ୍ରଣୀ ରହିଥିଲେ। ମାତ୍ର ଚାପର ବଶବର୍ତ୍ତୀ ନ ହୋଇ ଏବଂ ନିଜ ଅଭିଜ୍ଞତାର ଉପଯୋଗ କରି ପ୍ରମୋଦ ସଫଳ ପ୍ରତ୍ୟାବର୍ତ୍ତନ କରି ଶେଷ ସେଟ୍‌ରେ ବିଜୟ ହାସଲ କରିଥିଲେ। ଚଳିତ ପ୍ରତିଯୋଗିତାରେ ପ୍ରମୋଦ ମିକ୍ସଡ ଡବଲ୍ସରେ ମନୀଷା ରାମଦାସ ଏବଂ ପୁରୁଷ ଡବଲ୍ସରେ ସୁକାନ୍ତ କଦମଙ୍କୁ ସାଥିକରି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଫଳରେ ସେ ଏସିଆନ ପାରା ଗେମ୍ସରେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ବ୍ରୋଞ୍ଜ ପଦକ ଜିତିବା ସହ ଅଭିଯାନ ଶେଷ କରିଛନ୍ତି। ପ୍ରତିଯୋଗିତାରେ ପ୍ରମୋଦ ପ୍ରଥମଥର ପାଇଁ ୩ଟି ପଦକ ହାସଲ କରିଛନ୍ତି। ୨୦୧୦ରେ ସିଙ୍ଗଲ୍ସ ଓ ଡବଲ୍ସରେ ଭାଗ ନେଇଥିଲେ ମଧ୍ୟ କୌଣସି ସଫଳତା ତାଙ୍କୁ ମିଳି ନ ଥିଲା। ୨୦୧୪ରେ ସିଙ୍ଗଲ୍ସ ଓ ଡବଲ୍ସରେ ଭାଗ ନେଇଥିଲେ ମଧ୍ୟ କେବଳ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ। ୨୦୧୮ରେ ସିଙ୍ଗଲ୍ସ ଓ ଡବଲ୍ସରେ ଭାଗ ନେଇଥିଲେ। ଏଥିରେ ସେ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଏବଂ ଡବଲ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ। ☞ପୃଷ୍ଠା-୭

## ୨ କୋଟି ଟଙ୍କା ଘୋଷଣାକଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୭।୧୦ (ଅନିଲ ଦାସ)**

ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୨ କୋଟି ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି। ଏସିଆନ ଗେମ୍ସର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭଗତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପ୍ରତିଦ୍ୱନ୍ଦ୍ୱୀ ନୀତୀଶ କୁମାରଙ୍କୁ କଡ଼ା ଟକ୍କର ଦେଇ ସେ ଏହି ପଦକ ହାସଲ କରିଛନ୍ତି। ଏଥିସହିତ ସେ ପୁରୁଷ ଡବଲ୍ସରେ ଏବଂ ମିକ୍ସଡ ଡବଲ୍ସରେ ୨ଟି ବ୍ରୋଞ୍ଜ ☞ପୃଷ୍ଠା-୭

**ଆଜିର ସମ୍ପାଦକୀୟ**

ସିବିଆଇରେ ଅଧିକ ନିଯୁକ୍ତି

# ପିଆଜ ହେଲାଣି ୬୫

**ପରିବା ଦର ଆକାଶଛୁଆଁ ଥିଲାବେଳେ ପିଆଜ ଦର କେଉଁଠି ୬୫ ଟଙ୍କାରେ ବିକ୍ରି ହେଲାଣି। ମାସକ ଭିତରେ ଏହା ଦୁଇଗୁଣା ବଢ଼ିଗଲାଣି। ଲଗାତର ପିଆଜ ଦର ବୃଦ୍ଧି ଯୋଗୁ ସପ୍ତାହକ ମଧ୍ୟରେ ଏହା କିଲୋ ପିଛା ୧୦ରୁ ୧୫ ଟଙ୍କା ବଢ଼ିଗଲାଣି। ଏହାକୁ ନେଇ ଖାଉଟି ଚିନ୍ତାରେ ।**

## ମାସକରେ ବଢ଼ିଲାଣି ୨ ଗୁଣା

**ଭୁବନେଶ୍ୱର, ୨୭।୧୦ (ଅନିଲ ଦାସ)**

ମାସକ ତଳେ ପିଆଜ କିଲୋ ୨୫ଟଙ୍କା ଥିବାବେଳେ ଏବେ ତାହା ଦୁଇଗୁଣା ହୋଇ ୫୦ଟଙ୍କାରେ ପହଞ୍ଚିଛି। କେତେକ ସ୍ଥାନରେ ବ୍ୟବସାୟୀ ପିଆଜ କିଲୋ ପିଛା ୬୦ରୁ ୬୫ ଟଙ୍କାରେ ବିକ୍ରି କରୁଛନ୍ତି। ମହାରାଷ୍ଟ୍ରର ନାସିକ୍‌ରେ ପିଆଜ ମହଙ୍ଗା ହୋଇଥିବାରୁ ଏହାର ପ୍ରଭାବ ଓଡ଼ିଶା ଉପରେ ପଡ଼ୁଥିବା କୁହାଯାଇଛି।

କାର୍ତ୍ତିକ ମାସ ଆରମ୍ଭ ହେବାକୁ ଯାଉଥିବା ବେଳେ ପରିବା ଦର ଉପରମୁହାଁ ରହିଛି। ଏପରି ସ୍ଥଳେ ପିଆଜ ଦର ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇ ଦେଇଛି। ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାରଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଏଥିସହିତ ହୋଟେଲ ଓ ରେଷ୍ଟୁରାଣ୍ଟରେ ମଧ୍ୟ ପିଆଜ ଦର ବୃଦ୍ଧିର ଚାପ ପଡ଼ିଛି।



ଗରିବ ଲୋକଙ୍କ ନିତିଦିନିଆ ଖାଦ୍ୟ ପିଆଜ ହୋଇଥିବାବେଳେ ଦରବୃଦ୍ଧି ସେମାନଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ଭଳି ହୋଇଛି। ସରକାରୀସ୍ତରରେ ମଧ୍ୟ ପିଆଜ ଦର ନିୟନ୍ତ୍ରଣ ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ବଜାରରେ ଖୁଚୁରା ବ୍ୟବସାୟୀମାନେ ମନଇଚ୍ଛା ଦର ବଢ଼ାଇ ଚାଲିଛନ୍ତି। ଦିନ ମଜୁରିଆ ଚୈତନ୍ୟ ନାହାକ କହିଛନ୍ତି ଯେ ପଖାଳ ସାଙ୍ଗରେ ପିଆଜ ଟିକେ ହେଲେ କାମ ଚଳିଯାଉଛି। କର୍ମସ୍ଥଳରେ ମଧ୍ୟ ଖାଇବା ବେଳେ ପିଆଜ ଦରକାର ହେଉଛି। ଦର ବଢ଼ିବା ଯୋଗୁ ପିଆଜ କିଣି ଖାଇବା ଆମ ପାଇଁ ☞ପୃଷ୍ଠା-୭

# ସମଲିଙ୍ଗୀ ସମ୍ପର୍କକୁ ଅପରାଧୀକରଣ କରିବାକୁ ଉଦ୍ୟମ

## ସରକାରଙ୍କୁ ସୁପାରିସ କରିପାରେ ସଂସଦୀୟ କମିଟି

**ନୂଆଦିଲ୍ଲୀ, ୨୭।୧୦**

ସୁପ୍ରିମକୋର୍ଟ ୨୦୧୮ରେ ତାଙ୍କର ଐତିହାସିକ ରାୟ ବଳରେ ସମଲିଙ୍ଗୀ ଯୌନ ସମ୍ପର୍କ ଏବଂ ଅନୈତିକ ସମ୍ପର୍କକୁ ଅପରାଧମୁକ୍ତ କରିଥିଲେ। ବ୍ରିଟିଶ ଅମଳର ଭାରତୀୟ ଦଣ୍ଡ ସଂହିତା (ଆଇପିସି) ବଦଳରେ ସରକାର ଆଣିଥିବା ୩ଟି ବିଲ୍‌ର ଅନୁଧ୍ୟାନ କରୁଥିବା ସ୍ୱରାଷ୍ଟ୍ର ବ୍ୟାପାର ସମ୍ପର୍କିତ ସଂସଦୀୟ ଷ୍ଟାଣ୍ଡିଂ କମିଟି ସମଲିଙ୍ଗୀ ସମ୍ପର୍କ ଓ ବ୍ୟଭିଚାରକୁ ପୁନର୍ବାର ଅପରାଧୀକରଣ କରିବା ଲାଗି ସରକାରଙ୍କୁ ସୁପାରିସ୍ କରିପାରନ୍ତି। ଉକ୍ତ କମିଟି ସହ ଜଡ଼ିତ ଏକ ସୂତ୍ରରୁ ଏହା ଜଣାପଡ଼ିଛି। ଭାରତୀୟ ଦଣ୍ଡ ସଂହିତା, ଦଣ୍ଡ ପ୍ରକ୍ରିୟା ସଂହିତା ଏବଂ ଭାରତୀୟ ତଥ୍ୟ ପ୍ରମାଣ ଆଇନ ପରିବର୍ତ୍ତେ ନୂଆ ଆଇନ ଆଣିବା ପାଇଁ କେନ୍ଦ୍ର ସରକାର ପାର୍ଲାମେଣ୍ଟର ଗତ ମୌସୁମୀ ଅଧିବେଶନ ସମୟରେ ୩ଟି ବିଲ୍ ଆଣିଥିଲେ। ତାହା ହେଲା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ। ଭାଜପା ଏମ୍‌ପି ବ୍ରିଜ୍ ଲାଲ୍‌ଙ୍କ ଅଧ୍ୟକ୍ଷତାରେ ସ୍ୱରାଷ୍ଟ୍ର ବ୍ୟାପାର ସଂସଦୀୟ ସ୍ଥାୟୀ କମିଟି ଉକ୍ତ ବିଲ୍‌ଗୁଡ଼ିକର ତର୍ଜମା କରୁଛି। କମିଟିର ବୈଠକ ଶୁକ୍ରବାର ବସିଥିଲେ ହେଁ ବିଲ୍ ଉପରେ ଚିଠା ସୁପାରିସ୍ ଗୃହୀତ ହୋଇନାହିଁ। ବିରୋଧୀ ସଦସ୍ୟମାନେ ଆଉ ୩ ମାସ ସମୟ ବଢ଼ାଇବାକୁ ଦାବି କରିବାରୁ ପରବର୍ତ୍ତୀ ବୈଠକ ନଭେମ୍ବର ୬ରେ ବସିବାକୁ ସ୍ଥିର ହୋଇଛି।






ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୮/୨୦୨୩ | Bhubaneswar, Saturday, October 28/2023 | ପୃଷ୍ଠା-୧

# ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକଙ୍କ ପରଲୋକ

**କଟକ,୨୭।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)**

ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକଙ୍କ ଶୁକ୍ରବାର ଦେହାନ୍ତ ହୋଇଛି। କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କୁ ୭୬ ବର୍ଷ ହୋଇଥିଲା। ଦୀର୍ଘଦିନ ଧରି ସେ ଗଳା କର୍କଟ

## ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ଥିଲେ। ବହୁ ଓଡ଼ିଆ ଚଳଚ୍ଚିତ୍ରରେ ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ସହ ଅନେକ ଚଳଚ୍ଚିତ୍ରରେ ସେ ନିଜ ଅଭିନୟର ଯାଦୁ ଦେଖାଇଛନ୍ତି। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟପାଳ ଶୋକ ପ୍ରକାଶ କରିଛନ୍ତି।



ଓଡ଼ିଆ ଆଧୁନିକ ସଙ୍ଗୀତ ଜଗତରେ ଅନ୍ୟତମ ସ୍ରଷ୍ଟା ଭାବେ ସ୍ୱରୂପ ବେଶ୍ ପରିଚିତ। ୧୯୪୭ ଫେବୃୟାରୀ ୮ ତାରିଖରେ ପିତା ବାସୁଦେବ ଓ ମାତା ସେବତୀଙ୍କଠାରୁ ଜନ୍ମ ହୋଇଥିବା ସ୍ୱରୂପ ଏକାଧାରାରେ ଜଣେ ସଙ୍ଗୀତକାର, ଗୀତିକାର, ପ୍ରଚ୍ଛଦପଟ୍ଟ ଗାୟକ ଓ ଅଭିନେତା ଥିଲେ। ସ୍ୱରୂପଙ୍କ ସ୍ତ୍ରୀ ନୀହାରିକା ଜଣେ ଅଭିନେତ୍ରୀ। ଦୁଇ ଝିଅ ନିବେଦିତ ଡାକ୍ତର ଓ ନିଦ୍ରା ଜଣେ ଲେଖିକା। ୧୯୬୨ ମସିହାରେ ରିଲିଜ୍ ହୋଇଥିବା 'ଜୟଦେବ' ଚଳଚ୍ଚିତ୍ରରେ ସ୍ୱରୂପ ଶିଶୁ କଳାକାର ଭାବେ ଅଭିନୟ କରିଥିଲେ। ବଡ଼ ହେବା ପରେ ସ୍ୱରୂପ ସତୀ ଅନସୂୟା, ସୁନା ସଂସାର, କଳାମାଣିକ, କଣ୍ଢେଇ ଆଖିରେ ଲୁହ, ଯଶୋଦା ଆଦି ଓଡ଼ିଆ ଚଳଚ୍ଚିତ୍ରରେ ଅଭିନେତା ଭାବେ ନଜର ଆସିଥିଲେ। ୪୦ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ର ପାଇଁ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଶ୍ରେଷ୍ଠ ସଙ୍ଗୀତକାର ଭାବରେ ସେ ଦୁଇଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ସେ ୩୦ଟି ଫିଲ୍ମ ପାଇଁ ଗୀତ ଲେଖିଥିଲେ। ୧୯୮୪ ମସିହାର ଓଡ଼ିଆ ଚଳଚ୍ଚିତ୍ର 'ହୀରାନୀଳା'ରେ ସେ ପ୍ରଥମେ ସଙ୍ଗୀତ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ସଙ୍ଗୀତ ନିର୍ଦ୍ଦେଶିତ କେତେକ ଉଲ୍ଲେଖନୀୟ ଛବି ମଧ୍ୟରେ ଲାଲ୍‌ପାନ ବିବି, ବଗଲା ବଗୁଲୀ, ଲକ୍ଷେ ଶିବ ପୂଜି ପାଇଛି ପୁଅ, ଯଶୋଦା,

☞ପୃଷ୍ଠା-୭



ଆନ୍ଧ୍ର ପ୍ରଦେଶ ସରକାରଙ୍କ ଦ୍ୱାରା ଆୟୋଜିତ ସ୍ୱାସ୍ଥ୍ୟସେବା ଶିବିରରେ ନାମ ପଞ୍ଜୀକରଣ ଲାଗି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଧୂଳିପଦର ଗ୍ରାମରେ ଲୋକଙ୍କ ଭିଡ଼।

# ପଟ୍ଟାଙ୍ଗିରେ 'ଜଗନ୍ ସୁରକ୍ଷା ଆରୋଗ୍ୟ'

**ପଟ୍ଟାଙ୍ଗି,୨୭।୧୦(ଶରତ ଧଳ)**

ଓଡ଼ିଶା ସୀମାନ୍ତ ଗ୍ରାମଗୁଡିକ ଉପରୁ ଆନ୍ଧ୍ରପ୍ରଦେଶ ନଜର ହଟାଉନାହିଁ। ଏନେଇ ବାରମ୍ବାର ଆନ୍ଧ୍ରକୁ ତାଗିଦ କରାଗଲେ ମଧ୍ୟ କିଛି ଫରକ ପଡୁନାହିଁ। ବିଭିନ୍ନ ସମୟରେ ଓଡ଼ିଶାର ସୀମାନ୍ତ ଗ୍ରାମଗୁଡିକରେ ବାରମ୍ବାର ଅନୁପ୍ରବେଶ କରି ଆନ୍ଧ୍ର ନିଜର ସ୍ଥିତି ଜାହିର କରୁଛି। ବିଭିନ୍ନ ସ୍ଥାନରେ ମେଗା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରୁଥିବା ଦେଖିବାକୁ ମିଳୁଛି। ଶୁକ୍ରବାର ଏପରି କିଛି ଦୃଶ୍ୟ ପୁଣି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ଧୂଳିପଦର ଗ୍ରାମରେ। ଆନ୍ଧ୍ରର ପାର୍ବତୀପୁରମ୍ ମାନ୍ୟମ୍ ଜିଲା ପ୍ରଶାସନ ନିର୍ଦ୍ଦେଶରେ ସାଲୁର ବ୍ଲକ ପ୍ରଶାସନ ଓଡ଼ିଶାର କୋଟିଆ ପଞ୍ଚାୟତର ଧୂଳିପଦର ଗ୍ରାମରେ 'ଜଗନ୍ ସୁରକ୍ଷା ଆରୋଗ୍ୟ' ନାମରେ ମେଗା ସ୍ୱାସ୍ଥ୍ୟସେବା ଶିବିର କରିଛି। ଏଥିରେ ୫ଶହରୁ ଉର୍ଦ୍ଧ୍ୱ ଲୋକ ନାମ ପଞ୍ଜୀକରଣ କରି ସ୍ୱାସ୍ଥ୍ୟସେବା ପାଇଛନ୍ତି। ସାଲୁର ବ୍ଲକ ପ୍ରଶାସନ ତଥା ବିଡିଓ ଜି.ପାର୍ବତୀଙ୍କ ନେତୃତ୍ୱରେ ହୋଇଥିବା ଏହି ସ୍ୱାସ୍ଥ୍ୟସେବା ଶିବିରରେ ମୁଖ୍ୟ ଅତିଥି ରୂପେ ଏସ୍‌ଟି କମିଶନ ଅଧ୍ୟକ୍ଷ ଡି.ଶଙ୍କର ରାଓ ଯୋଗଦେଇ ସୀମାନ୍ତ ଗ୍ରାମବାସୀ ଯେପରି ଉଚିତ ସ୍ୱାସ୍ଥ୍ୟସେବା ପାଇପାରିବେ ସେ ନେଇ ଗୁରୁତ୍ୱାରୋପ କରିଥିଲେ।

ଅନ୍ୟପକ୍ଷରେ ସୀମାନ୍ତ ଗ୍ରାମରେ ଲୋକେ କିପରି ଆନ୍ଧ୍ର ସ୍ୱାସ୍ଥ୍ୟସେବାକୁ ଗ୍ରହଣ କରୁଛନ୍ତି ସେନେଇ ସମ୍ପ୍ରତି ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡି.ଶ୍ରୀନିବାସ ରାଓ, ଉପସାଂସଦ ରେଡ୍ଡୀ ସୁରେଶ କୁମାର,

☞ପୃଷ୍ଠା-୭



# ଦୋକାନଦାର

(ଭାଗ – ୨)

ଭଗବତୀ ଚରଣ ପାଣିଗ୍ରାହୀଙ୍କ ଜନ୍ମ ୧ ଫେବୃୟାରୀ ୧୯୦୮ରେ ଓ ପରଲୋକ ୨୩ ଅକ୍ଟୋବର ୧୯୪୩ରେ। ସେ ଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ 'ଫର୍‌ୱାର୍ଡ଼ ବ୍ଲକ୍'ର ପ୍ରତିଷ୍ଠାତା ସଭ୍ୟ ଓ ଓଡ଼ିଶା କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା। ତାଙ୍କର ପ୍ରସିଦ୍ଧ ଗଳ୍ପ 'ଶିକାର', ଯାହାକି ପ୍ରଥମ ଓଡ଼ିଆ ପ୍ରଗତିବାଦୀ ଗଳ୍ପ ଭାବେ ମାନ୍ୟତାପ୍ରାପ୍ତ। ୧୯୭୬ରେ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ନିର୍ମାତା ମୃଣାଳ ସେନ୍ 'ମୃଗୟା' ଶୀର୍ଷକରେ ଚଳଚ୍ଚିତ୍ର ରୂପ ଦେଇଛନ୍ତି। 'ନବଯୁଗ ସାହିତ୍ୟ ସଂସଦ' ଓ 'ଆଧୁନିକ' ପତ୍ରିକାର ପ୍ରତିଷ୍ଠାତା ଭଗବତୀଙ୍କର ବିସ୍ମୃତ ଓ ଗ୍ରନ୍ଥାୟିତ ହୋଇ ନ ଥିବା ଗଳ୍ପ 'ଦୋକାନଦାର'ର ଭାଗ-୧ ଗତ ସଂଖ୍ୟାରେ ପ୍ରକାଶ ପାଇଥିଲା। ଏଥର ପତ୍ରସ୍ଥ ହେଲା ଭାଗ-୨ 'ସାହିତ୍ୟାୟନ'ର ପାଠିକାପାଠକଙ୍କ ପାଇଁ...



ଭଗବତୀ ଚରଣ ପାଣିଗ୍ରାହୀ

ସେ ଘର ଭିତରେ ପଶି ଆଗ ଚାରିଆଡ଼ ଖୋଜିବାକୁ ଲାଗିଲା। ଶେଷରେ ଦେଖିଲା ଖଟତଳେ ଗୋଟିଏ କୋଣରେ ମଣିଷ ଦେହଟିଏ ଜାକିଜୁକି ହୋଇ ରହିଛି। ସେ ମୋହିନୀ ଆଡ଼କୁ ନିଜର ରକ୍ତଚକ୍ଷୁ ଫେରାଇ ପଚାରିଲା, "ଘରେ ପରା କେହି ନ ଥିଲେ ; ଏ ତେବେ କିଏ ?" ମୋହିନୀ ଚିତ୍କାର କରି ସେଠାରୁ ପଳାଇବାକୁ ବସିଥିଲା। କିନ୍ତୁ ତାହାର ଶକ୍ତ ମୁଠାରୁ ହାତ ମୁକୁଳାଇ ନେବା କ'ଣ ସହଜ? ସେ ମୋହିନୀକୁ ଅଟକାଇ କହିଲା, "ଚୁପ୍ କର ; କହ ଏ କିଏ ?" ମୋହିନୀ ଥରି ଥରି କହିଲା, "ଚଉଧୁରୀଙ୍କ ପୁଅ।"

"ଦୋକାନଦାର ଚଉଧୁରୀ ? ଆସନ୍ତୁ ଆଜ୍ଞା, ଆପଣଙ୍କ ଲାଖି ଜାଗା ସେ ନୁହେଁ।"

ଲୁକ୍କାୟିତ ଶରୀରଟି ଆସ୍ତେ ଆସ୍ତେ ହଲିବାକୁ ଲାଗିଲା। "ଡେରି କାହିଁକି ବାବୁ, ବାହାରି ଆସନ୍ତୁ ତୁରନ୍ତ।" ଭଦ୍ରଲୋକଟି ଖଟତଳୁ ବାହାରି ଆସି ଠିଆ ହେଲା।

"ଘରେ ପିଲା ମାଇପିଙ୍କୁ ଛାଡ଼ି ଏଠିକି ଆସିବାର ମତଲବ ?" ଘରେ ନିଜର ସ୍ତ୍ରୀ ଥାଉ ଥାଉ ଲୋକେ କାହିଁକି ବେଶ୍ୟା ଘରକୁ ଆସନ୍ତି, ସେ କଥା ସେ ଆଦୌ ବୁଝିପାରିଲା ନାହିଁ। ସେ ଏ କଥା ଏଇ ଯେ ପ୍ରଥମ ଦେଖିଲା ତାହା ନୁହେଁ। ବହୁବାର ଏହା ପୂର୍ବରୁ ଦେଖିଛି ଏବଂ ପ୍ରତିଥର ତା' ମନରେ ସେଇ ଗୋଟିଏ ପ୍ରଶ୍ନ ଜାଗିଛି। ତାହାର ସମାଧାନ ସେ କରିପାରି ନାହିଁ। ଆଜି ଏ ଲୋକଟାକୁ ସାମ୍ନାରେ ଠିଆ ହେବାର ଦେଖି ଘୃଣାରେ ତା'ର ସର୍ବାଙ୍ଗ କଣ୍ଟକିତ ହୋଇ ଉଠିଥିଲା। ସେ ନିଜର ବଜ୍ରମୁଷ୍ଟି ତାହାର ଗଳାରେ ରଖିଲା, ସେ ମୁଷ୍ଟିର ସ୍ପର୍ଶରେ ବାବୁଟିର ରକ୍ତ ପାଣି ହେବାକୁ ଲାଗିଲା। ସେ ଥରି ଥରି କହିଲା, "ଏଇଥର ଛାଡ଼ିଦିଅ, ଆଉ ଏଠିକି ଆସିବି ନାହିଁ।"

"ଏ ସବୁ ଜାଗା ଉପରକୁ ଆସିବାକୁ ହେଲେ ଛାତିରେ ସାହସ ଆଉ ବାହାରେ ବଳଥିବା ଦରକାର ; ବୁଝିଲ।"

ଦାଣ୍ଡଦୁଆରେ ପୁଣି କିଏ ଆଘାତ କରିବାର ଶୁଣାଗଲା। ବାବୁଟି ଉପରୁ ଆଖି ଫେରାଇ ସେ ମୋହିନୀ ଆଡ଼କୁ ଚାହିଁଲା।

"ପୁଣି କିଏ ଦୁଆରେ ଡାକିଲା ?"

ମୋହିନୀ ତା' ଆଡ଼କୁ ନ ଚାହିଁ ଉତ୍ତର କଲା, "ଆଉ କାହା ଦୁଆରେ ଡାକୁଥିବ ନା।"

"ଯେମିତି ଏ ଦଣ୍ଡକ ଆଗରୁ ଆଉ କାହା ଘରେ ପାଟି ଶୁଣାଯାଉଥିଲା। ଦେଖିଲା ବେଳକୁ ଏଡ଼େ ସୁନ୍ଦର ଭଦ୍ରଲୋକଟି ଖଟ ତଳୁ ବାହାରିଲେ ?"

ମୋହିନୀ ଏ କଥାଟାରେ ସାପ ପରି ଫଁ କରି ବୁଲିପଡ଼ି କହିଲା, "ମୋ' ଇଚ୍ଛା ମୁଁ ଯାହା କଲି ; ତୁ କିଏ ସେ କହିବାକୁ ?"

ସେ ମୋହିନୀର ଗଳାକୁ ହାତରେ ଚାପି ଧରି କହିଲା, "କ'ଣ କହିଲୁ ? ତୋର ଯାହା ଇଚ୍ଛା ତାହା କରିବୁ ?"

ଚୌଧୁରୀବାବୁଟି ଏ ହାଲ୍ ଦେଖି ଭୟରେ ତଟସ୍ଥ ହୋଇ ରହିଥାଏ।

ମୋହିନୀ ରୁଦ୍ଧକଣ୍ଠରେ କହିବାକୁ ଲାଗିଲା, "ମୋ' ଘରେ ରହି, ମୋ' ଉପରେ ଖାଇ, ପୁଣି ମୋର ତଣ୍ଟି କଣାକରି ରକତ ଶୋଷୁଛୁ ? ମୁଁ ରୋଜଗାର କରୁ ନ ଥିଲେ ମୁଠାଏ ଖାଇବାକୁ ମିଳୁ ନଥା'ନ୍ତା ତତେ। ଯାହା ତ ତୁ ଲି ରୋଜଗାର କରୁ ସବୁ ମଦ ଗୁଲିରେ ଉଡ଼ଉ। 'ଛାଡ଼ ମତେ ଛାଡ଼' କହି ମୋହିନୀ ତା'ର ହାତରେ ଦାନ୍ତ ବସାଇଦେଲା।

ମଦନିଶାର ଅସ୍ପଷ୍ଟ ପର୍ଦ୍ଦାଟା ତାହାର ଆଖି ଆଗରୁ ହଠାତ୍ ଖସିଗଲା। ସେ ମୋହିନୀକି ମୁକ୍ତି ଦେଇ କହିଲା, "ଯା, ତୋର ଯାହା ଇଚ୍ଛା କର।" ସେ ବୁଝିଲା ଯେ ମୋହିନୀ ରୋଜଗାରରେ ଚଳିବା ତା' ପକ୍ଷରେ ବଡ଼ ନିନ୍ଦାର କଥା। କିନ୍ତୁ ମୋହିନୀ ଯେ ଏପରି ଭାବରେ ରୋଜଗାର କରି କାହିଁକି ତାକୁ ଚଳାଉଥିଲା ସେ କଥା ବୁଝିବାକୁ ସେ ଚେଷ୍ଟା କଲା ନାହିଁ।

ବାହାର କବାଟ ଖୋଲି ତଳକୁ ଓହ୍ଲାଇବାକୁ ପାଦ ବଢ଼ାଉଛି, ଏତିକିବେଳେ ତା'ର ପଛଆଡୁ ଗୋଟାଏ ଧକ୍କା ବାଜିଲା, ସଙ୍ଗେ ସଙ୍ଗେ କବାଟ ଦେଉ ଦେଉ ଚଉଧୁରୀ ବାବୁଟି କହିଉଠିଲା, "ନିକ୍‌ଲୋ ପାଜି, ନିକ୍‌ଲୋ" ଏତେବେଳକେ ସେ ଲୋକଟିର ଆତ୍ମାଭିମାନ ପ୍ରକାଶ ପାଇଲା।

ସେ ମୋହିନୀ ପାଖକୁ ଫେରି ଆସି କହିଲା, "ଏକ ଧକ୍କା ଦେଲି ଯେ ଗଡ଼ି ଗଡ଼ି ଏକାବେଳେ ରାସ୍ତାରେ– ଆ ଏଥର– ଆସିବୁଟି," କହି ତାକୁ ଭିତରକୁ ଟାଣିଲା। ଏହି ସମୟରେ ପୁଣି ଦାଣ୍ଡ କବାଟରେ ଆଘାତ ହେଲା। ବାବୁଟି ଭୀତ ହୋଇ ଭାବିଲା "ପୁଣି କ'ଣ ସେ ଫେରିଲା କି?" ସେ ମୋହିନୀକୁ ଅନୁନୟ କରି କହିଲା, "ହେ କବାଟ ଖୋଲ ନା ଟି" ମୋହିନୀ କିଛି ନ ଶୁଣି କବାଟ ଖୋଲିଦେଲା। ଭିତରକୁ ପଶିଲା, ଧନୁ ସିଂ। ସେ ବିଡ଼ି ତିଆରି କରି ପେଟ ପୋଷେ, ନିଶା ଖର୍ଚ୍ଚ ଚଳାଏ, ବେଳେବେଳେ ଏ ପଡ଼ାରେ ବି ମୁହଁ ମାରି ଯାଏ।

ତା' କାନ୍ଧରେ ହାତ ପକାଇ ମୋହିନୀ କହିଲା, "ଆ ଧନୁ ଭାଇ ; ଭିତରେ ବସ୍।" ଦୁହେଁଯାକ ଭିତରେ ବସି ଗପ ଆରମ୍ଭ କରିଦେଲେ। ବାବୁଟି ଧୀରେଧୀରେ ରାସ୍ତା ଧରିଲା। ଘରକୁ ଫେରିବା ବାଟରେ ଦେଖିଲା ନିଜ ଦୋକାନ ପାଖ ସେହି ଛୋଟ ମଇଳା ଦୋକାନରେ କିରାସିନି ବତିଟିଏ ଜଳୁଛି। ଦୋକାନଦାର କାମରେ ବ୍ୟସ୍ତ। କିରାସିନି ବତିଟିକୁ ସାମ୍ନାରେ ରଖି ସେ କେତେବେଳେ ଛୁରିଟିକୁ ପଜାଇ ନେଉଛି, କେତେବେଳେ ଚମଡ଼ା କାଟୁଛି, କେତେବେଳେ ବା ହାତୁଡ଼ି ଧରି ଠକ୍‌ଠକ୍ କରି କଣ୍ଟା ପିଟୁଛି। ଚୌଧୁରୀ ବାବୁଟି ସେ ବାଟେ ଯିବାକୁ ସାହସ କଲା ନାହିଁ। କେଜାଣି କାଳେ ଧକ୍କା ମାରିବାର ଫଳଟା ହାତେହାତେ ମିଳିଯାଏ। ଅନ୍ୟ ରାସ୍ତାରେ ଘରକୁ ଫେରିବା ବେଳେ ଭାବିଲା, "ଠିକ୍ ସମୟରେ ଦୋକାନ ଖୋଲିଛି। ଅସଲ କାରବାରର ବକତ ଏକା। ବଜାରରେ ଯେତିକି ବେଳେ ଗହଳ ଚହଳ ସେତିକିବେଳେ ୟା' ଦୋକାନ ବନ୍ଦ ; ଆଉ ଦୋକାନ ଖୋଲା ରହିଛି ଯେତେବେଳେ ରାସ୍ତାଘାଟ ନିଶ୍ଚଳ। ନିଶାଖୋର ନ ହେଲେ ୟା' କିଏ କରିବ ?" ମନେମନେ ଖୁବ୍ ହସି ହସି ସେ ଘରକୁ ଫେରିଲା। (ସମାପ୍ତ)

## କବିତା

### ଶୀତଋତୁ

ନିହାରିକା ରାୟ ବରାଳ

ଶୀତ ଏବେ ଆସିଲାଣି
ସାଙ୍ଗେ ଧରି ଉତ୍ତରା ପବନ
ଆସ ଆମେ ବୁଲିଯିବା ପ୍ରିୟତମ
ଘୋଡ଼ି ହୋଇ ସ୍ମୃତିର ଚାଦର

ଏ ସହର ଗୋଟାଯାକ
ଚୁପୁଚାପ କଥା ହେଉଛନ୍ତି
ଆମେ କାଳେ ଶାଳପିଆଶାଳ ଦେହେ
ଆକାଶକୁ ସାକ୍ଷୀ ରଖି
ପ୍ରଣୟର ଗୀତ ଲେଖିଛନ୍ତି

'ଯତନ ନଗର' ଦେଖ ଲୁଚିଯାଏ
କୁହୁଡ଼ିର ପଣତ କାନିରେ
ତମେ ଆସ ପ୍ରିୟତମ
ମୁଁ ତମକୁ ଡାଙ୍କି ଦେବି
ମୋ' ବଗିଚା ସେବତୀ ଫୁଲରେ

ଶୀତ ଖେଳେ ଲୁଚକାଳି
ପାହାଡ଼ର ଚୂଡ଼ାରୁ ଚୂଡ଼ାକୁ
ଶୀତ ପୁଣି ଚୁମାଦିଏ
ବ୍ରାହ୍ମଣୀର ସୂର୍ଯ୍ୟସ୍ନାତା ସ୍ଫଟିକ ଜଳକୁ

ଶୀତ ଆସେ ଢଳିଢଳି
କପିଳାସ ପାହାଡ଼ ଶିଖରୁ
ସ୍ୱପ୍ନର ମଦିରା ପିଇ
ରାତି ସାଥେ ସନ୍ଧି କରିବାକୁ

ତମେ ଆସ ପ୍ରିୟତମ
ଅପେକ୍ଷାରେ ମୁକୁଳା ଦୁଆର
ଫେରିଯିବ ଶୀତଋତୁ
ମୋ' ଆୟୁଷ ଅବା କେତେ କାଳ ?

'ଅନୁରାଗ'
ବି/୧୦, ପ୍ରତିଭା ଏନ୍‌କ୍ଲେଭ
ବଜେବି ନଗର, ଭୁବନେଶ୍ୱର

### ବର୍ଷାର ରୂପ

ତେଜସ୍ୱିନୀ ପଣ୍ଡା

ବର୍ଷା !
ମୋର ପୂର୍ବତନ ପ୍ରେମିକା
ଭିତରୁ ଜଣେ,
କେବେ ପ୍ରେମର
କଳାବାଦଲକୁ ଟାଣିଆଣି
ଘୋଟିଯାଏ,
କେବେ ପ୍ରତାରଣା ଦେଇ
ମରୁଡ଼ି ସାଜେ।

ବର୍ଷା !
ମୋ ଆଖିରେ ଲୁହ
ହେଇ ଝରିଯାଏ,
ସାରା ଶରୀରର ଶୋଷକୁ
ମେଣ୍ଟାଇଦିଏ ତା' ପ୍ରେମରେ।

ବର୍ଷା !
ମୋର ହୃଦୟ ଖୋଲି
ବିନା ଅନୁମତିରେ
ପ୍ରବେଶ କରେ,
ଭରିଦିଏ ମୋ' ରକ୍ତରେ
ତା'ର ଶୀତଳତା।

ବର୍ଷା !
ମୋ' ଗାଁରେ ବହିଯାଉଥିବା
କୁଳୁକୁଳୁ ନଈ,
ତା' ସ୍ରୋତରେ ମତେ
ଭସେଇଦିଏ,
ମତେ ଛୁଇଁଦେଇ
ଉଭେଇଯାଏ ସାଗରରେ।

ବର୍ଷା !
ମୋର ଅଭିମାନର
ଗୁପ୍ତ କାରଣ,
ତା' ପ୍ରଣୟରେ ଚିଠି
ଲେଖି ଭାଙ୍ଗିଦିଏ ମୋର
ଢଳଢଳ ଅଭିମାନ।

ବର୍ଷା !
ମୋ' ଲଣ୍ଠନ କାଚରେ
ଦିକ୍ ଦିକ୍ ଜଳୁଥିବା ଆଲୁଅ,
ଅମାବାସ୍ୟାର ଅନ୍ଧାର
ଲିଭାଇ ତେଜିଦିଏ
ପୂର୍ଣ୍ଣିମାର ଜହ୍ନ।

ମୋ:୯୬୯୨୩୬୧୪୦୪

ଗୀତି–କବିତା

### ସପନରେ ଆସେ ଯିଏ

ନିରଞ୍ଜନ ସାହୁ

ବେଳେବେଳେ ଯିଏ ମନ ମଧ୍ୟେ ପଶି
ମନ ଆନ୍ଦୋଳିତ କରେ
ତାହା ସାଥେ ଭେଟ କଦାପି ହୁଏନା
ସିଏ ଥାଏ ପର ଘରେ।

ଅନେକ ଦିନର ବ୍ୟବଧାନ ହେବ
ଭେଟ ହୋଇଥିଲା ଯେବେ
ମନେପଡ଼େ ତାହା
ଶେଷଦେଖା ଯାହା
ଆଉ ଦେଖା ହେବ କେବେ
ବାସ୍ତବରେ ଦେଖା ମିଳେନାହିଁ ସିନା
ସ୍ୱପ୍ନ ସେହି ଆଶା ଭରେ।

ସପନରେ ଭେଟ ହୋଇଗଲା ପରେ
ଆଳାପ ଚାଲଇ କେତେ
ପ୍ରୀତି କୁଞ୍ଜବନ ମଧୁର ମିଳନ
ଗୋପନୀୟ କଥା ଯେତେ
ଭାରି ଭଲଲାଗେ ସେତିକି ସମୟ
ନିଦ ଧୀରେଧୀରେ ସରେ।

ନିଦ ଭାଙ୍ଗିଗଲେ
ସିଏ ମନେପଡ଼େ
ତାକୁ ଖୋଜୁଥାଏ ମନ
ହାତପାହାନ୍ତାରେ ନାହିଁ ଆଉ ସିଏ
ଏବେ ସେ ହଜିଲା ଧନ
ଖୋଜି ଲାଭ ନାହିଁ, ପାଇ ସୁଖ କାହିଁ
ରହେ ମୁହିଁ ନିରବରେ।

ମୋ: ୯୯୩୮୭୪୧୫୮୩

# ଗଣିତ ବେଦନା

ଗଳ୍ପ

ବିଜୟ କୁମାର ପଣ୍ଡା

ଅନେକ ବର୍ଷ ପରେ ବାଲ୍ୟବନ୍ଧୁମାନେ ଭେଟହେଲେ ନୂଆ ବର୍ଷ ଭୋଜିରେ। ବଇଁଶୀ, ରବି, ଭଗୁ... ପ୍ରାୟ ଚାଳିଶଟି ଫଗୁଣ ଅତିକ୍ରମ କରିବାକୁ ବସିଲେଣି ସଭିଏଁ। ସାଙ୍ଗବିଧା ଦେଇ ପରସ୍ପରର ହାଲ୍‌ଚାଲ ବୁଝିଲା ପରେ ସ୍ମୃତିଗ୍ରନ୍ଥରୁ କିଛି ପୃଷ୍ଠା ଲେଉଟାଇଲେ।

ବଇଁଶୀ : 'ଏ ରବି! ମନେଅଛି ତ ଷଷ୍ଠ ଶ୍ରେଣୀରେ ଭଗୁର ସେ ଗଣିତ ବେଦନା ?'

ରବି: 'ଷଷ୍ଠରୁ ନଷ୍ଟ! କେମିତି ଭୁଲିହୁଅନ୍ତା ଯେ ସେ କଥା ?'

ଓଃ ହୋ.. ଏଇ ଅଙ୍କ ପାଠଟା ମୋତେ ନାକେଦମ କରିଦେଲାଣି। ଆଉ ଏ ସ୍କୁଲ... ଫୁଲ... ମୁଁ ଯିବିନି। ଭଗୁ ରାଗ ତମତମ ହେଇ ଦାଣ୍ଡପିଣ୍ଡାରେ ଗୋଡ଼ଟା କଚାଡ଼ି ସ୍କୁଲ ବ୍ୟାଗ୍‌ଟାକୁ ଗୋଟିଏ କୋଣରେ ଥୋଇଦିଏ।

ବୟସ ଏଇ ଏଗାର କି ବାର ହେବ, ବ୍ରାହ୍ମଣ ପିଲା। ବ୍ରାହ୍ମଣ ଶାସନ ପରେ ରେବ ନଈ ଉପରେ ଯାଇଥିବା ପୋଲ ଅତିକ୍ରମ କଲେ ପାଖ ଗାଁର ଯେଉଁ ମାଇନର ସ୍କୁଲ୍ ପଡ଼େ, ସେଇଠି ଷଷ୍ଠ ଶ୍ରେଣୀରେ ପଢ଼େ ଭଗୁ। ଗଣିତ ବୋଲି ଯେଉଁ ବିଷୟଟି ଅଛି ତା'କଥା ଭାବିଲେ ମୁଣ୍ଡବିନ୍ଧା, ପେଟ କାଟିବା, ଏମିତିକି ଯାବତୀୟ ପୀଡ଼ା ତା' ଦେହରେ। ଏଇ କେତେଦିନ ହେବ ଏମିତି ବ୍ୟଥା ଯୋଗୁଁ ସ୍କୁଲ୍ ବନ୍ଦ କରିବା ସାର୍‌ଙ୍କ ନଜରକୁ ଆସିଲାଣି କେତେଥର।

ହଠାତ୍ ଭଗୁ ଦୁଇଦିନ ଧରି ସ୍କୁଲ୍ ଆସିଲାନି। ତୃତୀୟ ଦିନ ପ୍ରାର୍ଥନା ସରିବା ପରେ ପ୍ରଥମ କ୍ଲାସ ଆରମ୍ଭ ହେବାକୁ ଯାଉଥିଲା... ବିଷୟ ଗଣିତ। ଆଜି ବି ଭଗୁ କ୍ଲାସରେ ଅନୁପସ୍ଥିତ। ସାର୍ ବଇଁଶୀ ଆଉ ରବି ଦୁହିଁଙ୍କ ଆଡ଼କୁ ଚାହିଁ କହିଲେ– ଆଜି ବି ସେ ପିଲାଟା ଆବ୍‌ସେଣ୍ଟ ? ତମେ ଦୁହେଁ ସେ ଭଗୁର ଘରକୁ ଯାଇ ତା' ସ୍ୱାସ୍ଥ୍ୟ ଅବସ୍ଥା ଟିକେ ବୁଝି ଆସ ତ!

ଶୀତ ସରି ସରି ଆସିଲାଣି... ଖରା ଧୀରେ ଧୀରେ ଟାଣ ହେଉଥାଏ। ରବି ଆଉ ବଇଁଶୀ ଯାଇ ଭଗୁ ଘରେ ପହଞ୍ଚିଲେ।

ହେ ଭଗୁମା'...ସ୍କୁଲ୍‌ପିଲା ଆସିଛନ୍ତି। ଭଗୁକୁ ଡାକିଦେ'– ଭଗୁର ବାପା ଜୋର୍‌ରେ ଡାକ ପକାଇଲେ।

ଘର ଭିତରେ ଭଗୁର ଦେଖା ନ ଥିଲା... ବୋଧେ ତା' ବାପାଙ୍କ ବଡ଼ ପାଟି ତାକୁ ଶୁଭିଯାଇଥିଲା। ଖୋଜାଖୋଜି କରିବା ପରେ ବାଡ଼ିପଟେ ଯେଉଁ ଧାନ ଖଳା ଥିଲା, ସେଇଠି କେହି ଜଣେ ଚାଦରଟିଏ ଘୋଡ଼ି ଶୋଇବାର ଦେଖିବାକୁ ପାଇଲେ ରବି ଆଉ ବଇଁଶୀ। ମୁହଁରୁ ଚାଦରଟି କାଢ଼ି ଦେବା ପରେ ସେ ଭଗୁ ବୋଲି ଜଣାପଡ଼ିଲା।

"ଏ ରବି, ବଇଁଶୀ ଦେଖ... ମୋତେ ଆଜିକି ତିନିଦିନ ହେଲା ଜର। ମିଛ କହୁନିରେ, ଏଇ ଦେଖୁନ ମୋ' ଦେହ ଛୁଇଁ। ଦେହରେ କେତେ ତାତି ଦେଖୁନୁ ଦେଖି।" ରବିର ହାତ ଟାଣି ନେଇ ତା' ଜ୍ୱରର ପ୍ରମାଣ ଦେବାକୁ ଚାହିଁଲା ଭଗୁ।

ରବି ଭଗୁର କଥା ସହଜରେ ବିଶ୍ୱାସ କରିନେଲା ; କିନ୍ତୁ ବଇଁଶୀ ପାଠପଢ଼ାରେ ସବୁବେଳେ ଶ୍ରେଣୀରେ ପ୍ରଥମ କିମ୍ବା ଦ୍ୱିତୀୟ ସ୍ଥାନରେ ଥାଏ। ଅତି ସହଜରେ ସେ କିଛି ବିଶ୍ୱାସ କରେନି... ସନ୍ଦେହ ଦୂର କରିବାକୁ ସେ ପଚାରିଲା– "ଆମେ ଆସିବାବେଳେ ତୋ' ବାପା ଦେଖାହେଲେ, କିନ୍ତୁ ତୋ' ଜ୍ୱର କଥା କିଛି କହିଲେନି ? ତୁ ଉଠ୍... ସାର୍ କହିଛନ୍ତି ତୋତେ ଆମେ ଡାକ୍ତର ପାଖକୁ ନେଇ ଯିବୁ।"

ଡାକ୍ତରଙ୍କ କଥା ଶୁଣି ଭଗୁ ଉଠି ବସିଲା... ଦୁଇ ମିନିଟ କ'ଣ ମନେମନେ ଚିନ୍ତାକଲା କେଜାଣି, କହିଲା– 'ମୋର ଡାକ୍ତର ପାଖକୁ ଯିବା ଦରକାର ନାହିଁ। ଘରେ ଔଷଧ ଅଛି, ତାକୁ ଖାଇ ଠିକ୍ ହେଇଯିବି।' ବଇଁଶୀ ତାକୁ ଜବରଦସ୍ତ ଠିଆ କରାଇଲା। ସେ ଛିଡ଼ା ହେବା ପରେ ଚାରି ପାଞ୍ଚଟା ରସୁଣ ପାଖୁଡ଼ା ଖସିପଡ଼ିଲା। ରବି ଆଉ ବଇଁଶୀ ସେ ରସୁଣକୁ ଦେଖି ପରସ୍ପରକୁ ଚାହିଁଲେ।

'ଏ ସବୁ କ'ଣ ? ସତ କହିବୁ ନା ଆମେ ଦୁଇଜଣ ତୋତେ ଟେକି ଟେକି ସ୍କୁଲ୍ ନେଇଯିବୁ।' ବଇଁଶୀ ଟିକେ ଚଢ଼ାଗଳାରେ କହିଲା। ଭଗୁ ଡରିଯାଇ କହିଲା– "ମୁଁ ଏଇ ରସୁଣ ମୋର ଦୁଇ କାଖ ତଳେ... ଆଣ୍ଠୁ ତଳେ ଆଉ ହାତରେ ଧରି ରଖି ଦେହର ତାତି ବଢ଼ାଇବାକୁ ଚେଷ୍ଟା କରୁଥିଲି। ଖରାରେ ଶୋଇବା ପରେ ଆଉ ଟିକେ ଦେହ ଗରମ ହେଇଗଲେ ସମସ୍ତେ ଜ୍ୱର ହେଇଛି ବୋଲି ବିଶ୍ୱାସ କରିବେ। ତମେ ଦୁହେଁ ସାର୍‌ଙ୍କୁ ଏସବୁ କିଛି କହିବନି ବୋଲି ମୋତେ କଥା ଦିଅ... ମୁଁ ତମ ସାଙ୍ଗେ ଏବେ ସ୍କୁଲ୍ ଯିବି। ମୋତେ ଟିକେ ଗଣିତରେ ସାହାଯ୍ୟ କରିବ ?" ଭଗୁ ହାତଯୋଡ଼ି କହିଲା।

ଭଗୁ କଥା ରଖି ବଇଁଶୀ ଆଉ ରବି କାହାକୁ କିଛି କହିଲେନି।

ଥୁ କରି ପାନଛେପଟା ପକେଇ ଦେଇ ଭଗୁ କହୁଥିଲା– "ମୋ' କଥା ଛାଡ଼ରେ... ମୋ' ପୁଅଟା ପରା ଠିକ୍ ସେମିତି ବାହାନା କରୁଛି, ହେଲେ ତାକୁ ଟେକିଟେକି ସ୍କୁଲ୍ ନେଇ ଯିବାକୁ ତମ ପରି ସାଙ୍ଗମାନେ ତା'ର ନାହାନ୍ତି...।'

ମୋ: ୯୭୩୯୫୯୧୮୧୬



## ପୁସ୍ତକ ପରିଚୟ

### ପୂଜା ପତ୍ରିକା-୨୦୨୩

#### ଅମୃତାୟନ



**ସମ୍ପାଦିକା:** ସୌମ୍ୟା ରଥ

**ଏ–୪ ସାଇଜ୍, ପୃ: ୧୯୨, ମୂଲ୍ୟ: ଟ.୧୨୦/–**

ଶ୍ରୀଅରବିନ୍ଦଙ୍କ ଦୁର୍ଗା ସ୍ତୋତ୍ରରୁ ଆରମ୍ଭ ହୋଇଛି 'ଅମୃତାୟନ'। ନିୟମିତ ବିଭାଗଗୁଡ଼ିକ ହେଲା– ଆଧ୍ୟାତ୍ମିକ ସାହିତ୍ୟ, ଚର୍ଚ୍ଚାରେ, ଧାରାବାହିକ ଉପନ୍ୟାସ, ମାନସ ମନ୍ଥନ, ନବପର୍ବ, ଗଳ୍ପ ସମ୍ଭାର, କବିତା, ଅନୁବାଦ–ଗଳ୍ପ, ରମ୍ୟ ରଚନା ଓ ସ୍ୱାସ୍ଥ୍ୟ। ଯେଉଁମାନଙ୍କ ଲେଖାରେ ସମୃଦ୍ଧ ଏ ପତ୍ରିକା, ସେମାନଙ୍କ ମଧ୍ୟରେ ଅଛନ୍ତି ନିତ୍ୟାନନ୍ଦ ପଣ୍ଡା, ତ୍ରିନାଥ ପଟ୍ଟନାୟକ, ନିଖିଳାନନ୍ଦ ପାଣିଗ୍ରାହୀ, ଶରତ ଚନ୍ଦ୍ର ରଥ, ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଭୂତି ପଟ୍ଟନାୟକ, ଇନ୍ଦିରା ଦାଶ, ଭାସ୍କର ଜେନା, ପ୍ରବୀଣା ମହାନ୍ତି, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ପ୍ରତିଭା ଶତପଥୀ, ହରିହର ମିଶ୍ର, ହୃଷୀକେଶ ମଲ୍ଲିକ, ନୀଳାଦ୍ରି ଭୂଷଣ ହରିଚନ୍ଦନ ଓ ପୀତବାସ ରାଉତରାୟ। ପ୍ରବୀଣ ଲେଖକମାନଙ୍କ ସହ ବହୁ ନୂତନ ପ୍ରତିଭାଙ୍କ ସ୍ୱାକ୍ଷରରେ ପତ୍ରିକାଟି ସମୃଦ୍ଧ।

#### ଶାଶ୍ୱତ ପାହାଚ



**ସମ୍ପାଦକ:** କମଳ କୁମାର ମହାନ୍ତି

**ଏ–୪ ସାଇଜ୍, ପୃ: ୨୯୬,**
**ମୂଲ୍ୟ: ଟ.୨୦୦/–**

ପତ୍ରିକାରେ ଅନେକ ପାହାଚ, ଯଥା: ଫିଚର, ତରୁଣ କବିତା, ଚିତ୍ତରଞ୍ଜନ ପ୍ରବନ୍ଧ, ସଚ୍ଚି ରାଉତରାୟ କବିତା, ଫକୀରମୋହନ କଥା, ଗୋଦାବରୀଶ କଥା, ଗଡ଼ନାୟକ କବିତା, ମାନସିଂହ କବିତା, ନୀଳମଣି ମିଶ୍ର ଅନୁସୃଜନ, ଜୀବନାନନ୍ଦ ଗୀତି ଓ ଗ୍ରନ୍ଥ ସମୀକ୍ଷା ପାହାଚ। ଏହିସବୁ ପାହାଚର ଅଗ୍ରଲେଖକ ଯଥାକ୍ରମେ ଚିତ୍ତରଞ୍ଜନ ନାୟକ, ପ୍ରବୀଣ କୁମାର କବି, ରମାକାନ୍ତ ରାଉତ, ଆଶୁତୋଷ ପରିଡ଼ା, ଅନିଲ କୁମାର ଦାସ, ରମେଶ ପଟ୍ଟନାୟକ, ହୃଷୀକେଶ ମଲ୍ଲିକ, ଅମରେଶ ପଟ୍ଟନାୟକ, ବଙ୍ଗାଳୀ ନନ୍ଦ, ନନ୍ଦକିଶୋର ସିଂହ ଓ ଶିଶିର ନାୟକ। ଶତାଧିକ ପ୍ରବୀଣ ଓ ନୂତନ ଲେଖକଙ୍କ ରଚନାରେ ରୁଚିବନ୍ତ ଶାଶ୍ୱତ ପାହାଚ।

#### ବାଟୋଇ



**ସମ୍ପାଦକ:** ଶତ୍ରୁଘ୍ନ ତରାଇ,

**ଏ–୪ ସାଇଜ୍, ପୃ: ୨୦୦, ମୂଲ୍ୟ: ଟ.୧୭୦/–**

ଜୀବନ ଜିଜ୍ଞାସାର ଅଭିଯାତ୍ରୀ 'ବାଟୋଇ'ରେ ପ୍ରବନ୍ଧ ଓ ସମାଲୋଚନା ପର୍ବରେ ସ୍ଥାନିତ ଦାଶରଥି ଦାସ, ବାବାଜି ଚରଣ ପଟ୍ଟନାୟକ, ବେଣୁଧର ପାଢ଼ୀ, ସୃଜନ–ଆଳାପରେ ତପନ ମହାପାତ୍ର, ଫିଚର୍‌ରେ ମାନମୟୀ ରଥ, ଗଳ୍ପରେ ସଦାନନ୍ଦ ତ୍ରିପାଠୀ, ରବି ସ୍ୱାଇଁ, ତରୁଣ କୁମାର ସାହୁ, ଅନୁବାଦ ଗପରେ ବିଜୟ କୁମାର ପ୍ରଧାନ, କନକ ମଞ୍ଜରୀ ସାହୁ, କାବ୍ୟ କବିତାରେ ଫନୀ ମହାନ୍ତି, ହରପ୍ରସାଦ ଦାସ, ହୃଷୀକେଶ ମଲ୍ଲିକ, ପ୍ରଦୀପ କୁମାର ପଣ୍ଡା, ଶତ୍ରୁଘ୍ନ ପାଣ୍ଡବ, ସୂର୍ଯ୍ୟ ମିଶ୍ର ଓ ପ୍ରଭାସିନୀ ମହାକୁଡ଼। ନୂଆ ଓ ପୁରୁଣା ମିଶି ଦେଢ଼ଶହରୁ ଅଧିକ ଲେଖିକା ଲେଖକଙ୍କ ଲେଖାରେ ପତ୍ରିକାଟି ସମୁଜ୍ଜ୍ୱଳ। ପ୍ରଚ୍ଛଦରେ ନବୀନ ଚିନ୍ତାର ଝଲକ।

#### ଅକ୍ଷାଂଶ



**ସମ୍ପାଦକ:** ହରିଶ୍ଚନ୍ଦ୍ର ବେହେରା

**ଏ–୪ ସାଇଜ୍, ପୃ: ୪୪୮, ମୂଲ୍ୟ: ଟ.୨୫୦/–**

ସମ୍ପାଦକୀୟ ଚିନ୍ତାଦ୍ୟୋତକ– ଏହାର ପ୍ରସଙ୍ଗ 'କବିତା'। ପ୍ରବନ୍ଧରେ ଅଛନ୍ତି ପ୍ରଫୁଲ୍ଲ କୁମାର ମହାନ୍ତି, ଆଦିକନ୍ଦ ସାହୁ, କୁମୁଦ ଚନ୍ଦ୍ର ଦାଶ, ଗଳ୍ପରେ ବିଷ୍ଣୁ ସାହୁ, ରବି ପଣ୍ଡା, ରାଧାଶ୍ୟାମ ରାଉଳ, ମୌସୁମୀ ପରିଡ଼ା ; କବିତାରେ ନିତ୍ୟାନନ୍ଦ ନାୟକ, ମମତା ଦାଶ, ହୃଷୀକେଶ ମଲ୍ଲିକ, ବାସୁଦେବ ସୁନାନୀ, ପୀତାମ୍ବର ତରାଇ ଓ ରକ୍ଷକ ନାୟକ ; ଅନୂଦିତ ଗଳ୍ପରେ ଅନୁରୂପା ସିଂ, ବିଜୟ କୁମାର ମହାନ୍ତି ଓ କନକ ମଞ୍ଜରୀ ପାଢ଼ୀ। ଗୀତି–କବିତାରେ ଗୌର ପଟ୍ଟନାୟକ, ଧନଞ୍ଜୟ ସ୍ୱାଇଁ ଓ ନନ୍ଦକିଶୋର ସିଂହ। ଶେଷ କବିତା ଭାବେ ଶ୍ରୀଦେବଙ୍କ କବିତା ପଲିଟିକାଲ୍ ପୋଏଟ୍ରି ସ୍ଥାନିତ।

#### ଶତଦ୍ରୁ



**ସମ୍ପାଦକ:** ଉପେନ୍ଦ୍ର ପ୍ରସାଦ ନାୟକ

**୧/୮ ଡିମାଇ ସାଇଜ୍, ପୃ: ୩୮୪,**
**ମୂଲ୍ୟ: ଟ.୯୦/–**

ସ୍ମରଣୀୟ କବିତାରେ ସ୍ଥାନିତ ପ୍ରୟାତ ପ୍ରମୋଦ କୁମାର ମହାନ୍ତି, ଗୋପାଳକୃଷ୍ଣ ରଥଙ୍କ କବିତା ଓ ସ୍ମରଣୀୟ ଗଳ୍ପରେ ସ୍ଥାନିତ କୃଷ୍ଣ ଚରଣ ବେହେରାଙ୍କ ଗଳ୍ପ। କବିତାରେ ରାଜେନ୍ଦ୍ର କିଶୋର ପଣ୍ଡା, ହରିହର ମିଶ୍ର, ଫନୀ ମହାନ୍ତି, ଶ୍ରୀହରି ଧଳ ; ଗଳ୍ପରେ ଦିବାକର ମାନସିଂହ, ଭାସ୍କର ଜେନା, ଲକ୍ଷ୍ମୀ ଚାନ୍ଦ, ଆନନ୍ଦ ଚନ୍ଦ୍ର ପହି, ଝରଣା ପଟ୍ଟନାୟକ ; ପ୍ରବନ୍ଧରେ ସଂଘମିତ୍ରା ମିଶ୍ର, ପ୍ରସନ୍ନ କୁମାର ସ୍ୱାଇଁ, ଉଦ୍ଧବ ଚରଣ ନାୟକ ଓ ଫଣୀନ୍ଦ୍ର ଭୂଷଣ ନନ୍ଦ। ବ୍ୟକ୍ତି ଓ ବ୍ୟକ୍ତିତ୍ୱରେ ଗୁରୁକଲ୍ୟାଣ ମହାପାତ୍ର, ଚନ୍ଦ୍ରଶେଖର ନନ୍ଦ ଓ ବିଜୟାନନ୍ଦ ସିଂହ। ଜୀବନସ୍ମୃତିରେ ରମେଶ ପ୍ରସାଦ ପାଣିଗ୍ରାହୀ, ରବିନାରାୟଣ ସେନାପତି ଓ ଦେବଦାସ ଛୋଟରାୟ। ଗୀତି–କବିତା, ଅନୁବାଦ ସାହିତ୍ୟ ଓ ଗ୍ରନ୍ଥ ସମୀକ୍ଷାରେ ପତ୍ରିକାଟି ଋଦ୍ଧିମନ୍ତ।

## କାଳକାଳକୁ

**"ଶୁଣୁଥିବା ଗୀତ ମଧୁର,
ଶୁଣୁ ନ ଥିବା ଗୀତ
କିନ୍ତୁ ମଧୁରତର।"
– ଜନ୍ କୀଟ୍‌ସ**



**ଜନ୍ କୀଟ୍‌ସଙ୍କ** ଜନ୍ମ ୩୧ ଅକ୍ଟୋବର ୧୭୯୫ରେ, ଲଣ୍ଡନର ମୁରଗେଟ୍‌ରେ ଓ ପରଲୋକ ୨୩ ଫେବୃୟାରୀ ୧୮୨୧ରେ ରୋମ୍‌ର ପାପାଲ୍‌ଷ୍ଟେଟ୍‌ସରେ। ସେ ଥିଲେ ରୋମାଣ୍ଟିକ କବିତାର ଦ୍ୱିତୀୟ ପ୍ରଜନ୍ମର କବି, ଯାହାଙ୍କର ସହଗାମୀ ଥିଲେ ଲର୍ଡ ବାଇରନ୍ ଓ ପି.ବି. ସେଲୀ। ମାତ୍ର ୨୫ ବର୍ଷର ସଂକ୍ଷିପ୍ତ ଜୀବଦ୍ଦଶାରେ ସେ ଯେଉଁ ସାରସ୍ୱତ ସୃଷ୍ଟିମାନ କରିଯାଇଥିଲେ, ତାହା ତାଙ୍କୁ ଇଂଲିଶ୍ ଭାଷାର ଅନ୍ୟତମ ପ୍ରଖ୍ୟାତ କବିର ମାନ୍ୟତା ଦେଇଥିଲା। 'Ode to a Nightangale' ହେଉଛି ତାଙ୍କର ସବୁଠୁଁ ପ୍ରସିଦ୍ଧ କବିତା। ତାଙ୍କ କବିତାର ଚିତ୍ରକଳ୍ପ ଖୁବ୍ ସ୍ୱାଭାବିକ ଥିଲା ଓ ତହିଁରେ ଗଭୀର ଆବେଗ ଖୁନ୍ଦିହୋଇ ରହିଥିଲା। କୀଟ୍‌ସ କହନ୍ତି: "ପ୍ରେମ ହିଁ ଧର୍ମ, ଯେଉଁଥିପାଇଁ ମୁଁ ମରିପାରେ।" ସତ୍ୟରେ ସୌନ୍ଦର୍ଯ୍ୟ ଓ ସୌନ୍ଦର୍ଯ୍ୟରେ ସତ୍ୟର ଦର୍ଶନ ଥିଲା ତାଙ୍କର ସବୁଠୁଁ ଗଭୀରତମ ଉପଲବ୍ଧି।

## ସଂକ୍ଷେପରେ

### ଲାଞ୍ଜିଗଡ ବ୍ଲକରେ ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ

ଲାଞ୍ଜିଗଡ଼,୨୭।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକରେ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଶଶାଙ୍କ ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି।



ପୂର୍ବରୁ ଥିବା ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ଗଞ୍ଜାମ ଜିଲା ସାନଖେମୁଣ୍ଡିକୁ ବଦଳି ହୋଇଥିବା ବେଳେ ନୂତନ ବିଡିଓଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। କନ୍ଧମାଳ ଜିଲା ବାଲିଗୁଡ଼ା ବ୍ଲକରେ ରହିଥିବା ପାତ୍ର ବୁଧବାର ଲାଞ୍ଜିଗଡ଼ ବ୍ଲକରେ ଯୋଗଦାନ କରିଛନ୍ତି। ବ୍ଲକରେ କାର୍ଯ୍ୟରତ ବିଭିନ୍ନ ବିଭାଗର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବିଭିନ୍ନ ପଞ୍ଚାୟତ ଜନପ୍ରତିନିଧି ନବାଗତ ବିଡିଓଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ବ୍ଲକର ସମସ୍ତ ପଞ୍ଚାୟତର ମୌଳିକ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେବା ସଙ୍ଗେ ରାଜ୍ୟ ସରକାରଙ୍କ ଅନୁଦାନରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ସରକାରୀ ଯୋଜନା ଯେଭଳି ପ୍ରତ୍ୟେକ ପଞ୍ଚାୟତରେ ପହଞ୍ଚି ପାରିବ। ଯାଦ୍ୱାରା ପ୍ରକୃତ ଗରିବ ହିତାଧିକାରୀମାନେ ଉପକୃତ ହୋଇପାରିବେ ବୋଲି ନୂତନ ବିଡିଓ ପାତ୍ର କହିଛନ୍ତି। ଏହି ଅବସରରେ ଲାଞ୍ଜିଗଡ଼ ପ୍ରେସ କ୍ଲବ ପକ୍ଷରୁ ସ୍ୱାଗତ ତାଙ୍କୁ କରାଯାଇଛି।

### ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା



ନୂଆପଡ଼ା,୨୭।୧୦(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ରଜନା ପଞ୍ଚାୟତ ବେଲଗାଁରେ ୧୩ତମ ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗାଁର ଶତାଧିକ ମହିଳା ଓ ପୁରୁଷ ସଂକୀର୍ତ୍ତନ ଦଳ ସହ ସ୍ଥାନୀୟ ସାଗରବନ୍ଧରୁ କଳସ ଆଣି ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପରେ ସ୍ଥାପନ ପରେ ପୂଜା ଆରମ୍ଭ ହୋଇଛି। ଗଜଲକ୍ଷ୍ମୀ ପୂଜା ୩ ଦିନ ଧରି ଅନୁଷ୍ଠିତ ହେବ। ପୂଜକ ଭାବରେ ସରୋଜ କୁମାର ତ୍ରିପାଠୀ କାର୍ଯ୍ୟ ତୁଲାଉ ଥିବାବେଳେ କର୍ତ୍ତା ଭାବେ ଅର୍ନ୍ତରାମ ଭୋଇ ଓ କରୁଣା ଭୋଇ ଅଛନ୍ତି। ପୂଜା କମିଟି ସଭାପତି ଭାବେ ଲଛମନ ଶଗରିଆ, ସମ୍ପାଦକ ବିହତରାମ କରୁଆ, ଉପସଭାପତି ଜୟଧର ସଳମା, ସହସମ୍ପାଦକ ଭିକରାମ ଖର୍ସେଲ, କୋଷାଧ୍ୟକ୍ଷ ଗୌତମ ବାଗ, ସହକୋଷାଧ୍ୟକ୍ଷ ପିଲାରାମ ଭୋଇ ପୂଜା ପରିଚାଳନା କରୁଛନ୍ତି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ରାସ୍ତା, ନେଟୱର୍କ ସମସ୍ୟା ପର୍ଯ୍ୟଟକଙ୍କୁ କରୁଛି ନିରାଶ

## ମନମୋହୁଛି ରାବଣଦର ଜଳ ପ୍ରପାତ

ଭବାନୀପାଟଣା,୨୭।୧୦(ଉତ୍ତମ କୁମାର ଦାଶ)



ରାବଣଦର ଜଳପ୍ରପାତ।

ପ୍ରାକୃତିକ ଶୋଭାର ଗନ୍ତାଘର କଳାହାଣ୍ଡି। ଜିଲାରେ ଅନେକ ପର୍ଯ୍ୟଟନସ୍ଥଳୀ, ଜଳ ପ୍ରପାତ ରହିଛି। ସେଥିମଧ୍ୟରୁ ରାବଣଧର ଜଳପ୍ରପାତ ଅନ୍ୟତମ। ଭବାନୀପାଟଣା ମୁଖ୍ୟାଳୟରୁ ୧୧ କି.ମି. ଦୂର ଲାଞ୍ଜିଗଡ ବ୍ଲକ ଭଟାଙ୍ଗପଦର ପଞ୍ଚାୟତରେ ରହିଛି ରାବଣଦର ଜଳପ୍ରପାତ। ବର୍ଷା ଋତୁକୁ ଛାଡି ବର୍ଷତମାମ ଏଠାରେ ପର୍ଯ୍ୟଟକ ଆସିଥାନ୍ତି। ବିଶେଷ କରି ନଭେମ୍ବରଠାରୁ ଜାନୁୟାରୀ ଶେଷ ଯାଏଁ ଏଠାରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥାଏ। ଏହି ଜଳ ପ୍ରପାତରେ ପ୍ରାୟ ୨୦ରୁ ୨୫ ଫୁଟ୍ ଉଚ୍ଚ ପାହାଡରୁ ତଳକୁ ପାଣି ପଡିଥାଏ। ସେହିପରି ଜଳ ପ୍ରପାତ ମଧ୍ୟରେ ଭଗବାନ ଶିବଙ୍କ ଏକ ପୂର୍ଣ୍ଣମୂର୍ତ୍ତି ମଧ୍ୟ ନିର୍ମାଣ କରାଯାଇଛି। ଯାହା ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରୁଛି। ପୂର୍ବରୁ ଏହି ଜଳ ପ୍ରପାତର ଉନ୍ନତକରଣ କାର୍ଯ୍ୟ କରାଯାଇ ନ ଥିବାରୁ ଏହା ପ୍ରାୟ ଲୋକ ଲୋଚନକୁ ଆସି ନ ଥିଲା। ତେବେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠି ପକ୍ଷରୁ ଏହି ଜଳପ୍ରପାତର ଉନ୍ନତିକରଣ ପାଇଁ ୩୦ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା। ଏଥିରେ ଜଳ ପ୍ରପାତ ସାମ୍ନାରେ ଓ ରାସ୍ତା ପଟରେ ଗାର୍ଡୱାଲ ନିର୍ମାଣ, ଚାଲିବା ପାଇଁ ପାହାଚ, ଶିବ ମନ୍ଦିରକୁ ଯିବା ପାଇଁ ପାହାଡ ପଟରୁ ପାହାଚ ନିର୍ମାଣ, ବସିବା ପାଇଁ ପେଣ୍ଡାଲ ଓ ଶୌଚାଳୟ ଆଦି ନିର୍ମାଣ କରାଯାଇଛି। ଫଳରେ ପୂର୍ବପେକ୍ଷା ଏଠାରେ ବର୍ତ୍ତମାନ ପର୍ଯ୍ୟଟକ ଆସିବା ପାଇଁ ଆକୃଷ୍ଟ ହେଉଛନ୍ତି। ଅନ୍ୟପକ୍ଷରେ ଭଟାଙ୍ଗପଦର ଗ୍ରାମରୁ ଜଳପ୍ରପାତକୁ ଯାଉଥିବା ୫ କି.ମି. ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଫଳରେ ପର୍ଯ୍ୟଟକ ଯାତାୟାତ କଲାବେଳେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ସେହିପରି ଜଳପ୍ରପାତ ଅଞ୍ଚଳରେ କୌଣସି ମୋବାଇଲ ନେଟୱର୍କ ଆସୁ ନ ଥିବାରୁ ପର୍ଯ୍ୟଟକଙ୍କୁ ଯୋଗାଯୋଗରେ ବାଧା ସୃଷ୍ଟି ହୋଇଥାଏ। ରାସ୍ତା ଓ ନେଟୱର୍କ ସମସ୍ୟା ପାଇଁ ପର୍ଯ୍ୟଟକଙ୍କ ମଧ୍ୟରେ କିଛିଟା ନିରାଶ ଦେଖିବାକୁ ମିଳିଥାଏ। ଏହି ଜଳ ପ୍ରପାତ କଳାହାଣ୍ଡି ଉତ୍ତର ବନଖଣ୍ଡ ଅଧୀନରେ ରହିଥିବାବେଳେ ପର୍ଯ୍ୟଟକଙ୍କୁ ଜଳପ୍ରପାତକୁ ଯିବା ପାଇଁ ପ୍ରତ୍ୟହ ୨୦ଟଙ୍କା ଟିକେଟ ନିଆଯାଇଥାଏ। ତେବେ ରାସ୍ତା ଘାଟ ଓ ନେଟୱର୍କ ସୁବିଧା କରାଗଲେ ଆହୁରି ଅଧିକ ପର୍ଯ୍ୟଟକ ଏଠାକୁ ଆସନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଖଡିଆଳ ପାଟଣା କ୍ଷତ୍ରିୟ ସମାଜର ଯୁବ ଛାତ୍ରୀଛାତ୍ର ସମ୍ମେଳନ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଖଡ଼ିଆଳ,୨୭।୧୦(ସୁଜିତ୍ କୁମାର ପ୍ରଧାନ)

ଦୁରେକେଲା ବ୍ଲକ ମହଖଣ୍ଡ ଗ୍ରାମସ୍ଥିତ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଖଡିଆଳ ପାଟଣା କ୍ଷତ୍ରିୟ ସମାଜର ୪୨ତମ ଯୁବ ଛାତ୍ରୀଛାତ୍ର ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ସମାଜ କୁଳପତି ଶମ୍ଭୁକିଶୋର ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଜ୍ଞାନପ୍ରସାଦ ସିଂ, ସମ୍ମାନିତ ବକ୍ତା ଭାବେ ନନ୍ଦଲାଲ ବାରିକ ଯୋଗଦାନ କରିଥିଲେ। ବରିଷ୍ଠ ପରାମର୍ଶ ଦାତା ଜିତେନ୍ଦ୍ର ସିଂ ବାରିକ, କେତନ ସିଂ ବାରିକ, ବିଜୟ ସିଂ ମହାରଥା, ମହେଶ୍ୱର ପ୍ରସାଦ ବାରିକ, ଅଶ୍ୱିନୀ ପ୍ରଧାନୀ, ଖରତ ଚନ୍ଦ୍ର ବାରିକ, ବଳଦେବ ରାଉତ, ବିଶମ୍ଭର ପ୍ରଧାନ, ରମଣ ସିଂ ବାରିକ, ପ୍ରମୋଦ କୁମାର ଦଣ୍ଡସେନା, ଭୁରିଶ୍ରବା ବିଶି, ଶ୍ରୀହରୀ ପଣ୍ଡା, ଦେବ ସିଂ ନାଏକ, ସଦାନନ୍ଦ ନାଏକ, ତୁଳସାଗର ରାଉତ, ସାମାଜିକ କର୍ମୀ ହରିଶ୍ଚନ୍ଦ୍ର ବାରିକ, ଉପକୁଳପତି ସୁରେନ୍ଦ୍ର କୁମାର ପ୍ରଧାନୀ, ସମ୍ପାଦକ ଦିଲୀପ କୁମାର ନାଏକ, ଯୁଗ୍ମ ସମ୍ପାଦକ ଘୁମେଷ ଚଳାନ, ସହ ସଙ୍ଗଠକ ବିଭୁତି ଭୁଷଣ ବିଶି, କୋଷାଧ୍ୟକ୍ଷ ଶ୍ରୀବତ୍ସ ବାରିକ, ସହ କୋଷାଧ୍ୟକ୍ଷ ରାଜକପୁର ବାରିକ ମଞ୍ଚାସୀନ ରହି ଭାରତ ବର୍ଷରେ କ୍ଷତ୍ରିୟଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ମହଖଣ୍ଡ ଅଞ୍ଚଳ ସଭାପତି ତୁଳସାଗର ରାଉତ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ ଅତିଥିମାନଙ୍କୁ ଆସନ ଗ୍ରହଣ କରିବା ପାଇଁ ସହ କୋଷାଧ୍ୟକ୍ଷ ରାଜକପୁର ବାରିକ ଆବାହନ କରିଥିବା ବେଳେ ସଙ୍ଗଠକ ପରମେଶ୍ୱର ବାରିକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ସମ୍ପାଦକ ଦିଲୀପ କୁମାର ନାଏକ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସହ ସଙ୍ଗଠକ ବିଭୁତି ଭୂଷଣ ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଥମ ଶ୍ରେଣୀଠାରୁ ବିଶ୍ୱବିଦ୍ୟାଳୟସ୍ତର ଯାଏ ୭ଟି ପେଣ୍ଡାଲରେ ନୂଆପଡା, ବଲାଙ୍ଗୀର ଜିଲାର ଆଂଶିକ ଛତିଶଗଡର ଏକ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଭିନ୍ନ ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୂଲ୍ୟାଙ୍କନ ସଂଯୋଜନାରେ ଶିକ୍ଷା ଓ ସଂସ୍କୃତି ଉପସମିତି ବିଭାଗ ସଭାପତି ତୁମେଶ୍ୱର ଚକାନ, ଦେବାନନ୍ଦ ଚଳାନ, ମହେନ୍ଦ୍ର ବାରିକ, ରଣଜିତ ସିଂ ମହାରଥା, ଭଗବାନ ଚଳନ, ସଞ୍ଜୟ କାନ, ରୂପେଶ କୁମାର ଦଣ୍ଡସେନା, ନିଳାଞ୍ଚଳ ବାରିକ, ଦେବ କୁମାର ଦଣ୍ଡସେନା, ମାନଭଞ୍ଜନ ଦଣ୍ଡସେନା, ଶଙ୍କର୍ଷଣ ଦଣ୍ଡସେନା କର୍ଯ୍ୟ ସମ୍ପାଦନ କରିଥିବା ବେଳେ ଧାରା ବିବରଣୀ ପ୍ରଦାନ କରିଥିଲେ ହୃଷିକେଶ ଦଣ୍ଡସେନା, ଅଧ୍ୟାପକ ରୁଦ୍ରମାଧବ ବାରିକ, ବିଭୁତି ଭୂଷଣ ବିଶି, ରାଜକପୁର ବାରିକ। କାର୍ଯ୍ୟକ୍ରମ ମହଖଣ୍ଡ ଗ୍ରାମର ସମସ୍ତ କ୍ଷତ୍ରିୟ ବନ୍ଧୁ ଓ କ୍ଷତ୍ରୀୟ ମହିଳା ତଥା ଯୁବକମାନେ ସହଯୋଗ କରିଥିବା ବେଳେ ଖଡିଆଳ ପାଟଣା କ୍ଷତ୍ରିୟ ସମାଜରେ ୩୦ଟି ଅଞ୍ଚଳ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ୫ଦଫା ଦାବି ନେଇ ତହସିଲ, ବ୍ଲକ କାର୍ଯ୍ୟାଳୟ ଘେରାଉ

ନର୍ଲା,୨୭।୧୦(ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ସିପିଆଇ (ଏମଏଲ)ଜାଗ୍ରତ ସମିତି ପକ୍ଷରୁ ୫ଦଫା ଦାବି ନେଇ ଶୁକ୍ରବାର ନର୍ଲା ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଛି। ସାଧାରଣ ସମ୍ପାଦକ କେଶବ ପ୍ରଧାନ ନେତୃତ୍ୱରେ ନର୍ଲା ବେହେରା ପାର୍ଟିଠାରୁ ପାରମ୍ପରିକ ବାଦ୍ୟ ସହ ଶହ ଶହ ଭୂମିହୀନ ଆଦିବାସୀ ବିଶାଳ ଶୋଭାଯାତ୍ରାରେ ବାହାରି ପ୍ରଥମେ ତହସିଲଦାର ଓ ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ନାରା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନର୍ଲା ତହସିଲଦାର ବିଶ୍ୱରଞ୍ଜନ କହଁର ଓ ଏବିଡ଼ିଓ ଦେବେନ୍ଦ୍ର ସାମଲଙ୍କ ଉପସ୍ଥିତିରେ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଜଙ୍ଗଲ ଜମିରେ ବସବାସ କରି ରହିଆସୁ ଥିବା ପଦର (ଗାଁ)ଗୁଡ଼ିକର ଦାବିଦାରମାନଙ୍କୁ ସ୍ଥାୟି ପଟ୍ଟା ଦେବା ସହ ପ୍ରଧାନମନ୍ତ୍ରୀ ଆବାସ, ଜଙ୍ଗଲରେ ରହି ଆସୁଥିବା ଗାଁଗୁଡିକୁ ରାସ୍ତା, ପାନୀୟ ଜଳ, ସ୍କୁଲ, ଅଙ୍ଗନୱାଡି, ନର୍ଲାଠାରେ ଲୋକମୋଟିଭ କାରଖାନା ଶୀଘ୍ର ନିର୍ମାଣ ଆଦି ରହିଛି। କଳାହାଣ୍ଡି ଜାଗ୍ରତ ସମିତିର ସହ ସମ୍ପାଦକ ଦୟାସାଗର ନାଏକ, ଫକୀର ଚରଣ କନ୍ଦାଡୋରା, ଚନ୍ଦ୍ର ହରିଜନ, ଲଛମନ ଧରୁଆ, ବିପିନ ନାଏକ, ବିମଲ ଧରୁଆ, ପିଲି ମାଝି, ତୁଷା ମାଝି, ଖାଡ଼ିରାମ ଧରୁଆ, ଆନନ୍ଦ ପୁଟା ସହ ଶହ ଶହ ଭୂମିହୀନ ବାସହୀନ ପ୍ରଜା ଉପସ୍ଥିତ ଥିଲେ।

## କ୍ରିଷ୍ଟା ଛକରେ ଲାଗିଲା ହାଇମାଷ୍ଟ ଲାଇଟ

ନୂଆପଡ଼ା,୨୭।୧୦(ମକାରୁ ବେମାଲ): ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଭେଲା ପଞ୍ଚାୟତ କ୍ରୀଷ୍ଟା ଛକଠାରେ ହାଇମାଷ୍ଟ ଲାଇଟ ଉନ୍ମୋଚନ ହୋଇଯାଇଛି। ଜିଲା ପରିଷଦ ପାଣ୍ଠିରୁ ଏହା ଲଗାଯାଇଛି। ଜିଲା ପରିଷଦ ସଦସ୍ୟ ଅବନି ରଞ୍ଜନ ଯୋଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ ହାଇମାଷ୍ଟ ଲାଇଟ ଉନ୍ମୋଚନ କରିଛନ୍ତି। ଆଗାମୀ ଦିନରେ ଅନ୍ୟ ଛକଗୁଡିକରେ ହାଇମାକ୍ସ ଲାଇଟ ଲଗାଯିବ ବୋଲି କହିଛନ୍ତି। ଭେଲା ସରପଞ୍ଚ ବିମଳ ଯୋଶୀ, ଗୁଣସାଗର ନିଆଳ, ସଞ୍ଜୀବ କୁମାର ମିଶ୍ର, ରତିକାନ୍ତ ମହାନ୍ତି, ସ୍ୱପ୍ନେଶ୍ୱର ଯୋଶୀ, ନଟ ଆଡବଙ୍ଗ, ଅଜୟ କୁମାର ଗହିର, ମଦନ ବାଗ, ଦୁଷ୍ମନ୍ତ ନିଆଲ, ଚିନ୍ମୟ କୁମ୍ଭାର, ଡୋଲେଶ୍ୱର ନିଆଳ, ପ୍ରମାନନ୍ଦ ଦାସ, ହୋତା ଆଡବଙ୍ଗ, ସନ୍ତୋଷ ଦୀପ, ତ୍ରିପାଳ କୁମ୍ଭାର, ଟୁନା କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ମା’ ସୁନାଦେଈ ଛତର ଯାତ୍ରା



ମା’ ସୁନାଦେଈଙ୍କ ଛତରଯାତ୍ରା।

ନୂଆପଡ଼ା,୨୭।୧୦(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ଚକୋଟିଆ ଭୁଞ୍ଜିଆମାନଙ୍କ ଇଷ୍ଟଦେବୀ ମା’ ସୁନାଦେଈଙ୍କ ଛତର ଯାତ୍ରା ରାତ୍ରି ପାହିଲେ (ଶନିବାର)ଅନୁଷ୍ଠିତ ହେବ। ଛତର ଯାତ୍ରା ପାଇଁ ସୁନାବେଡା ଉପରେ ଥିବା ଗାଁଗୁଡିକ ଚଳଚଞ୍ଚଳ ହୋଇଉଠିଛି। ମା’ ସୁନାଦେଈଙ୍କ ଛତର ଯାତ୍ରା ଦର୍ଶନ ପାଇଁ ନୂଆପଡା ଜିଲା ସମେତ କଳାହାଣ୍ଡି, ବରଗଡ, ବଲାଙ୍ଗୀର ଓ ପଡୋଶୀ ଛତିଶଗଡର ଲୋକେ ଗୋଟିଏ ଦିନ ପୂର୍ବରୁ ଆସି ଅପେକ୍ଷାରେ ରହିଛନ୍ତି। ଚଳିତବର୍ଷ ଚନ୍ଦ୍ର ଗ୍ରହଣ ହେଉଥିବାରୁ ଛତର ଯାତ୍ରା କାର୍ଯ୍ୟ ଆଗତୁରା କରିବା ପାଇଁ ଯାଉଛନ୍ତି। ଦିନକ ପୂର୍ବରୁ ବୋଦାବଳି କାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ମା’ଙ୍କ ଛତର ଯାତ୍ରା ସମୟରେ ଶହ ଶହ ବୋଦାବଳି ହେବ। ମା’ ସୁନାଦେଈଙ୍କ ପୀଠ ରକ୍ତରଞ୍ଜିତରେ ପରିଣତ ହେବ। ସୁନାବେଡା ପୂଜା କମିଟି ପକ୍ଷରୁ ବାହାରୁ ଆସିଥିବା ଭକ୍ତମାନଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥାରେ କରାଯାଇଛି। ଚଳିତବର୍ଷ ପାଗ ଶୁଖିଲା ରହିଥିବାରୁ ପ୍ରବଳରୁ ଅତି ପ୍ରବଳ ଭିଡ ହେବାର ସମ୍ଭାବନା ରହିଛି।

# କଳାହାଣ୍ଡିର ୨୪ ପ୍ରତିଯୋଗୀଙ୍କ ସୋନପୁର ଗସ୍ତ



ତୀରନ୍ଦାଜ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ଖେଳାଳି।

## ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା

ଲାଞ୍ଜିଗଡ଼,୨୭।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୪ ପ୍ରତିଯୋଗୀ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଶୁକ୍ରବାର ସୋନପୁର ଗସ୍ତ କରିଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଗାୟତ୍ରୀ ସ୍କୁଲ ଖେଳ ପଡ଼ିଆଠାରେ ୨୭ରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାରେ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୨ଜଣ ବାଳିକା ଓ ୧୨ଜଣ ବାଳକ ମୋଟ ୨୪ଜଣ ପ୍ରତିଯୋଗୀ ସୋନପୁର ଗସ୍ତ କରିଛନ୍ତି। କୋଚ ସୀମାଞ୍ଜ କାତ୍ରାକାଙ୍କ ନେତୃତ୍ୱରେ ଏହି ପ୍ରତିଯୋଗୀମାନେ ଗସ୍ତ କରିଥିବା ବେଳେ ଟିମ ମ୍ୟାନେଜର ଭାବେ ଗୋମତି ମାଝି ରହିଛନ୍ତି। ସୀମାଞ୍ଜ ଲାଞ୍ଜିଗଡ ଏସଏସଡି ସ୍କୁଲରେ ବେଦାନ୍ତ ଆଲୁମିନା ଦ୍ୱାରା ପରିଚାଳିତ ତୀରନ୍ଦାଜ ପ୍ରଶିକ୍ଷଣ ଶିବିରରେ ତାଲିମ ଦାତା ଭାବେ କାର୍ଯ୍ୟ କରୁଛନ୍ତି। ଗସ୍ତ ବେଳେ ଜିଲା ଆଥଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ବେଦାନ୍ତ ଆଲୁମିନା ଡେପୁଟି ସିଇଓ ଗୋବିନ୍ଦ ଗୋପାଳ ପାଲ, ସିଏସଆର ମୁଖ୍ୟ ବିଭେଦେନ୍ଦୁ ପଣ୍ଡା, ଜିଲା କ୍ରୀଡା ଅଧିକାରୀ ରମେଶ ପାଢ଼ୀ, ଜିଲା ଆଥଲେଟିକ ଆସୋସିଏଶନ ସହ ସମ୍ପାଦକ ସୁନିଲ କୁମାର ବେହେରା, ଜିଲା ଆଥଲେଟିକ ଆସୋସିଏଶନ ପୂର୍ବ ଯୁଗ୍ମ ସମ୍ପାଦକ କାଳୀପ୍ରସାଦ ପଟନାୟକ, ଆଇପି ସଞ୍ଜୟ ମିଶ୍ର, ପୂର୍ବତନ ଆଇପି ମହେନ୍ଦ୍ର ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାଏ, ଲାଞ୍ଜିଗଡ ଏସଏସଡି ସ୍କୁଲ ପ୍ରଧାନ ଶିକ୍ଷକ ପାର୍ଥବ ତାଣ୍ଡି, ବେଦାନ୍ତ ସିଏସଆର ଅଭିନଭ ପ୍ରତାପ, ଶ୍ରୀମୁଖ ଅଗସ୍ତି, ଲାଞ୍ଜିଗଡ଼ କରାଟେ କୋଚ କ୍ଷମାନିଧି ମହାଖୁଡ ତଥା ଏସଏସଡି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ତଥା ବେଦାନ୍ତ ଲିମିଟେଡ଼ କର୍ମଚାରୀମାନେ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ସଫଳତା ପାଇଁ କାମନା କରିଛନ୍ତି।

# ପାରମ୍ପରିକ ନୃତ୍ୟକଳାକୁ ପ୍ରାଧାନ୍ୟ

ସିନାପାଲି,୨୭।୧୦(ମନଫୁଲ ମେହେର)

## ହାତୀବନ୍ଧାରେ ୪୮ତମ କୁମାରୋତ୍ସବ, ଗଜଲକ୍ଷ୍ମୀ ପୂଜା

ନୂଆପଡ଼ା ଜିଲା ସିନାପାଲି ବ୍ଲକ ହାତୀବନ୍ଧାଠାରେ ଚଳିତବର୍ଷ ୪୮ତମ କୁମାରୋତ୍ସବ ଗଜଲକ୍ଷ୍ମୀ ପୂଜା ସ୍ଥାନୀୟ ମେହେର ସମାଜ ପକ୍ଷରୁ ଆୟୋଜିତ ହେଉଛି। ଏ ନେଇ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଥିବା ବେଳେ ପୂଜାକୁ ନେଇ ପୁରା ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଛି। ଏହି ଅବସରରେ ଗୁରୁବାର ଭବ୍ୟ କଳସ ଶୋଭାଯାତ୍ରା ମାଧ୍ୟମରେ ଅଭିମନ୍ତ୍ରିତ ଜଳ ଆଣି ମଣ୍ଡପରେ ସ୍ଥାପନ ପରେ ଅଧିବାସ କାର୍ଯ୍ୟ ଅନୁଷ୍ଠିତ ହୋଇ ପୂଜା ଆରମ୍ଭ ହୋଇଥିଲା। ଆକର୍ଷଣୀୟ ମୂର୍ତ୍ତି ଓ ତୋରଣ ନିର୍ମାଣ ସହ ଲାଇଟ ସାଜସଜ୍ଜାକୁ କମିଟି ଗୁରୁତ୍ୱ ଦେଇଛି। ବିଶେଷ ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାରମ୍ପରିକ ପୌରାଣିକ ଓ କାଳ୍ପନିକ କଥାବସ୍ତୁ ଆଧାରିତ ନୃତ୍ୟକଳାକୁ ପ୍ରାଧାନ୍ୟ ଦିଆଯାଇଥିବା ଦେଖିବାକୁ ମିଳିଛି। ପୂଜାର ବିଭିନ୍ନ ଦିବସର ସନ୍ଧ୍ୟା ଓ ରାତ୍ରିକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଘଣ୍ଟଦଳ, ଭଜନ ସନ୍ଧ୍ୟା, କୃଷ୍ଣଗୁରୁ ପାର୍ଟି, ପୌରାଣିକ ଓ କାଳ୍ପନିକ ନାଟକ, ଦଣ୍ଡନୃତ୍ୟ ଆଦି ପାରମ୍ପରିକ ନାଟ୍ୟକଳା ପରିବେଷଣ କରାଯାଉଥିବା ଆୟୋଜକ ସୂଚନା ଦେଇଛନ୍ତି। ଚଳିତବର୍ଷ ପୂଜା କମିଟି ସଭାପତି ଭାବେ ଧବଳେଶ୍ୱର ମେହେର, ଉପସଭାପତି ମୃତ୍ୟୁଞ୍ଜୟ ମେହେର ଓ ମୁରଲୀଧର ମେହେର, ସମ୍ପାଦକ ଡୋଲାମଣି ମେହେର, ସହସମ୍ପାଦକ ଗୋବର୍ଦ୍ଧନ ମେହେର ଓ କେଶବ ମେହେର ଓ କୋଷାଧ୍ୟକ୍ଷ କନ୍ଦର୍ପ ମେହେର, ଟୋ ମେହେର ଓ ରମେଶ ମେହେର ରହିଥିବା ବେଳେ ସଂଯୋଜକ ଭାବେ ଡୋଲାମଣି ମେହେର, ପ୍ରମୋଦ ମେହେର, ଜନ୍ମେଜୟ ମେହେର ଦାୟିତ୍ୱ ନେଇଛନ୍ତି। ଧବଳେଶ୍ୱର ମେହେର ଓ କୁସୁମାଞ୍ଜଳୀ ମେହେର କର୍ତ୍ତା ରହିଥିବା ବେଳେ ପୀତାମ୍ବର ପଣ୍ଡା ପୂଜକ ଦାୟିତ୍ୱ ନିର୍ବାହ କରୁଛନ୍ତି। ସ୍ଥାନୀୟ ଶିଳ୍ପୀ ଗୁରୁବାରୁ ମେହେର ଓ ସାଥି ଭବ୍ୟ ପୂଜା ମଣ୍ଡପ ନିର୍ମାଣ କରିଛନ୍ତି। ଏହି ପୂଜାନୋତ୍ସବ ଆସନ୍ତା ୩୧ ତାରିଖ ଯାଏଁ ଅନୁଷ୍ଠିତ ହେବାକୁ ଥିବା ବେଳେ ସନ୍ଧ୍ୟାରୁ ବିଳମ୍ବିତ ରାତି ଯାଏଁ ପୂଜା ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି।



# ଦଣ୍ଡପାଟ ଅଧିଷ୍ଠାତ୍ରୀ ଦନ୍ତେଶ୍ୱରୀଙ୍କ ଦଶରାପର୍ବ

## ଖଣ୍ଡା ଧୁଆ ପରେ ରକ୍ତରଞ୍ଜିତ ପୀଠ

ବେହେରା,୨୭।୧୦(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଧିଷ୍ଠାତ୍ରୀ ଦେବୀ ଦନ୍ତେଶ୍ୱରୀଙ୍କ ଦଶରା ପର୍ବ ପାଳିତ ହୋଇଯାଇଛି। ବାଙ୍କିମୁଣ୍ଡାରେ ଦେବୀ ଦନ୍ତେଶ୍ୱରୀଙ୍କ ପୀଠରେ ପ୍ରତିବର୍ଷ ଆଶ୍ୱିନ ଶୁକ୍ଳ ଦାଦଶୀରେ ଖଣ୍ଡା ଧୁଆ ସହ ଦଶରା ପର୍ବ ପାଳିତ ହୁଏ। ଚଳିତବର୍ଷ ଗୁରୁବାର ଦାଦଶୀ ତିଥି ହେତୁ ସନ୍ଧ୍ୟାରେ ଗ୍ରାମର ଗୋନ୍ତିଆ ଓ ପୂଜାରୀଙ୍କ ଘରରୁ ଦେବୀଙ୍କ ଅସ୍ତ୍ର ଶସ୍ତ୍ର ଖଣ୍ଡା ବାହାର କରି ପାଖ ବେହେରା ନଦୀକୁ ନିଆଯାଇ ଧୌତ ପୂର୍ବକ ପୁଣି ପୂଜାରୀଙ୍କ ଘରରେ ସ୍ଥାପନ କରି ବଳି ଦିଆଯାଇଥିଲା। ରାତ୍ରିରେ ମନ୍ଦିର ସର୍ବସାଧାରଣଙ୍କ ପାଇଁ ଖୋଲାଯାଇ ଭକ୍ତଙ୍କ ମାନସିକ ବଳି ବୋଦାରେ ରକ୍ତରଞ୍ଜିତ ହୋଇଥିଲା। ରକ୍ତ ମୁଖା ଦେବୀଙ୍କୁ ଶାନ୍ତ କରିବା ପାଇଁ ଉକ୍ତ ରାତ୍ରରେ ଦେବୀ ପୀଠରେ ବୀର ବାଦ୍ୟ ଘୁମୁରା ପ୍ରକମ୍ପିତ କରିବା ପ୍ରାଚୀନ ନିୟମ ରହିଛି। ଏହି ଅବସରରେ ଘୁମୁରାର ଅନ୍ୟତମ ପ୍ରଣେତା କୁହାଯାଉଥିବା ପଣ୍ଡିତ ରୀକ୍ଷିରାମ ତିୱାରୀଙ୍କ ସ୍ମୃତିରେ ଘୁମୁରା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଗ୍ରାମର ଗୋନ୍ତିଆ ଚିତ୍ତରଞ୍ଜନ ପୂଝାରୀଙ୍କ ସଭାପତିତ୍ୱରେ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌସଧି ବାଗ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂ ଦେଓ, ଧର୍ମଗଡ଼ ବ୍ଲକ ଅଧକ୍ଷା ବବିତା ପଟଯୋଶୀ, ଗୋଲାମୁଣ୍ଡା ଜିଲା ପରିଷଦ ଗୋପୀନାଥ ମହାନନ୍ଦ, ସିନାପାଲି ଜିଲା ପରିଷଦ ପୁଷ୍ପାଞ୍ଜଳି ଗୁହାଳ, ଅଶୋକ ପଟଯୋଶୀ, ମନୋଜ ପଟଯୋଶୀ, ବେହେରା ସରପଞ୍ଚ କୁମୁଦିନି ଗଇନ୍ତା, ଲିପୁ ମହାନ୍ତି ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟଅତିଥି ଭାବେ ବେହେରା ସମିତିସଭ୍ୟ କିଶୋର ଚନ୍ଦ୍ର ନାଗ, ସମ୍ମାନିତ ଅତିଥି ଭାବେ ତେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ, ଈଶ୍ୱର ଲାଳ ଅଗ୍ରୱାଲ, ଈଶ୍ୱର ତିୱାରୀ ମୁଖ୍ୟବକ୍ତା ଭାବେ ପ୍ରଶାନ୍ତ ତିୱାରୀ ଯୋଗଦାନ କରିଥିବା ବେଳେ ସମ୍ପାଦକ ଭୁପେଶ ତିୱାରୀ ସମେତ ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ। ୧୨ଟି ଘୁମୁରା ଦଳ ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ କଦଲିମୁଣ୍ଡା ପ୍ରଥମ, ଡାଲଗୁମା ୨ୟ ଓ ମା’ ଠାକୁରାଣୀ ଦଳ ପଦ୍ମପୁର ତୃତୀୟ ସ୍ଥାନ କରି ପୁରସ୍କୃତ ହୋଇଥିଲେ। ବିଚାରପତି ଭାବେ ବଶିଷ୍ଠ ପାଣ୍ଡେ, ଦୁର୍ବଳ କାଣ୍ଡ, ହେମନ୍ତ ନାଗ ଓ ଚକ୍ରଧର ବେଣୁପାଣି ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପ୍ରଭାତ ତିୱାରୀ, ପ୍ରେମଚାନ୍ଦ କାଣ୍ଡ ଓ ଅଖଣ୍ଡଳମଣି ଭରଟିଆ ପରିଚାଳନା କରିଥିଲେ।



ଦଣ୍ଡପାଟ ଅଧିଷ୍ଠାତ୍ରୀ ଦେବୀ ଦନ୍ତେଶ୍ୱରୀ।

## ସଂକ୍ଷେପରେ

### ସୋହେଲା ବିଡିଓଙ୍କୁ ସମ୍ବର୍ଦ୍ଧନା

**ସୋହେଲା,୨୭।୧୦(ଅଶ୍ୱିନୀ କୁମାର ପାତ୍ର):** ସୋହେଲା ବ୍ଲକ ଅଫିସରେ ନୂତନ ବିଡିଓ ସୁରେନ୍ଦ୍ର ମେହେରଙ୍କୁ ଶୁକ୍ରବାର ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ଅଫିସ ସଭା ଗୃହରେ ଏବିଡିଓ ଭାର୍ଜିଲ ଲାକ୍ରା ସଭା ସଂଯୋଜନା କରିଥିଲେ। ପ୍ରାରମ୍ଭରେ ବିଡିଓ ମେହେରଙ୍କୁ ସ୍ୱାଗତ କରାଯାଇଥିଲା। ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପ୍ତିରାଣୀ ପ୍ରଧାନ ଓ ଜିପିଓ ରଣଜିତ ଜେନା ମଞ୍ଚାସୀନ ଥିଲେ। ନୂତନ ବିଡିଓ ମେହେର ସରକାରଙ୍କ ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

### ଶାରଦୀୟ ପୂଜାନୋତ୍ସବ ଉଦ୍‌ଯାପିତ

**ଗାଇସିଲେଟ,୨୬।୧୦(ବେଦପ୍ରକାଶ କଲେତ):** ବରଗଡ଼ ଜିଲା ଗାଇସିଲେଟରେ ଶାରଦୀୟ ଦୁର୍ଗାପୂଜା ଉଦ୍‌ଯାପିତ ହୋଇଛି। ଗାଇସିଲେଟ ସରପଞ୍ଚ ତଥା ପୂଜା କମିଟି ସଭାପତି ଶରତ କାଲୋ, ସମ୍ପାଦକ ଗଣେଶ ପଣ୍ଡା, ଉପସଭାପତି ବିକ୍ରମ ପୁରୋହିତ, ଲେକ୍ସ ଡୁଡୁକା, ଜନକ କଲେତ ପ୍ରମୁଖ ଏଥିରେ ଯୋଗଦାନ କରିଥିଲେ। ଗାଇସିଲେଟ ୟୁଥ୍ କ୍ଲବ ସଦସ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

### ଜନଶକ୍ତି ପାର୍ଟିର ଉତ୍କଳ ରଥ ପରିକ୍ରମା

**ବରଗଡ଼,୨୭।୧୦(ପ୍ରେମାନନ୍ଦ ଖମାରୀ):** ଜନଶକ୍ତି ପାର୍ଟି ତରଫରୁ ରାଜ୍ୟବ୍ୟାପୀ ଉତ୍କଳ ରଥ ପରିକ୍ରମା କରାଯାଉଛି । ରାଜ୍ୟର ନାମ ଓଡ଼ିଶା ବଦଳରେ ଉତ୍କଳ ରଖାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବି ସହିତ ଏ ନେଇ ପ୍ରଚାର ପତ୍ର ବାଣ୍ଟି ସଚେତନତା ସୃଷ୍ଟି କରାଯାଇଛି। ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ୍ ପ୍ରଦୀପ ଦାଶଙ୍କ ତତ୍ତ୍ୱାବଧାନରେ ଏହି ରଥ ବରଗଡ଼ ଜିଲାର ଘେଁସକୁ ଯାଇଥିଲା। ସେଠାରେ ପଦ୍ମଶ୍ରୀ ହଳଧର ନାଗଙ୍କୁ ପାର୍ଟିର ରାଜ୍ୟ ସଭାପତି ଦାଶ ଏବଂ କର୍ମକର୍ତ୍ତା ଭେଟିବା ସହ ଆଶୀର୍ବାଦ କାମନା କରିଥିଲେ।

### ରୌପ୍ୟ ଜୟନ୍ତୀ ପାଳନ ପ୍ରସ୍ତୁତି

**ଗାଇସିଲେଟ,୨୭।୧୦(ବେଦପ୍ରକାଶ କଲେତ):** ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଫିରିଙ୍ଗିମାଲ ପଞ୍ଚାୟତ ହାଇସ୍କୁଲର ରୌପ୍ୟ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ଡିସେମ୍ବର ୨୨, ୨୩ ଏବଂ ୨୪ତାରିଖ ରୌପ୍ୟ ଜୟନ୍ତୀ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଡନସନା, ସହକାରୀ ଶିକ୍ଷକ ହେମନ୍ତ କୁମାର ବାରିକ, ଛେଲିଆ ପୋଢ଼, ସହଦେବ ସାହୁ, ଗ୍ରାମ କମିଟି ମୁଖ୍ୟ ଅମିନ ସାହୁ, ଅଭିମନ୍ୟୁ ପାଣ୍ଡେଙ୍କ ସମେତ ପୁରାତନ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।

### ୨୮ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼,୨୭।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ବିଜେପୁରର ଅନ୍ତର୍ଜାତୀୟ କରାଟେ ଚାମ୍ପିୟନ ଗଜେନ୍ଦ୍ର ମେହେରା ନିଆରା ଭାବେ ତାଙ୍କ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ସେ ଏକ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ଏଥିରେ ୨୮ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବରଗଡ଼ ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି, ବିଜେପୁର ଏନ୍ଏସି ଅଧ୍ୟକ୍ଷା ସୀତା ବାରିକ, ଅଧ୍ୟାପିକା ବେଲମତୀ କୁମରା, ଡା. ଯଶୋବନ୍ତ ମେହେର, ସରସରା କଲେଜର ଅଧ୍ୟକ୍ଷ ଗୋପାଳକୃଷ୍ଣ ମିଶ୍ର, ବରଗଡ଼ ପୌର ପରିଷଦ କାଉନସିଲର ରୋଶନ ପ୍ରଧାନ, ଆଚିଭର୍ସ ଫାଉଣ୍ଡେଶନ ସଭାପତି ଦିବାକର ମାଝି, ସମ୍ପାଦକ ଭଗବାନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

### ରେଶମରେ ଦାଣ୍ଡ ପୂଜା

**ଭେଡ଼େନ, ୨୭।୧୦(ସୁଦନ ମହାକୁର):** ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ରେଶମ ଗ୍ରାମରେ ଶୁକ୍ରବାର ଦାଣ୍ଡପୂଜା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଖଣ୍ଡାଧୁଆ ପରେ ଶିବ ବରଣ ଓ ଦାଣ୍ଡପୂଜା ହୋଇଥିଲା। ରମେଶ ପଧାନ, ବିଶିକେଶନ ପଧାନ, ନେପାଳ ବେହେରା, ବିକ୍ରମ ସେଠ, ଅନିଲ ସାହୁ, ପ୍ରସାଦି ୟୁଆଡ଼ି, ପ୍ରେମରାଜ ମଲ୍ଲିକ, ସର୍ଜନ ବର୍ଗତି, ରାହୁଲ ଗୁରୁ, ଉପେନ୍ଦ୍ର ବରିହା, ପ୍ରଦୀପ ବର୍ଗତି, ଦେବାନନ୍ଦ ବର୍ଗତି ପ୍ରମୁଖ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# ଘୋଷଣା ହୋଇ ପାରିଲାନି ତାରିଖ

- ତ୍ରୁଟିଶୂନ୍ୟ ଧାନ କିଣାବିକା ଉପରେ ଗୁରୁତ୍ୱ
- ବିକ୍ରିଧାନ ପ୍ରାପ୍ୟ ମିଳି ନ ଥିବାରୁ ଉଦ୍‌ବେଗ
- ବୈଠକରେ ତାରିଖ ଘୋଷଣା ନ ହେବା ପ୍ରଥମ

**ବରଗଡ଼,୨୭।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ଏସ୍‌ପି ପି.ଏସ୍ ମିନା ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣତଃ ଏହି ବୈଠକରେ ଖରିଫ ଧାନ ସଂଗ୍ରହ ପାଇଁ ନୀତି ନିର୍ଦ୍ଧାରଣ କରାଯାଇଥାଏ ଏବଂ ଜିଲାରେ ଧାନ ସଂଗ୍ରହ ତାରିଖ ଘୋଷଣା ହୋଇଥାଏ। ମାତ୍ର ଜିଲାରେ ପ୍ରଥମଥର ପାଇଁ ଏହି ବୈଠକରେ ଧାନ ସଂଗ୍ରହ ତାରିଖ ଘୋଷଣା ହୋଇ ନ ପାରିବା ଚର୍ଚ୍ଚାର ବିଷୟ ହୋଇଛି । ବୈଠକ ସମ୍ପୂର୍ଣ୍ଣ ଫେଲ୍ ହୋଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଜିଲାପାଳ ବାନାର୍ଜୀ କହିଛନ୍ତି, ଧାନ ସଂଗ୍ରହ ତାରିଖ ନେଇ ବୈଠକରେ ଉପସ୍ଥିତ ଚାଷୀମାନେ ଭିନ୍ନ ଭିନ୍ନ ମତ ରଖିଥିଲେ। ଫଳରେ ଧାନ ସଂଗ୍ରହ ଆରମ୍ଭ ତାରିଖ ଚୂଡ଼ାନ୍ତ ହୋଇପାରିନାହିଁ। ସେଥିପାଇଁ ଦିନେ, ଦୁଇଦିନ ମଧ୍ୟରେ ଆଉ ଏକ ଆଲୋଚନା କରାଯିବ। ଟୋକନ ଅବଧି ଯେଭଳି ସରିବ ନାହିଁ ଏବଂ ସବୁ ଚାଷୀ ଧାନବିକ୍ରି ସୁଯୋଗ ପାଇପାରିବେ, ତାକୁ ଦୃଷ୍ଟିରେ ରଖି ଧାନ ସଂଗ୍ରହ ତାରିଖ ଘୋଷଣା କରାଯିବ ବୋଲି ଜିଲାପାଳ ବାନାର୍ଜୀ କହିଛନ୍ତି। ସେହିପରି ଏକର ପ୍ରତି ଚାଷୀଙ୍କଠାରୁ କେତେ ପରିମାଣର ଧାନ କିଣାଯିବ, ତାହା ମଧ୍ୟ ସରକାରୀସ୍ତରରେ ନିଷ୍ପତ୍ତି ନିଆଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଏଥର ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ଏବଂ ଗ୍ରେଡ୍-ଏ ଧାନ କୁଇଣ୍ଟାଲ ପ୍ରତି ୨୨୦୩ ଟଙ୍କାରେ କିଣାଯିବ। ଧାନ ବିକ୍ରିର ୨୪ରୁ ୪୮ଘଣ୍ଟା ମଧ୍ୟରେ ପିଏଫ୍‌ଏମ୍‌ଏସ୍ (ପବ୍ଲିକ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ସିଷ୍ଟମ) ଜରିଆରେ ପି-ପାସ୍ (ପେଡ୍ଡି ପ୍ରୋକ୍ୟୁରମେଣ୍ଟ ଅଟୋନମସ୍ ସିଷ୍ଟମ) ମଡ୍ୟୁଲରେ ଚାଷୀଙ୍କୁ ବିକ୍ରିଧାନର ପ୍ରାପ୍ୟ ମିଳିବ ବୋଲି ବୈଠକରେ ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ । ଜିଲାରେ ଏଥର ୧ଲକ୍ଷ ୫୧ହଜାର ୯୬୨ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଯାଞ୍ଚ ପରେ ଜମି ନ ଥିବାରୁ ସେଥିମଧ୍ୟରୁ ୫୨୭ ଚାଷୀଙ୍କୁ ବାଦ୍ କରି ଦିଆଯାଇଛି ବୋଲି ସୂଚନା ଦିଆଯାଇଥିଲା ।

ଅନ୍ୟବର୍ଷ ଭଳି ଏଥର ମଧ୍ୟ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ), ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲ୍ୟୁଏସ୍‌ଏଚ୍‌ଜି) ଏବଂ ମିଲର୍ସ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବେ। ଏଥିରେ ୫୮ପାକ୍ସ, ୩୪ ଡବ୍ଲ୍ୟୁଏସ୍‌ଏଚ୍‌ଜି ରହିଥିବାବେଳେ ଜିଲାର ୧୧୩ ମିଲର୍ସଙ୍କ ମଧ୍ୟରୁ ଯୋଗ୍ୟତା ଭିତ୍ତିରେ ମିଲର୍ସମାନେ ଏହି ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ। ସେହିପରି ଏଥର ନୂତନ ୨୦ଡବ୍ଲ୍ୟୁଏସ୍‌ଏଚ୍‌ଜିକୁ ଚୟନ କରାଯାଇଥିବା ସୂଚନା ଦିଆଯାଇଥିଲା। ସେହିପରି ଜିଲାର ୨୨୦ ମଣ୍ଡିରେ ଧାନ ସଂଗ୍ରହ କରାଯିବ। ସେଥିମଧ୍ୟରୁ ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧୀନରେ ୭୮, ଅତାବିରା ଆରଏମସି ୬୧ ଏବଂ ପଦ୍ମପୁର ଆରଏମସି ଅଧୀନରେ ୮୧ମଣ୍ଡି ରହିଛି। ପଦ୍ମପୁର ବ୍ଲକର ଲାଉମୁଣ୍ଡା(ଟାରପାଲି), ଭଣ୍ଡାରପୁରୀ, ପାଇକମାଳ ବ୍ଲକର ଟେମରି, ଅମ୍ବାଭୋନା ବ୍ଲକର ଭୈନାତୋରା, ବରଗଡ଼ ବ୍ଲକର ତାଲପାଲି, ବଡ଼ ପିପିଲିପାଲି ଏବଂ ସୋହେଲା ବ୍ଲକର ଡୁମ୍ବେରପାଲିରେ ନୂତନ ଧାନକ୍ରୟ କେନ୍ଦ୍ର (ପିପିସି) ଏବଂ ଗାଇସିଲେଟ ବ୍ଲକର ଗୁଦେରପାଲିରେ ନୂତନ ପାକ୍ସ ଖୋଲାଯିବା ପ୍ରସ୍ତାବ ରହିଥିବା ସୂଚନା ଦିଆଯାଇଥିଲା।

ସପ୍ତାହକ ୬ ଦିନ ମଣ୍ଡି ଗୁଡ଼ିକ ଖୋଲିବ। ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମଣ୍ଡିରେ ଧାନ ସଂଗ୍ରହ କରାଯାଇ ଅପରାହ୍ନ ୧ଟାରୁ ଧାନ ଉଠାଣ ଚାଲିବ । ମଣ୍ଡିଠାରୁ ମିଲ୍ ପର୍ଯ୍ୟନ୍ତ ପରିବହନ ଖର୍ଚ୍ଚ ମିଲର୍ସ ବହନ କରିବେ ଏବଂ ଚାଷୀଙ୍କ ଗନିବ୍ୟାଗ୍ (ବସ୍ତା) ଧାନ ସଂଗ୍ରହ ପ୍ରକ୍ରିୟାରେ ବ୍ୟବହାର ହୋଇପାରିବ ନାହିଁ। ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ମଣ୍ଡିଗୁଡ଼ିକୁ ସୁବ୍ୟବସ୍ଥିତ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ତ୍ରୁଟିଶୂନ୍ୟ ଧାନ କିଣାବିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଗତବର୍ଷ କିଛି ଚାଷୀ ଏପର୍ଯ୍ୟନ୍ତ ବିକ୍ରିଧାନ ପ୍ରାପ୍ୟରାଶି ପାଇ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଟୋକନ ଏବଂ ପଞ୍ଜୀକରଣ ଦାୟିତ୍ୱରେ ରହିଥିବା କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ପରେ ସେ ସମ୍ପର୍କରେ ବିହିତ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା, ବରଗଡ଼ ଉପଜିଲାପାଳ କୁମାର ନାଗଭୂଷଣ, ବରଗଡ଼ ବିଧାୟକଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ନାଏକ, ଚାଷୀନେତା ଜୟକୃଷ୍ଣ ସାହୁ, କିଶୋର ଦେବତା, ରମଣୀ ଦନ୍ତା, ସୁରେଶ ନେକାଣ୍ଟି, ଏକାଦଶିଆ ସାହୁ, ବିରେନ କରଙ୍କ ସମେତ ଯୋଗାଣ, ଆର୍‌ଏମ୍‌ସି, ପାକ୍ସ କର୍ମଚାରୀ ଏବଂ ମିଲର୍ସ ପ୍ରତିନିଧି ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀ, ଜନ ପ୍ରତିନିଧି ।

## ପ୍ରମୋଦଙ୍କୁ ସ୍ୱର୍ଣ୍ଣ ପଦକ, ଅତାବିରାରେ ବିଜୟ ଉତ୍ସବ


ଅତାବିରାରେ ଆନନ୍ଦ ଉଲ୍ଲାସରେ ବିଜୟ ଉତ୍ସବ ପାଳନ କରାଯାଉଛି।

**ସରଣ୍ଡା,୨୭।୧୦(ଯୁଧିଷ୍ଠିର ମହାପାତ୍ର)**

ପ୍ରମୋଦ ଭଗତ ପାରା ଏସିଆନ ଗେମ୍ସର ଏକକ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ତାଙ୍କ ଜନ୍ମମାଟି ଅତାବିରା ଉତ୍ସବ ମୁଖର ହୋଇପଡ଼ିଛି। ଶୁକ୍ରବାର ସ୍ଥାନୀୟ ଅଗ୍ରସେନ ଭବନରେ ସ୍ଥାନୀୟ ଜନସାଧାରଣ, ପ୍ରମୋଦଙ୍କ ସାଥୀ ଖେଳାଳି ଏବଂ ପ୍ରଶଂସକମାନେ ଏକାଠି ହୋଇ ବାଜା ବାଣ ସହ ବିଜୟ ଉତ୍ସବ ପାଳନ କରିଥିଲେ। ଏଥିରେ ତିହାର ମହୋତ୍ସବ କମିଟିରୁ ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ସୁଶାନ୍ତ ଅଗ୍ରୱାଲ, ପ୍ଲେୟାର୍ସ କ୍ଲବ ସଭାପତି ରବି ପଣ୍ଡା, ସମ୍ପାଦକ କୌଶିକ ମହାକୁର, ଚେତନ ଶର୍ମା, ଦୀପକ ରାୟ, ବିପୁଳ ଅଗ୍ରୱାଲ, ସନ୍ଦୀପ ଅଗ୍ରୱାଲ, ବ୍ରଜେଶ ବଲୋଦିଆ, ସତୀଶ ମିତ୍ତଲ, କୃଷକ ସଙ୍ଗଠନ ସଭାପତି ବୀରେନ୍ଦ୍ର କର, ଦୁର୍ଗା ମନ୍ଦିର କମିଟି ଉପସଭାପତି ସୁରେନ୍ଦ୍ର ସ୍ୱାଇଁ, କୁଲତା ସମାଜ ସଭାପତି ଦିବାକର ପ୍ରଧାନ, ବଜରଙ୍ଗ ଦଳର ପରମେଶ୍ୱର ପୁଟେଲ, ପ୍ରଭାସ କୁମାର ମଲ୍ଲିକ, ପ୍ରଦୀପ କୁମାର, ବଣିକ ସଂଘର ଉମେଶ ଅଗ୍ରୱାଲ, ମାରୱାଡ଼ି ଯୁବମଞ୍ଚର ପୱନ ଅଗ୍ରୱାଲ, ସାମ୍ବାଦିକ ସଂଘର କୀର୍ତ୍ତନ ବିଶ୍ୱାଳ, ଯୁଧିଷ୍ଠିର ମହାପାତ୍ର, ନରେନ୍ଦ୍ର ଦାଶ, କ୍ଷୀରୋଜ ନାୟକ, ବୁଲୁ ବରାଇ ପ୍ରମୁଖ ଯୋଗ ଦେଇଥଲେ।

## ବାଘପାଲିରେ ଦଶହରା ମହୋତ୍ସବ

**ଭେଡ଼େନ,୨୭।୧୦(ସୁଦନ ମହାକୁର):** ବରଗଡ଼ ଜିଲା ଭେଡ଼େନ ବ୍ଲକ ସୁନାଲରମ୍ଭା ପଞ୍ଚାୟତ ଅନ୍ତର୍ଗତ ବାଘପାଲି ସ୍ଥିତ ମା’ ପୂର୍ଣ୍ଣମାସୀ କଳା ପରିଷଦ ପକ୍ଷରୁ ଶୁକ୍ରବାର ଦଶହରା ମହୋତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ଡାକ୍ତର ପ୍ରଫୁଲ୍ଲ ମହାକୁର ମୁଖ୍ୟ ଅତିଥି, ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶହୀଦ ନୀଳାଚଳ ପଟେଲଙ୍କ ପରିବାରକୁ ସମ୍ମାନୀତ କରାଯାଇଥିଲା। ସେହିପରି କୋସଲ ସେନା, ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ, ଅମୃତ କୁଟୁମ୍, ଭରସା ପରିବାର, ମାହେଶ୍ୱରୀ ସେନା ଏବଂ ଲାୟନ୍ସ କ୍ଲବକୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମ୍ୟ କମିଟି, ବ୍ରଜକିଶୋର ପଣ୍ଡା, ବିଜୟ ଭୁଏ, ବିଜୟ ମହାକୁର, ରତ୍ନପର୍ଣ୍ଣା ମହାକୁର, ଦିଲୀପ ବିଶ୍ୱାଳ, ସୂର୍ଯ୍ୟନାରାୟଣ ପଣ୍ଡା, ସୁଶିଲ ଧରୁଆ, ଘନକେତନ ମହାକୁରଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଫୁଟ୍‌ବଲ: ଅମ୍ଲିପାଲି ମଳୟ ସ୍ପୋର୍ଟିଂ ଚାମ୍ପିୟନ

**ଭେଡ଼େନ,୨୭।୧୦(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ କୁଦୋପାଲି ମେଟାକାନୀ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶୁକ୍ରବାର ମେଟାକାନୀ ଏଫ୍‌ସି ଦଳକୁ ହରାଇ ଅମ୍ଲିପାଲି ମଳୟ ସ୍ପୋର୍ଟିଂ ଦଳ ଚାମ୍ପିୟନ ହୋଇଛି। ଗୁରୁବାର ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ରୟାଲ ଷ୍ଟାର ଦଳକୁ ପରାସ୍ତ କରି ମେଟାକାନୀ ଏଫ୍‌ସି ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ମା’ ବାଉତି ଏଫ୍‌ସିକୁ ଟାଇବ୍ରେକର ଜରିଆରେ ହରାଇ ମଳୟ ସ୍ପୋର୍ଟିଂ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଥିଲା। ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସମବାୟ ସମିତି କ୍ଷେତ୍ର ଅଧିକାରୀ ଦୁର୍ଗାପ୍ରସାଦ ଛୁରିଆ ମୁଖ୍ୟ ଅତିଥି, ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା, ରକ୍ଷୁଡ଼ା ସରପଞ୍ଚ ସୁରେନ୍ଦ୍ର କର୍ମୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ।

## ବରପାଲିରେ ନାଗବାଚା ପୂଜାନୋତ୍ସବ


ନାଗବାଚା ଦଳ ଗାଁ ପରିକ୍ରମା କରୁଛି।

**ବରପାଲି,୨୭।୧୦(ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକ ଅନ୍ତର୍ଗତ ବାରଗୁଡ଼ା ଗ୍ରାମରେ ୩୭ତମ ନାଗବାଚା ପୂଜାନୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନାଗବାଚା ଦଳ ବ୍ରାହ୍ମ ମୁହୂର୍ତ୍ତରୁ ପ୍ରାତଃ ସ୍ନାନ ସାରି ସୋନପୁର ଜିଲାର ଶୈବପୀଠ ଲିଙ୍ଗମାର୍ଣିରେ ମହାଦେବ ବରଣ କରି ଫେରିବା ପରେ ଗାଁ ପରିକ୍ରମା କରିଥିଲେ। ପରେ ଗାଁର ମଧଭାଗରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପୂଜା ହେବା ସହ ବରୁଆମାନଙ୍କୁ ବଇଲ ଭାବେ ନିମନ୍ତ୍ରଣ କରାଯାଇଥିଲା। ଦେହେରୀ ସାଗର ପଧାନ, ପୂଜାରୀ ନେତ୍ର ମଟାରୀ, ପୂଜାରୀ ଚୂଡ଼ାମଣି ବାଗ, ବରୁଆ ସୁରେଶ ପଧାନ, ବାବୁଲାଲ, ମହେନ୍ଦ୍ର ବୁଡେକ, ରଞ୍ଜନ ବରିହା, ରିନ୍ଟୁ ବରିହା, ଟଙ୍କ ପଧାନ, ବୟ ମଟାରୀ, ସ୍ୱାଧୀନ ଦୀପ୍, ସୁବିତ ପଧାନ, ଜିତୁ ମେହେର, ଜୀବନ ପଧାନ, ଶେଖର ଅଦାବର, ଚକାଡୋଳା ଅଦାବର, ତ୍ରିଲୋଚନ ପଧାନ, ବିହାରୀ ଅଦାବର, ଟୁନା ଭୋଇଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ ଦୀକ୍ଷାଧାରୀ ସାମିଲ ହୋଇଥିଲେ। ପୂଜା ସମାପନ ପରେ ନାଗବାଚା ଦଳ ରାତ୍ରି ଉଜାଗର ରହିବା ସହ ଶୁକ୍ରବାର ସକାଳେ ସ୍ୱଗୃହକୁ ପ୍ରସ୍ଥାନ କରିଥିଲେ।

## ସଂକ୍ରୀଡା ପାକ୍ସ ବୋର୍ଡ ବୈଠକ

**ଭେଡ଼େନ,୨୭।୧୦(ସୁଦନ ମହାକୁର):** ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ସଂକ୍ରୀଡ଼ା ପ୍ୟାକ୍ସ ବୋର୍ଡ ବୈଠକ ସମିତିର ମୁଖ୍ୟ କାର୍ଯ୍ୟାଳୟ ଝରାପାଲିଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ସୁବ୍ରତ କୁମାର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କ୍ଷେତ୍ର ଅଧିକାରୀ ଦୁର୍ଗା ପ୍ରସାଦ ଛୁରିଆ, ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ନରେନ୍ଦ୍ର ପଧାନ ଓ ଜିଲା ପରିଷଦ ସଭ୍ୟ ସତ୍ୟଜିତ ପୁରୋହିତ ଅତିଥି ଭାବେ ଯୋଗ ଦେଇଥିଲେ। ସରକାରଙ୍କ ତରଫରୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ଚାଷୀମାନଙ୍କୁ ଉପଲବ୍ଧ କରାଇବା, ସମିତିରେ ସଞ୍ଚୟ ଜମା ଓ ଋଣ କାରବାର ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ସମ୍ପାଦକ ସୁବାସ ଚନ୍ଦ୍ର ପୁରୋହିତ ବିବରଣୀ ପଠନ କରିଥିବା ବେଳେ ସଭ୍ୟ ଚାଷୀଗିରି ନଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପଶ୍ଚିମ ଓଡ଼ିଶା କଳାକାର ମହାସଂଘକୁ ୫୦ ଲକ୍ଷ ଅନୁଦାନ

**ବରଗଡ଼,୨୭।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡରେ ଏକ ବହୁମୁଖି କଳାକାର ଭବନ ନିମାଣ ପାଇଁ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଜରିଆରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀଙ୍କୁ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଦାବି ଜଣାଇଥିଲା। ଗତ ୧୯ ତାରିଖ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଉପଦେଷ୍ଟା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ତ୍ରିପାଠୀ ଯୋଗଦେଇ କଳାକାର ମହାସଂଘର ଅନୁରୋଧ ଓ ବିଧାୟକ ଓ ଜିଲାପାଳଙ୍କ ଉପସ୍ଥିତିରେ ୫୦ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଥମ ପର୍ଯ୍ୟାୟରେ ଯୋଗାଇ ଦେବା ପାଇଁ ଘୋଷଣା କରିଥିଲେ। ତେବେ ଘୋଷଣାର ଏକ ସପ୍ତାହ ଭିତରେ ଉକ୍ତ ଅନୁଦାନ ମଞ୍ଜୁର ହୋଇଛି। ଅଧ୍ୟକ୍ଷ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଓ ଜିଲାପାଳଙ୍କୁ ଏ ନେଇ ସୂଚିତ କରି ତୁରନ୍ତ ମହାସଂଘର ଏହି ଅନୁଦାନ ଖର୍ଚ୍ଚ ପାଇଁ ଉପଯୁକ୍ତ ସରକାରୀ ଜାଗା ଲିଜ୍ ସୂତ୍ରରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ନାମରେ ପ୍ରଦାନ ପାଇ ନିର୍ଦ୍ଦେଶ ଦେଇଛନ୍ତି। ଏହି ପତ୍ର ପାଇଲା ପରେ ପଶ୍ଚିମ ଓଡ଼ିଶାର କଳାକାରଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି। ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ତରଫରୁ ଅଧ୍ୟକ୍ଷ ଚୈତନ୍ୟ ପାଇକ, ସମ୍ପାଦକ ଗୋପବନ୍ଧୁ ପୁରୋହିତ, ସଂଯୋଜକ ପ୍ରମୋଦ ଦାଶ ରାଜେଶ ବାରିକ, ଡ. ଡୋଲାମଣି ଶତପଥି, ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ, ସଦାନନ୍ଦ ଜାଲ, ଅନିରୁଦ୍ଧ ପାଇକ ବିଧାୟକ ଆଚାର୍ଯ୍ୟ, ଜିଲାପାଳ ବାନାର୍ଜୀ, ସଂସ୍କୃତି ସଚିବ ସତ୍ୟବ୍ରତ ସାହୁ ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ତ୍ରିପାଠୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## କ୍ୟାନ୍‌ସର ରୋଗୀଙ୍କୁ ସହାୟତା

**ପଦ୍ମପୁର,୨୭।୧୦(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ପରମାନନ୍ଦପୁର ଗାଁର କ୍ୟାନ୍‌ସର ରୋଗୀ ବାବୁଲାଲ ବରିହାଙ୍କୁ ସମାଜସେବୀ ତଥା ଡାକ୍ତର ସୁଶୀଲ ଶର୍ମା ସହାୟତା ପ୍ରଦାନ କରିଛନ୍ତି। ଡା. ଶର୍ମା ପୂର୍ବତନ ବିଧାୟକ ସ୍ୱର୍ଗତ ମୁରାରୀ ପ୍ରସାଦ ମିଶ୍ରଙ୍କ ଜ୍ୱାଇଁ। ଅସହାୟ ବାବୁଲାଲ ଦୀର୍ଘଦିନ ହେଲା ଶଯ୍ୟାଶାୟୀ ହୋଇ ଯନ୍ତ୍ରଣାରେ ଶୋଇ ପାରୁ ନ ଥିଲେ। ତାଙ୍କୁ ଏକ ବାୟୁ ଭର୍ତ୍ତି ବେଡ୍‌ର ଆବଶ୍ୟକତା ଥିବା ଖବର ପାଇ ଡ. ଶର୍ମା ତାଙ୍କ ଘରକୁ ଯାଇ ଉକ୍ତ ବେଡ୍ ପ୍ରଦାନ କରିଛନ୍ତି।

## ବଢୁଛି ବେଆଇନ ନିଶା କାରବାର

**ପଦ୍ମପୁର,୨୭।୧୦(ପ୍ରଦୀପ୍ତ ଦାଶ)**

ପଦ୍ମପୁର ତଥା ଏହାର ଆଖପାଖ ଅଞ୍ଚଳରେ ବେଆଇନ ନିଶା କାରବାର ବଢ଼ିବାରେ ଲାଗିଛି। ଯୁବପିଢ଼ି ନିଶା କବଳରେ ଆସି ପଥଭ୍ରଷ୍ଟ ହେଉଥିବା ଲକ୍ଷ କରାଯାଉଛି। ଫଳରେ ଅନେକ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ପଦ୍ମପୁର ସହର ସମେତ ବୁଡେନ, ଦହିତା, ତାଲପାଲି, ବୁଡେନ ସଂଲଗ୍ନ ଲୁହାସିଂହା ଏହି ନିଶା କାରବାରର ପେଣ୍ଠସ୍ଥଳ ପାଲଟିଛି। ଗ୍ରାହକ ଫୋନ୍‌ରେ ଅର୍ଡର କଲେ ସହଜରେ ସେମାନଙ୍କ ପାଖରେ ନିଶା ସାମଗ୍ରୀ ପହଞ୍ଚି ଯାଉଛି। ଗତ ୪ଦିନ ତଳେ ପଦ୍ମପୁର-ଗାଇସିଲେଟ ରାସ୍ତାରେ ଶହ ଶହ ସଂଖ୍ୟାରେ ଖାଲି ଏସ୍‌କଫ୍ ବୋତଲ ପଡିଥିବା ଦେଖିବାକୁ ମିଳିଛି। ଏ ଦିଗରେ ଅବକାରୀ ବିଭାଗ ପଦକ୍ଷେପ ନେବାକୁ ଦାବି ହେଉଛି।

## ତ୍ୟାଗ, ସମର୍ପଣର ପ୍ରତୀକ ଜୁଗାର ଯାତ୍ରା

**ବରଗଡ଼,୨୭।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଖଜୁରଟିକ୍ରାର ଆରାଧ ଦେବୀ ମାଁ ଖଜୁର କଣ୍ଟିଏଁନଙ୍କ ଚଣ୍ଡୀ ହୋମ ଓ ଜୁଗାର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଦେବାଶିଷ ପାଣିଗ୍ରାହୀ, ଉମେଶ ପାଣିଗ୍ରାହୀ ଓ ସମୀର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଚଣ୍ଡୀ ହୋମରେ କର୍ତ୍ତା ଭାବେ ମନୋଜ ପାଢ଼ୀ, ପ୍ରଭାସିନୀ ପାଢ଼ୀ, ସନ୍ତୋଷ ମିଶ୍ର, ଜୟଶ୍ରୀ ମିଶ୍ର, ପଞ୍ଚାନନ ବାଗ, ରଞ୍ଜିତା ବାଗ, ଅଶୋକ ମିଶ୍ର, ଦୀପା ମିଶ୍ର, ଦୀପକ ବାରିକ, ସୌମ୍ୟା ବାରିକ, ନୀଳମଣି ରାଉତ, ଗୀତା ରାଉତ, ପଞ୍ଚାନନ ପାତ୍ର ଏବଂ ସ୍ୱପ୍ନା ପାତ୍ର ପ୍ରମୁଖ ସସ୍ତ୍ରୀକ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ଆୟୋଜିତ ଯୁଗାର ଯାତ୍ରାରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମା’ଙ୍କ ପୂଜାରେ ଅଂଶଗ୍ରହଣ କରି ତ୍ୟାଗ ଓ ସମର୍ପଣର ପ୍ରତୀକ ଜୁଗାର ଯାତ୍ରା ବୋଲି ମତବ୍ୟକ୍ତ କରିଥିଲେ। ପୌରାଧକ୍ଷା କଳ୍ପନା ମାଝୀ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, କାଉନସିଲର ରୀନା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସୁଶାନ୍ତ ସାହୁ, ଟୁନା ମହାକୁଡ, ଭରତ ପ୍ରଧାନ, ସୁଶିଲ ଠାକୁର, ଅନୁପ ସତପଥି, ପ୍ରମୋଦ ଦାଶ ପ୍ରମୁଖଙ୍କ ସମେତ ସମସ୍ତ ପଡ଼ାବାସୀ ସହଯୋଗ କରିଥିଲେ।


ଜୁଗାର ଯାତ୍ରାରେ ବରଗଡ଼ ବିଧାୟକ ସାମିଲ ହୋଇଛନ୍ତି।

# ଦୋକାନ ପାଇଲେ, ଫୁଟ୍‌ପାଥ୍‌ରେ ବ୍ୟବସାୟ କଲେ


ଭେଣ୍ଡିଂ ଜୋନ୍ ଦୋକାନ ବନ୍ଦ ପଡିଛି।


ବ୍ୟବସାୟୀମାନେ ଫୁଟ୍‌ପାଥ୍‌ରେ ବ୍ୟବସାୟ କରୁଛନ୍ତି।

- ୧୩୦ରୁ ଖୋଲିଛି ମାତ୍ର ୧୨ ଦୋକାନ
- ଫୁଟ୍‌ପାଥ୍ ବ୍ୟବସାୟ ଉପରେ ଚଢ଼ାଉ ହେବ: ଆର୍‌ଏମ୍‌ସି

**ରାଉରକେଲା,୨୭।୧୦(ଦିନେଶ ମିଶ୍ର)**

ରାଉରକେଲା ସହର ରାସ୍ତାକଡ଼ରେ ବ୍ୟବସାୟ କରୁଥିବା ଉଠାଦୋକାନୀଙ୍କୁ ଥଇଥାନ କରିବା ପାଇଁ ଆରଏମ୍‌ସି ପକ୍ଷରୁ ଭେଣ୍ଡିଂ ଜୋନ୍‌ରେ ଦୋକାନ ଘର ଯୋଗାଇ ଦିଆଯାଇଛି। ତେବେ ଏହି ଭେଣ୍ଡିଂ ଜୋନ୍‌ରେ ଦୋକାନ ପାଇବା ପରେ ମଧ୍ୟ ବହୁ ବ୍ୟବସାୟୀ ଦୋକାନ ନ ଖୋଲି ପୂର୍ବପରି ରାସ୍ତାକଡ଼ ଫୁଟ୍‌ପାଥକୁ କବ୍‌ଜା କରି ବ୍ୟବସାୟ କରୁଛନ୍ତି। ରାଉରକେଲା ଡିଏଭି ଛକ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ମାର୍କେଟ କମ୍ପ୍ଲେକ୍ସରେ ଏଭଳି ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ଉତ୍କଳମଣି ଗୋପବନ୍ଧୁ ମାର୍କେଟ କମ୍ପ୍ଲେକ୍ସରେ ଆର୍‌ଏମ୍‌ସି ପକ୍ଷରୁ ପିଣ୍ଡି ଓ ଦୋକାନ ଗୃହକୁ ମିଶାଇ ସମୁଦାୟ ୧୩୦ଟି ଦୋକାନ ୧୦ମାସ ତଳେ ନିର୍ମାଣ କରାଯାଇଥିଲା। ଏହି ମାର୍କେଟ କମ୍ପ୍ଲେକ୍ସରେ ବ୍ୟବସାୟୀଙ୍କ ସୁବିଧା ପାଇଁ ବିଦ୍ୟୁତ ସାଙ୍ଗକୁ ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା କରାଯାଇଥିଲା। ଡିଏଭି ଛକ ସହରର ପ୍ରମୁଖ ଛକ ହୋଇଥିବାବେଳେ ଏଠାରେ ବହୁ ଠେଲା ବ୍ୟବସାୟୀ ରାସ୍ତାକଡ଼ରେ ବ୍ୟବସାୟ କରୁଥିବାରୁ ରାସ୍ତାକୁ ଜାମ୍ ହେଉଥିଲା। ଫଳରେ ବିଭିନ୍ନ ସମୟରେ ଏଠାରେ ଟ୍ରାଫିକ ସମସ୍ୟା ଉପଜିବା ସହ ଦୁର୍ଘଟଣା ଘଟୁଥିଲା। ହକି ବିଶ୍ୱକପ ପୂର୍ବରୁ ଏହି ଛକ ରାସ୍ତାକଡ଼ ବ୍ୟବସାୟୀମାନଙ୍କୁ ଥଇଥାନ କରିବା ପାଇଁ ଆରଏମ୍‌ସି ପକ୍ଷରୁ ଲକ୍ଷାଧିକ ଟଙ୍କା ବିନିମୟରେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଗଲା। ଗତ ୩ ମାସ ତଳେ ଆର୍‌ଏମ୍‌ସି ଉକ୍ତ ଦୋକାନଗୁଡ଼ିକୁ ବ୍ୟବସାୟୀଙ୍କୁ ହସ୍ତାନ୍ତର କଲା। ଦୋକାନ ପାଇବା ପରେ ବହୁ ବ୍ୟବସାୟୀ ନିଜ ଦୋକାନ ନ ଖୋଲି ପୁଣି ରାସ୍ତାକଡ଼ରେ ବସି କିଏ ପଇଡ ବିକ୍ରି କରୁଛି ତ ଆଉ କିଏ ଛତୁ ବ୍ୟବସାୟ କରୁଛି। ଫଳରେ ପାର୍କିଂ ସମସ୍ୟା ହେବା ସହ ଯାତାୟାତରେ ଅସୁବିଧା ହେଉଛି। ଅନ୍ୟପଟେ ଭେଣ୍ଡିଂ ଜୋନ ମାର୍କେଟରେ ମାତ୍ର ୧୨ ଜଣ ଦୋକାନୀ ନିୟମିତ ଦୋକାନ ଖୋଲୁଥିବା ବେଳେ ୧୧୮ ଦୋକାନ ବନ୍ଦ ପଡିଛି। ଭେଣ୍ଡିଂ ଜୋନ୍‌ର ଅଧିକାଂଶ ଦୋକାନୀ ମାର୍କେଟ କମ୍ପ୍ଲେକ୍ସ ବାହାରେ ବ୍ୟବସାୟ କରୁଥିବାବେଳେ ଆଉ କିଛି ବ୍ୟବସାୟୀ ଡିଏଭି ଛକରୁ ଛେଣ୍ଡ ରାସ୍ତାକଡ଼ ଫୁଟପାଥରେ ବ୍ୟବସାୟ କରୁଛନ୍ତି। ସେମାନଙ୍କ ମଧ୍ୟରୁ କିଛି ବ୍ୟବସାୟୀ ଭେଣ୍ଡିଂ ଜୋନରେ ଦୋକାନ ନେଇ ଅନ୍ୟ ଲୋକଙ୍କୁ ଭଡା ଦେଇଥିବା ଅଭିଯୋଗ ହୋଇଛି।

ଏ ନେଇ ଉତ୍କଳମଣି ଗୋପବନ୍ଧୁ ମାର୍କେଟ କମ୍ପ୍ଲେକ୍ସ ସଭାପତି ବାବୁ ସିଂଙ୍କୁ ପଚାରିବାରୁ ସେ କହିଥିଲେ, ଆମେ ବ୍ୟବସାୟୀଙ୍କୁ ଭେଣ୍ଡିଂ ଜୋନରେ ଦୋକାନ ଖୋଲିବାକୁ କହିସାରିଲୁଣି। ତଥାପି ବହୁ ବ୍ୟବସାୟୀ ଆମ କଥା ନ ଶୁଣି ମନଇଚ୍ଛା ରାସ୍ତାକଡରେ ବସି ବ୍ୟବସାୟ କରୁଛନ୍ତି। ଏ ନେଇ ଆମେ ଆର୍‌ଏମ୍‌ସିକୁ ଅବଗତ କରିବା ପରେ ଆରଏମ୍‌ସି କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଅଧିକାଂଶ ସମୟ ଏହି ଭେଣ୍ଡିଂଜୋନରେ ଦୋକାନଗୁଡ଼ିକ ବନ୍ଦ ରହୁଥିବାରୁ ଅସାମାଜିକଙ୍କ ଆଡ୍ଡା ଜମୁଛି। ତେଣୁ ଏଥିପ୍ରତି ଆରଏମ୍‌ସି କର୍ତ୍ତୃପକ୍ଷ ଦୃଷ୍ଟିଦେବା ଜରୁରୀ ବୋଲି ସିଂ କହିଥିଲେ। ଏ ସମ୍ପର୍କରେ ଆରଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ଏହି ଭେଣ୍ଡିଂ ଜୋନରେ ଯେଉଁ ବ୍ୟବସାୟୀ ଦୋକାନ ଖୋଲୁନାହାନ୍ତି ସେମାନଙ୍କୁ ଚିହ୍ନଟ କରି ନୋଟିସ କରାଯିବ। ଯେଉଁମାନେ ଏହାକୁ ଅବମାନନା କରିବେ ସେମାନଙ୍କ ନାମରେ ଆଲଟମେଣ୍ଟ କରାଯାଇଥିବା ଦୋକାନ ରଦ୍ଦ କରାଯିବ। ପରେ ରାସ୍ତାକଡ଼ରେ ବ୍ୟବସାୟ ଉପରେ ଚଢ଼ାଉ କରି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଭୋଇ କହିଥିଲେ।

## ସଂକ୍ଷେପରେ

### ଅଜଣା ଯୁବକଙ୍କ ମୃତଦେହ ଚିହ୍ନଟ

**ରାଉରକେଲା,୨୭।୧୦(ଦିନେଶ ମିଶ୍ର):** ରାଉରକେଲା ବସ୍‌ଷ୍ଟାଣ୍ଡ ନିକଟରୁ ମିଳିଥିବା ଅଜଣା ଯୁବକଙ୍କ ମୃତଦେହକୁ ପ୍ଲାଣ୍ଟସାଇଟ ପୋଲିସ ଚିହ୍ନଟ କରିଛି। ମୃତ ଯୁବକ ହେଲେ ଦାଦୁ ସିଂ(୩୦) ଏବଂ ତାଙ୍କ ଘର ଲାଠିକଟା ଥାନା ଅଧୀନ ରାମଯୋଡି ଅଞ୍ଚଳରେ। ଦାଦୁ ରାଉରକେଲା ବସଷ୍ଟାଣ୍ଡ ଅଞ୍ଚଳରେ ଭିକ୍ଷାବୃତ୍ତି କରୁଥିବାବେଳେ ଗତ ୨୫ ତାରିଖରେ ରାସ୍ତାକଡ଼ରେ ପଡିଥିଲେ। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୮।୨୩) ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଦୁଇଦିନ ପରେ ମୃତ ଯୁବକଙ୍କ ପରିବାର ଲୋକେ ତାଙ୍କୁ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଖୋଜିବା ସହ ପୋଲିସ ସହାୟତା ନେବା ପରେ ପରିଚୟ ମିଳିଥିଲା। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ବ୍ରିଜ୍‌ରେ ପିଟିହୋଇ ବାଇକ୍ ଚାଳକ ମୃତ

**ରାଉରକେଲା,୨୭।୧୦(ଦିନେଶ ମିଶ୍ର):** ଭାରସାମ୍ୟ ହରାଇ ବ୍ରିଜ୍‌ରେ ପିଟି ହୋଇଯିବାରୁ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅମନ ମିଞ୍ଜ(୨୨)। ସୂଚନା ଅନୁସାରେ, ସୁଇଡିହି ଗ୍ରାମର ଅମନ ଗତ ୨୬ ତାରିଖ ରାତିରେ ଏକ ବାଇକ୍ ଯୋଗେ ରାଜଗାଙ୍ଗପୁର ଅଞ୍ଚଳରୁ କାମସାରି ଘରକୁ ଫେରୁଥିଲେ। ସୁଇଡିହି ନିକଟ ଏକ ବ୍ରିଜ୍ ଉପରେ ଯାଉଥିବାବେଳେ ଭାରସାମ୍ୟ ହରାଇ ସେ ଡିଭାଇଡରରେ ପିଟି ହୋଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଜୋର୍‌ରେ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ଲାଗି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସ୍ୱଚ୍ଛତା ହିଁ ସେବା ଅଭିଯାନରେ ଗଣଦୌଡ



**ରାଉରକେଲା,୨୬।୧୦(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଉପଲକ୍ଷେ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ୪.୦ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପିଏଚ୍, ଏସ୍‌ଡବ୍ଲ୍ୟୁ ଓ ବିମାନ ବନ୍ଦର ବିଭାଗର ମହାପ୍ରବନ୍ଧକ ଆର. କେ. ବର୍ମା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଆୟୋଜିତ ୩ କିମି ଫିଟ୍ ଇଣ୍ଡିଆ ଫ୍ରିଡମ ରନ କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ରୀଡ଼ା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ରଘୁନନ୍ଦନ ପାଢୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଗଣଦୌଡରେ ରାଉରକେଲା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ କ୍ରୀଡାବିତ୍‌ମାନେ ଅଂଶଗ୍ରହଣ କରିଥିଲେ।

# ୪ରୁ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା


ବୈଠକରେ ଉପସ୍ଥିତ ପରିଷଦର ସଦସ୍ୟା ।

**ରାଉରକେଲା,୨୭।୧୦(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ଉତ୍କଳ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଗରିମା ପ୍ରାୟୋଜିତ ନଭେମ୍ବର ୪ ଓ ୫ ତାରିଖ ସକାଳ ୯ଟାରେ ସେକ୍ଟର-୨୦ ସ୍ଥିତ ରାଉରକେଲା କ୍ଲବରେ ଶ୍ରେଷ୍ଠ ଓଡ଼ିଆଣୀ ସଂସ୍କରଣ ଆୟୋଜିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ସେକ୍ଟର-୨ ସାହାନାଇ ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗରିମାର ସଭାପତି ମମତା ନାୟକ ଓ କାର୍ଯ୍ୟକ୍ରମର ଅଧକ୍ଷା ନିହାରିକା ବସ୍ତିଆ ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶ୍ରେଷ୍ଠ ଓଡ଼ିଆଣୀରେ ଭାଗ ନେବା ପାଇଁ ମହିଳାମାନଙ୍କ ବୟସ ସୀମା ୩୦ରୁ ୫୫ବର୍ଷ ରହିଛି। ଏଥିରେ ବିଚାରକ ଭାବେ ସିନେ ଅଭିନେତା ଅନ୍ତର୍ଯାମୀ ପଣ୍ଡା, ଡ. କଲ୍ୟାଣୀ ମିଶ୍ର, ଡ. ମିନତୀ ପଣ୍ଡା, କେତକୀ ଭଟ୍ଟାଚାର୍ଯ୍ୟ, ମୀନତି ମାଝୀ ପ୍ରମୁଖ ଯୋଗଦେଇ ମୂଲ୍ୟାୟନ କରିବେ। ୧୮ତାରିଖରେ ଗ୍ରାଣ୍ଡ ଫାଇନାଲ ରାଉରକେଲା କ୍ଲବରେ ଅନୁଷ୍ଠିତ ହେବ। ଏଥିରେ ସିନେ ଅଭିନେତ୍ରୀ ନମ୍ରତା ଦାସ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବେ। ଏହାସହ ଓଡିଆ ସଂସ୍କୃତି ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧରେ ଶାନ୍ତିଲତା ବାରିକ, ପ୍ରଣତୀ ଜେନା, ରେବତୀ ବାରିକ, ମୋନାଲିସା ସାହୁ, ଶର୍ମିଳା ରାଜଗୁରୁ, ଶଙ୍ଖରୀନା ପ୍ରଧାନ, ସବିତା ମହାପାତ୍ର, ମୀନତୀ ମୋଦି ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ ଶିବିର

**ବେଦବ୍ୟାସ/ରାଉରକେଲା,୨୭।୧୦ (ଆଲୋକ ସ୍ୱାଇଁ/ସଙ୍ଗୀତା ଜେନା):** ସାଇଭେଲି ୱାର୍ଲ୍ଡ ସ୍କୁଲ ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ରାଉରକେଲା ବେସାମରିକ ପ୍ରତିରକ୍ଷା ବାହିନୀର ବରିଷ୍ଠ ସ୍ୱେଚ୍ଛାସେବୀ ତଥା ମାଷ୍ଟର ଟ୍ରେନର ଶୁଭେନ୍ଦୁ ପଣ୍ଡା ପ୍ରଶିକ୍ଷଣ ଦେଇଥିଲେ। ଏକ ଭାରତ ଶ୍ରେଷ୍ଠ ଭାରତ ନାମରେ ଆୟୋଜିତ କ୍ୟାମ୍ପରେ କ୍ୟାଡେଟମାନଙ୍କୁ ପ୍ରାଥମିକ ଚିକିତ୍ସା, ଜରୁରୀକାଳୀନ ଉଦ୍ଧାରକାର୍ଯ୍ୟ, ଏମର୍ଜେନ୍ସି ରେସ୍‌କ୍ୟୁ ପଦ୍ଧତି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ କର୍ନେଲ ଚନ୍ଦ୍ରକାନ୍ତ କୁଲକର୍ଣ୍ଣି, ରମେଶ ସାରିଆଲ, ସୁବେଦାର ମେଜର ଖିଦଗୁ ଲାକ୍ରା, ନାଏବ ସୁବେଦାର ବୀର ସିଂ, ଟ୍ରେନିଂ ଜେଏସିଓ ତଥା କ୍ୟାମ୍ପ ଇନ୍‌ଚାର୍ଜ ପ୍ରଦୀପ ରାଉତଙ୍କ ସମେତ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ସମ୍ବଲପୁର, କଟକ, ବ୍ରହ୍ମପୁର, ବିହାର, ଝାଡଖଣ୍ଡ ଅଞ୍ଚଳର ପ୍ରତିରକ୍ଷା ବାହିନୀର କ୍ୟାଡେଟମାନେ ଅଂଶଗ୍ରହଣ କରିଥିଲେ।

## ଷୋଡ଼ଶ ହେମନ୍ତ ମହୋତ୍ସବ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରାଉରକେଲା,୨୭।୧୦(ସଙ୍ଗୀତା ଜେନା)**

ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ସିଦ୍ଧି ଏକାଡେମୀ ଆଫ୍ ଆର୍ଟ ଆନୁକୂଲ୍ୟରେ ରାଉରକେଲା ସିଭିକ ସେଣ୍ଟରରେ ତ୍ରିଦିବସୀୟ ଷୋଡଶ ହେମନ୍ତ ମହୋତ୍ସବ ଶୁକ୍ରବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଛି। ସଙ୍ଗୀତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ନିମାକାନ୍ତ ରାଉତରାୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ଆପୋଲୋ ହସ୍ପିଟାଲର ହେପାଟୋଲୋଜି ବିଭାଗ ମୁଖ୍ୟ ଡ. ଉମେଶ ଚନ୍ଦ୍ର ସାହୁ ଓ ବିଶିଷ୍ଟ ଶିକ୍ଷାବିତ୍ ଡା. ସମର ମୁଦାଲି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାନ୍ଧ୍ୟ କାର୍ଯ୍ୟକ୍ରମରେ ଆରଏସପି ସହର ପ୍ରଶାସନ ତଥା ସିଏସ୍‌ଆର ପ୍ରମୁଖ ମହାପ୍ରବନ୍ଧକ ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଓ ବରିଷ୍ଠ ଖବରଦାତା ଡା. ପୀତବାସ ମିଶ୍ର, ୟୁନିଟେକ୍ ଅଧ୍ୟକ୍ଷ ନରେଶ ଆର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଓଡ଼ିଶୀ ନୃତ୍ୟ ଗୁରୁ ସମାରୁ ମେହେର ଓ ତବଲା ବାଦକ ଗୁରୁ ଗୋଲକ ବିହାରୀ ରାଉତଙ୍କୁ ହେମନ୍ତ ସମ୍ମାନ ଓ ଭୂପେନ ଅମାତଙ୍କୁ ଅଭିନ୍ନ ଚନ୍ଦ୍ର କଳା ସମ୍ମାନ ପ୍ରଦାନ କରାଯାଇଥିଲା। ଏକାଡେମୀ ଅଧ୍ୟକ୍ଷ ସୁନୀଲ କାୟଲ ସ୍ୱାଗତ ଭାଷଣ ଓ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଜଗନ୍ନାଥ ଦାସଙ୍କ ନିର୍ଦ୍ଦେଶନାରେ ୬୦ଜଣ ସାମୂହିକ ତବଲା ବାଦନ କରିଥିଲେ। ସେହିପରି ସାମୂହିକ ବଂଶୀ ବାଦନ ଓ ଓଡ଼ିଶୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଗୁରୁ ପ୍ରଫୁଲ୍ଲ ମଙ୍ଗଲଙ୍କ ତତ୍ତ୍ୱାବଧାନରେ ଶୁଭେନ୍ଦୁ ପଟ୍ଟନାୟକ, କୋଷାଧ୍ୟକ୍ଷ ରମେଶ ସେନାପତି, ପ୍ରକାଶ ନାୟକ, ଶୁଭମ ବଡ଼ାଇକ ପ୍ରମୁଖ ସହଯୋଗ କରିଥିଲେ। ଅନୀଲ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ।

# ହମିରପୁରରେ ସୁନ୍ଦରାକାଣ୍ଡ, ରାମଚରିତ ମାନସ

**ରାଉରକେଲା,୨୭।୧୦(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ହମିରପୁର ସ୍ଥିତ କଣ୍ଟ୍ରାକ୍ଟର କଲୋନୀରେ ସୁନ୍ଦରାକାଣ୍ଡ, ହନୁମାନ ଚାଳିଶା ଓ ରାମଚରିତ ମାନସ ପଠନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ନିରଞ୍ଜନ ଦାସ ଓ ଶୁଭ୍ରା ଦାସ କର୍ତ୍ତା ଏବଂ ନିତ୍ୟାନନ୍ଦ ଦେବତା ଓ ମୁକ୍ତିକାନ୍ତ ମିଶ୍ର ପୂଜାର୍ଚ୍ଚନା ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ସୁମନ ଦତ୍ତ, ନିରଞ୍ଜନ ସାମନ୍ତରାୟ, ହରି ସାହୁ, କାଦମ୍ବିନୀ ସାମଲ, ଜ୍ୟୋତ୍ସ୍ନାରାଣୀ ରାଉତ, ମୌସୁମୀ ଦାସ, ଚନ୍ଦନ ଦାସ, ଶ୍ରୀକାନ୍ତ ସାହୁ, ମୁରାଣି ଗୋଥ, ଭାଗିରଥି ମଲ୍ଲିକ, ଏସ୍. ରାଜୁ ଏବଂ ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଭଜନ ପରିବେଷଣ ହୋଇଥିଲା। ଶୁଭେନ୍ଦ୍ର ବାଦଲ ଦାସ, ସୁବ୍ରତ ରାଖାଲ ଦାସ, ଶୋଭନ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ପରେ ଶ୍ରମ ମନ୍ତ୍ରୀ ହନୁମାନ ମନ୍ଦିର ପରିଦର୍ଶନ କରି ସେଠାରେ ଥିବା ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ପରିଡା, ସୁରେଶ ଦଳବେହେରା ଓ ପଦ୍ମାବତୀ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ।

## ଦୀପାବଳି, ଛଟ୍‌ରେ ଟ୍ରେନରେ ଅଧିକ ବଗି ସଂଯୋଗ ଦାବି

**ରାଉରକେଲା,୨୭।୧୦(ସଙ୍ଗୀତା ଜେନା):** ରାଉରକେଲାର ସାମାଜିକ ଅନୁଷ୍ଠାନ ଉଦ୍ଭବ ପକ୍ଷରୁ ଦୀପାବଳୀ ଓ ଛଟ୍‌ପର୍ବ ପାଇଁ ବିହାର ଓ ଝାଡଖଣ୍ଡକୁ ଯା'ଆସ କରୁଥିବା ଟ୍ରେନରେ ଅଧିକ ବଗି ସଂଯୋଗ ପାଇଁ ଦାବି ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ରାଉରକେଲା ଷ୍ଟେସନ ପ୍ରବନ୍ଧକ ପ୍ରଭାସ ଦାସଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିହାର, ଝାଡଖଣ୍ଡ ଓ ଉତ୍ତରପ୍ରଦେଶ ରାଜ୍ୟର ଲୋକେ ଉଭୟ ପର୍ବରେ ଅଧିକ ଯା' ଆସ କରିଥାନ୍ତି। ଲୋକଙ୍କ ସୁବିଧା ପାଇଁ ଟ୍ରେନ ଗୁଡ଼ିକରେ ଅଧିକ ସଂଖ୍ୟାରେ ବଗି ସଂଯୋଗ କରାଗଲେ ଯାତ୍ରୀ ସୁବିଧାରେ ଯାତ୍ରା କରିପାରିବେ ବୋଲି ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଉଦ୍ଭବ ଅନୁଷ୍ଠାନର ସମ୍ପାଦକ ବେଦପ୍ରକାଶ ତିୱାରୀ, ରାଷ୍ଟ୍ରୀୟ ବିହାରୀ ସମାଜର ଓପି ସିଂହ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଫୁଟ୍‌ବଲ : ଦଲପୋଷ ଚାମ୍ପିୟନ

**ରାଉରକେଲା,୨୭।୧୦(ଦିନେଶ ମିଶ୍ର)**

ବିଶ୍ରା ମିନି ଷ୍ଟାଡିୟମ୍‌ରେ ସନ୍ କ୍ଲବ ପକ୍ଷରୁ ଚାଲିଥିବା ପଞ୍ଚଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ଟୁର୍ନାମେଣ୍ଟରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ମୋଟ ୨୩ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଦଲପୋଷ ଓ ଭେଜାଡିହି ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଦଲପୋଷ ଦଳ ୨-୦ ଗୋଲରେ ଭେଜାଡିହି ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପୂର୍ବତନ ବିଧାୟକ ଦିଲୀପ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ହରିହର ରାଉତରାୟ, ଝିରପାଣି ସରପଞ୍ଚ ଅଜିତ ତିର୍କୀ, ତୃଣମୂଳ କଂଗ୍ରେସ ସଚିବ ଜାହାଙ୍ଗୀର ହକ୍, ଗଜେନ୍ଦ୍ର ସାହୁ, ପ୍ରଦୀପ ରାଉତରାୟ, ମୋବିନ ଖାନ, ଗୋଲ୍‌ଡି ସିଂ, ଏମ୍‌ଡି ଅଫରୋଜ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳ ଦଲପୋଷକୁ ୨୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଭେଜାଡିହି ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚ୍‌ର ତୃତୀୟ ବିଜେତା ଦଳ ଭାବେ ଆର.ଏସ କଲୋନୀ ଫୁଟବଲ ଦଳକୁ ସାଢ଼େ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କ୍ଲବର ବରିଷ୍ଠ ସଦସ୍ୟ ଅସଲମ ରଜୱାନ, ବାବୁ ଖାନ, ଆୟୁଷ ଶର୍ମା, ଆବୁ ଲାମସା, କ୍ରିଷ୍ଣା ସିଂ, ନାସିର ହୁସେନ ସହଯୋଗ କରିଥିଲେ।


ଫୁଟ୍‌ବଲ ମ୍ୟାଚ୍‌ରେ ଉପସ୍ଥିତ ଅତିଥିଗଣ।

# ବୋନସ୍ ଚୁକ୍ତିନାମା ଦାବିରେ ବିକ୍ଷୋଭ

**ରାଉରକେଲା,୨୭।୧୦(ସଙ୍ଗୀତା ଜେନା)**

ସରକାର କିଛି ଅଧିକାରୀଙ୍କ ସହ ଶ୍ରମିକ ବିରୋଧୀ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ଏନ୍‌ଜେସିଏସ୍ ସମସ୍ତ ଦ୍ୱିପାକ୍ଷିକ ଆଲୋଚନା ଓ ଚୁକ୍ତିନାମାକୁ ଉଲ୍ଲଂଘନ କରାଯାଉଛି। ଏହାର ପ୍ରତିବାଦରେ ସିଟୁ ପକ୍ଷରୁ ସର୍ବଭାରତୀୟ ପ୍ରତିବାଦ ଦିବସ ପାଳନ କରାଯାଉଛି। ଏହି କ୍ରମରେ ଶୁକ୍ରବାର ଏସ୍‌ଡବ୍ଲ୍ୟୁଏଫ୍‌ଆଇ ଆହ୍ୱାନରେ ବିଶ୍ରା ଛକ ସ୍ଥିତ ଇସ୍ପାତ କାରଖାନା ପାୱାର ଗେଟ୍‌ରେ ସାଧାରଣ ସମ୍ପାଦକ ବସନ୍ତ ନାୟକ ଓ ଆରସିଡବ୍ଲ୍ୟୁୟୁ ସାଧାରଣ ସମ୍ପାଦକ ବିମାନ ମାଇତିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଶ୍ରୀମନ୍ତ ବେହେରାଙ୍କ ସଭାପତିତ୍ୱରେ ରତ୍ନାକର ନାୟକ, ସୁରେଶ ବେହୁରିଆ, ଲକ୍ଷ୍ମୀଧର ନାୟକ, ପ୍ରଦୋଷ ପରିଡା, ଯଜ୍ଞେଶ୍ୱର ସାହୁ, ସଂଗ୍ରାମ ସାମଲ, ସଞ୍ଜୟ ନାୟକ, ଜେ. କେ. ସାହୁ ପ୍ରମୁଖ ବକ୍ତବ୍ୟ ରଖି ସେଲ୍ କର୍ତ୍ତୃକକ୍ଷଙ୍କ ଶ୍ରମିକ ବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ବିକ୍ଷୋଭରେ ସୂର୍ଯ୍ୟକାନ୍ତ ବାରିକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ବିଶ୍ୱଜିତ ରାଉତରାୟ, ପି. କେ. ଷଡଙ୍ଗୀ, ବସନ୍ତ ପାଢ଼ୀ, ଜି. କେ. ନାୟକ, ବୁବୁନ ମାଇତି, ସୁରେନ୍ଦ୍ର ବେହେରା, ତ୍ରିଲୋଚନ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।



ବିଶ୍ରା ଛକରେ ବିକ୍ଷୋଭରତ ସିଟୁ କର୍ମକର୍ତ୍ତା।

## ସଂକ୍ଷେପରେ

### ଗଜଲକ୍ଷ୍ମୀ ପୂଜା ପାଇଁ କଳସଯାତ୍ରା



ମୁରିବାହାଲ,୨୭।୧୦(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଗ୍ରାମପଞ୍ଚାୟତର ଗମ୍ଭାରିଖୋଲା ଗ୍ରାମର ହରିଜନପଡ଼ା ତରଫରୁ ୧୯ତମ ଗଜଲକ୍ଷ୍ମୀ ପୂଜା ପାଇଁ ଶୁକ୍ରବାର ଅଧିବାସ କାର୍ଯ୍ୟକ୍ରମ ସହ କଳସ ଯାତ୍ରା ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ଗ୍ରାମର ୧୦୮ ମହିଳା ଶୋଭାଯାତ୍ରାରେ ଯାଇ ଖଲିଆକଟାରେ ପୂଜାର୍ଚ୍ଚନା କରି ପାଣି ଆଣିଥିଲେ। ପରେ ମଣ୍ଡପ ଅଧିବାସ କାର୍ଯ୍ୟ କରାଯାଇଥିଲା। ଉକ୍ତ ପୂଜା ୫ଦିନ ପର୍ଯ୍ୟନ୍ତ ରୀତିନୀତି ଅନୁସାରେ କରାଯିବ। ଏଥିରେ କର୍ତ୍ତା ଭାବେ ବିଦ୍ୟାଧର ବାଗ ଓ ତାଙ୍କ ସ୍ତ୍ରୀ ବିମଳା ବାଗ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜକ ଭାବେ କୁଞ୍ଜବିହାରୀ ଯୋଶୀ କାର୍ଯ୍ୟ ତୁଲାଉଛନ୍ତି। ୧୯ବର୍ଷ ଧରି ପାଳିତ ହୋଇଆସୁଥିବା ଗଜଲକ୍ଷ୍ମୀ ପୂଜାରେ ଚଳିତବର୍ଷ ସଭାପତି ଭାବେ ରାଜକିଶୋର ଛତ୍ରିଆ, ଉପସଭାପତି ପ୍ରହ୍ଲାଦ କୁମ୍ଭାର, ସାଧାରଣ ସମ୍ପାଦକ ଗୁପ୍ତେଶ୍ୱର ବାଗ, ସମ୍ପାଦକ ଯୁଧିଷ୍ଠିର ଜାଲ, କୋଷାଧ୍ୟକ୍ଷ ଭାବେ ପିତାମ୍ବର ବାଗ ରହିଛନ୍ତି। ଏମାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହେଉଥିବାବେଳେ ସୁବାସ ଭରାସଗରିଆ, ଟୋପି ଲାଲ ଭାରସଗରିଆ, ମହେଶ୍ୱର ଜାଲ ପ୍ରମୁଖ ସହଯୋଗ କରୁଛନ୍ତି। ବିଭିନ୍ନ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

### ବଡବନ୍ଧରେ ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା

ଦେଓଗାଁ,୨୭।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ବଡବନ୍ଧରେ ଗଜଲକ୍ଷ୍ମୀ ପୂଜାପାଇଁ ଶୁକ୍ରବାର ସନ୍ଧ୍ୟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ଆୟୋଜନରେ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା ପାଇଁ ଗାଁର ମହିଳା ପୁରୁଷ ସ୍ଥାନୀୟ ବନ୍ଧରେ ପୂଜାର୍ଚ୍ଚନା ସହ ପୂର୍ଣ୍ଣ କଳସ ଧାରଣ କରି ଶୋଭାଯାତ୍ରାରେ ପୂଜା ମଣ୍ଡପରେ ପହଞ୍ଚିଥିଲେ। ସେଠାରେ ଅଧିବାସ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ପୂଜନୋତ୍ସବରେ ପୂଜା କର୍ତ୍ତା ସୁଧିର ନାଏକ ଓ ସ୍ତ୍ରୀ ରାଏମତୀ ନାଏକ ଦାୟିତ୍ୱ ତୁଲାଉଥିବାବେଳେ ପୂଜକ ଭାବେ ସୁଦର୍ଶନ ପୁରୋହିତ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ପାରାୟଣ କର୍ତ୍ତାଭାବେ ବିଘ୍ନରାଜ ପୋଢ ଓ ସ୍ତ୍ରୀ ବଲ୍ଲଭି ପୋଢ ରହିଥିବାବେଳେ ପାରାୟଣ ଗାୟିକା ଭାବେ ପ୍ରତିନନ୍ଦା ମିଶ୍ର ଯୋଗଦେଇଛନ୍ତି। କାର୍ଯ୍ୟକ୍ରମରେ ପିନୁ ଚାନ୍ଦ, ହୃଦାନନ୍ଦ ସାହୁ, ଜଗ ସେଲମା, ପ୍ରଶାନ୍ତ ପଧାନ, ଯୁବରାଜ ପଧାନ, ଅର୍ଜୁନ ରଣା, ସୁଧିର ରଣା, ଅନ୍ତ ଦୀପ, ପିଣ୍ଟୁ ମଟାରୀ, ଗୌରାଙ୍ଗ ବଗର୍ତ୍ତି, ଶୁଶିଳ ସେଠ ପ୍ରମୁଖ ସହଯୋଗ କରିଛନ୍ତି। ସେହିପରି ଦେଓଗାଁ କଛାରପାଲି ଠାରେ ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

# ‘ନେତା ନୁହେଁ, ଜନସାଧାରଣ ଏଜେଣ୍ଡା ପ୍ରସ୍ତୁତ କରନ୍ତୁ’

ବଲାଙ୍ଗୀର,୨୭।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଆଗାମୀ ୨୦୨୪ ନିର୍ବାଚନ ପାଇଁ ଅଳ୍ପ କିଛି ମାସ ବାକି ରହିଛି। ଏବେ ବଲାଙ୍ଗୀରର ଆଗାମୀ ଭବିଷ୍ୟତ କ’ଣ ହେବ ସେନେଇ ବୁଦ୍ଧିଜୀବୀ ଏବଂ ଜନସାଧାରଣ ଏବେଠୁ ଉଦ୍ୟମ ଆରମ୍ଭ କରନ୍ତୁ। ୨୦୪୦ ବେଳକୁ କିଭଳି ବଲାଙ୍ଗୀର ଆମେ ଦେଖିବାକୁ ଚାହୁଁଛୁ ଆମକୁ ନତିଜେ ସ୍ଥିର କରିବାକୁ ହେବ। ଏଣୁ ସମୟ ଅପଚୟ ନକରି, ନେତାଙ୍କୁ ଅପେକ୍ଷା ନ କରି ବୁଦ୍ଧିଜୀବୀ ଏବଂ ଜନସାଧାରଣ ନିଜସ୍ୱ ଏଜେଣ୍ଡା ପ୍ରସ୍ତୁତ କରନ୍ତୁ ବୋଲି ବଲାଙ୍ଗୀର ଦିନ୍ ଉତ୍ସବ ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିବା ସମ୍ବଲପୁର ଆଇଆଇଏମ୍‌ର ପ୍ରଫେସର ଡ ସୁଜିତ କୁମାର ପୃଷେଠ୍ କହିଛନ୍ତି। ବଲାଙ୍ଗୀର ଦିନ୍ ଆୟୋଜକ କମିଟି ପକ୍ଷରୁ ସ୍ଥାନୀୟ ପତିତପାବନ ଏକାଡେମୀ ସମ୍ମିଳନୀ କକ୍ଷରେ ବଲାଙ୍ଗୀର ଦିନ୍ ଉତ୍ସବ ଉପଲକ୍ଷେ ଶିକ୍ଷା, କୃଷି ଓ ଜଳସେଚନ ୨୦୪୦ ଶୀର୍ଷକ ଏକ ଆଲୋଚନାଚକ୍ର ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ସନ୍ଦୀପ କୁମାର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ




ବଲାଙ୍ଗୀର ଦିନ୍ ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି, ଆଲୋଚକ, ଆୟୋଜକ।

### ବଲାଙ୍ଗୀର ଦିନ୍ ଉତ୍ସବ ଉପଲକ୍ଷେ ଆଲୋଚନାଚକ୍ର

ପୌରାଧ୍ୟକ୍ଷା ଲିକା ସାହୁ, ବଲାଙ୍ଗୀର ଦିନ୍ ଆୟୋଜକ କମିଟି ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀ, ମୁଖ୍ୟ ଆଲୋଚକ ଭାବେ ସମ୍ବଲପୁର ଆଇଆଇଏମ୍‌ର ପ୍ରଫେସର ସୁଜିତ କୁମାର ପୃଷେଠ୍, ଆଲୋଚକ ଭାବେ ଅବସରପ୍ରାପ୍ତ ଇଞ୍ଜିନିୟର ମଗନଲାଲ ଅଗ୍ରୱାଲ, ଟିଟିଲାଗଡ଼ ଡିଏଭି କଲେଜର ଅଧ୍ୟାପକ ଜୟଦେବ କର ଏବଂ ଖବରଦାତା ବୀରେନ୍ଦ୍ର କୁମାର ଝାଙ୍କର ଯୋଗଦାନ କରିଥିଲେ। ପ୍ରାରମ୍ଭରେ ପୌରାଧ୍ୟକ୍ଷା ସାହୁ ଦୀପ ପ୍ରଜ୍ୱଳନ କରି ଆଲୋଚନାଚକ୍ରର ଶୁଭାରମ୍ଭ କରିଥିଲେ। ବଲାଙ୍ଗୀର ଦିନ୍ ଆୟୋଜକ କମିଟି ଅଧ୍ୟକ୍ଷ ପାଣିଗ୍ରାହୀ ଆଭିମୁଖ୍ୟ ଏବଂ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଆଲୋଚକ ପ୍ରଫେସର ପୃଷେଠ୍ ତାଙ୍କ ବକ୍ତବ୍ୟରେ ୨୦୪୦ ମସିହା ବେଳକୁ ବଲାଙ୍ଗୀରର ଜନସଂଖ୍ୟା ବୃଦ୍ଧି ସହ ଖାଦ୍ୟ, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ପାଇଁ ଏବେଠୁ ପ୍ରସ୍ତୁତିର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଅନ୍ୟତମ ଆଲୋଚକ ଅଧ୍ୟାପକ କର ତାଙ୍କ ବକ୍ତବ୍ୟରେ ବଲାଙ୍ଗୀରର ଇତିହାସ କିଭଳି ସମୃଦ୍ଧ ଥିଲା ଏବଂ ସେନେଇ ସଚେତନତା ସୃଷ୍ଟି ଉପରେ ଜୋର ଦେଇଥିଲେ। ଅନ୍ୟତମ ଆଲୋଚକ ଇଂ ଅଗ୍ରୱାଲ ବଲାଙ୍ଗୀର ଜିଲାର କୃଷି ଏବଂ ଜଳସେଚନ ପାଇଁ କ’ଣ ଭିତ୍ତିଭୂମି ରହିଛି ସେ ଦିଗରେ କହିଥିଲେ। ଅନ୍ୟତମ ଆଲୋଚକ ଝାଙ୍କର ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର ଜିଲାର ୬ଟି ନଦୀ ଉପରେ ଛୋଟ ଆନିକଟ, ପାରମ୍ପରିକ ଜଳଉତ୍ସ, ବୈଷୟିକ ଜ୍ଞାନକୌଶଳର ସଫଳ ବିନିଯୋଗ ଉପରେ କହିଥିଲେ। ମୁଖ୍ୟ ଅତିଥି ପୌରାଧ୍ୟକ୍ଷା ସାହୁ ତାଙ୍କ ବକ୍ତବ୍ୟରେ ମ୍ୟୁନିସିପାଲିଟିର ଆଗାମୀ ଲକ୍ଷ୍ୟ ଏବଂ ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ସଭାପତୀୟ ଅଭିଭାଷଣରେ ସଭାପତି ଅଧ୍ୟାପକ କୁଅଁର ଜିଲାର ପାରମ୍ପରିକ ଜଳସେଚନ, କୃଷି ପଦ୍ଧତିକୁ ନ୍ୟୁନ ମନେ କରିବା ଏବଂ ସମସ୍ତଙ୍କୁ ନ ନେଇ ସମୃଦ୍ଧି ଚିନ୍ତା କରିବା କିଭଳି ବିପଜ୍ଜନକ ହେବ କହିଥିଲେ। ଶେଷରେ କମିଟି ସଦସ୍ୟ ବିକାଶ ସା ଧନ୍ୟବାଦ୍ ଦେଇଥିଲେ।

# ରକ୍ଷକ ବିରଞ୍ଚି ନାରାୟଣ ଦାଶ ସମ୍ମାନିତ

କଣ୍ଟାବାଞ୍ଜି,୨୭।୧୦(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ସଡକ ସୁରକ୍ଷା କମିଟିର ବୈଠକ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମିଟିର ଅଧ୍ୟକ୍ଷ ତଥା ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଆଞ୍ଚଳିକ ପରିବହନ ଅଧିକାରୀ ରାଜେଶ ମାରାଣ୍ଡିଙ୍କ ଉପସ୍ଥିତିରେ ସର୍ବପ୍ରଥମେ ରକ୍ଷକ ବିରଞ୍ଚିନାରାୟଣ ଦାଶଙ୍କୁ ଗୁଡ ସମରିଟାନ ସମ୍ମାନରେ ସମ୍ମାନିତ କରି ମାନପତ୍ର ଏବଂ ନଗଦ ରାଶି ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି ଦାଶ ତୁରେକେଲା ବ୍ଲକରେ ଗଣଶିକ୍ଷା ବିଭାଗରେ ସଂଯୋଜକ ଭାବରେ କାର୍ଯ୍ୟ କରିବା ସହିତ ଜୁନିୟର ରେଡକ୍ରସର ପରାମର୍ଶଦାତା, ରକ୍ଷକ, ରକ୍ତ ପରାମର୍ଶ ଦାତା, ରକ୍ତଦାନ, ସମାଜସେବା ଭଳି ଅନେକ ଜନହିତକର କାର୍ଯ୍ୟ କରି ଅଞ୍ଚଳର ପ୍ରିୟଭାଜନ ହୋଇପାରିଛନ୍ତି। ପୁଣି ତୁରେକେଲା ବ୍ଲକ ଭଳି ଅନୁନ୍ନତ ଦୁର୍ଗମ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିମାନଙ୍କ ପାଇଁ ଦେବଦୂତ ସାଜି ବିଭିନ୍ନ ସମୟରେ ଅନେକ ଦୁର୍ଲ୍ଲଭ ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି। ସେ ଅନେକ ସେବାମୂଳକ କାର୍ଯ୍ୟ ସହିତ ବିଭିନ୍ନ ଅନୁଷ୍ଠାନଗୁଡିକର ସକ୍ରିୟ ସଭ୍ୟ ରହି ନିଜ କାର୍ଯ୍ୟ ତୁଲାଇଛନ୍ତି। ଏହି ସମ୍ମାନରେ ସମ୍ମାନିତ ହୋଇଥିବାରୁ ତୁରେକେଲା ବ୍ଲକ ଶିକ୍ଷକ ସମାଜ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ରକ୍ଷକ ବିରଞ୍ଚିନାରାୟଣ ଦାଶଙ୍କୁ ସମ୍ମାନିତ କରାଯାଉଛି।

# ତୈଳିକ ବୈଶ୍ୟ ସମାଜର ସାଙ୍ଗଠନିକ ବୈଠକ



ତୈଳିକ ବୈଶ୍ୟ ସମାଜର ନୂତନ କର୍ମକର୍ତ୍ତା।

ମୁରିବାହାଲ,୨୭।୧୦(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ତୈଳିକ ବୈଶ୍ୟ ସମାଜର ସାଙ୍ଗଠନିକ ବୈଠକ ଶୁକ୍ରବାର ଲଖନା ଗ୍ରାମପଞ୍ଚାୟତର ଯାମପଡା ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ଏହା ସହ ମୁରିବାହାଲ ବ୍ଲକ ନୂତନ କମିଟି ଗଠନ କରାଯାଇଛି।

ସମାଜର ସାଙ୍ଗଠନିକ ବୈଠକର ପ୍ରାରମ୍ଭରେ ତୈଳିକ ସମାଜ କୁଳଦେବି ‘ରାତମେ ଧର୍ମମେ’ଙ୍କୁ ପୂଜାର୍ଚ୍ଚନା କରାଯାଇ ଏକ ସାମାଜିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଜିଲା ଉପସଭାପତି ଅଭୟ ସାହୁ ସଭାପତିତ୍ୱ କରିଥିଲେ। ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ନୂଆପଡା ଜିଲ୍ଲା ସଭାପତି ରାମରତନ ସାହୁ, ବଲାଙ୍ଗୀର

### ନୂତନ ବ୍ଲକ କମିଟି ଗଠନ

ଜିଲ୍ଲା ସଙ୍ଗଠକ ଗଣେଶ ସାହୁ, ଟିଟିଲାଗଡ଼ ବ୍ଲକ ସଭାପତି ଛତ୍ରଧର ସାହୁ, ବଙ୍ଗୋମୁଣ୍ଡା ବ୍ଲକ ଉପସଭାପତି ଅଖିଳ ସାହୁ ପ୍ରମୁଖ ମଞ୍ଚାସୀନ ରହି ତୈଳିକ ବୈଶ୍ୟ ସମାଜ ରୀତିନୀତି, ସମାଜକୁ ଶିକ୍ଷା ଦିଗରେ ଉନ୍ନତି କରିବା, କୁସଂସ୍କାର ପ୍ରତି ଦୂରେଇ ରହିବା, ମହିଳା ଓ ଯୁବତୀମାନଙ୍କୁ ଅଗ୍ରାଧିକାର ଦେବା ଓ ନିଜର ପରମ୍ପରାକୁ ବଜାଇ ରଖିବା ଉପରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ମୁରିବାହାଲ ବ୍ଲକର ୨୨ ଗ୍ରାମ ପଞ୍ଚାୟତର ୩୫ଖଣ୍ଡ ଗ୍ରାମରେ ବସବାସ କରୁଥିବା ତୈଳିକ ବୈଶ୍ୟ ସମାଜର ଜନସାଧାରଣଙ୍କୁ ନେଇ ଆଗାମୀ ୫ ବର୍ଷ ପାଇଁ ଏକ ନୂତନ ବ୍ଲକ କମିଟି ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ରୂପେ ଗୟାଧର ସାହୁ, ଉପସଭାପତି ସୁଦର୍ଶନ ସାହୁ, ସମ୍ପାଦକ ବାସୁଦେବ ସାହୁ, ସହସମ୍ପାଦକ ହରେକୃଷ୍ଣ ସାହୁ, କୋଷାଧ୍ୟକ୍ଷ ରୂପେ ଅଏଠୁ ସାହୁ, ସମାଜ ନାଏକ ଭାବରେ ଲିଙ୍ଗରାଜ ସାହୁ, ତଥା ପୁରାସେଟ ଭାବରେ ତ୍ରିପତି ସାହୁଙ୍କୁ ଚୟନ କରାଯାଇଥିଲା। ନୂତନ କମିଟି ଗଠନ ହେବା ପରେ ବ୍ଲକର ସମସ୍ତ ତୈଳିକ ବୈଶ୍ୟ ସମାଜ ଏକତ୍ରିତ କରି ସଙ୍ଗଠନକୁ ଗୁରୁତ୍ୱ ଦେବା ପାଇଁ ନୂତନ ସଭାପତି ସାହୁ ମତବ୍ୟକ୍ତ କରିଥିଲେ। କମିଟି ଉପଦେଷ୍ଟା ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲ।

### ଯୋଜନା ନେଇ ସଚେତନ କଲେ କୃଷି ଅଧିକାରୀ

ଟିଟିଲାଗଡ଼,୨୭।୧୦(ଶରତ ମିଶ୍ର)

ରାଜ୍ୟ ସରକାରଙ୍କ ପକ୍ଷରୁ କୃଷିର ବିକାଶ ନେଇ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ଏଭଳି କ୍ଷେତ୍ରରେ ତଳସ୍ତରରେ କାର୍ଯ୍ୟ କରୁଥିବା କୃଷି ଅଧିକାରୀ, କର୍ମଚାରୀ ନିଷ୍ଠାର ସହ କାର୍ଯ୍ୟ କରିବାକୁ ବଲାଙ୍ଗିର ଜିଲା ମୁଖ୍ୟ କୃଷି ଅଧିକାରୀ ସୁବାଷ ବେହେରା ପରାମର୍ଶ ଦେଇଛନ୍ତି। ଶୁକ୍ରବାର ସ୍ଥାନୀୟ କୃଷି ଓ ବିଜ୍ଞାନ କେନ୍ଦ୍ର ପରିସରରେ ଟିଟିଲାଗଡ଼ ଉପଖଣ୍ଡ ଅନ୍ତର୍ଗତ ୫ଟି ବ୍ଲକର କୃଷି କର୍ମଚାରୀଙ୍କୁ ନେଇ ଅନୁଷ୍ଠିତ ତାଲିମ ଶିବିରରେ ସରକାର କୃଷି ବିଭାଗକୁ ୫–ଟିରେ ସାମିଲ କରିଥିବା ନେଇ ଆମେ ଉତ୍କର୍ଷ ପ୍ରଦର୍ଶନ ନ କଲେ ପରିମାଣ ଭୋଗିବାକୁ ବିଶ୍ୱାଳ ସତର୍କ କରାଇଥିଲେ। ବିଶେଷକରି ସରକାରଙ୍କ ମିଲେଟ ମିଶନ, କପା ମିଶନ, ସିଡିପି ଯୋଜନା, ଜୈବିକ କୃଷି, ଉଦ୍ୟାନ ବିଭାଗ ଆନୁକୂଲ୍ୟରେ ଛତୁ, ଆଳୁ, ପନିପରିବା ଆଦି ଚାଷକୁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ସେନେଇ ଚାଷୀଙ୍କୁ ବିଶେଷ ସଚେତନ କରିବାକୁ ଜିଲା କୃଷି ଅଧିକାରୀ ପରାମର୍ଶ ଦେଇଥିଲେ। ସଭାରେ ଟିଟିଲାଗଡ଼ ଉପଖଣ୍ଡ କୃଷି ଅଧିକାରୀ ବିଶ୍ୱେଶ୍ୱର ଗୁଡ୍ଡୁ, ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ମନବୋଧ ମାଝୀ, ଏଡିଏ ମୃତିକା କେମିଷ୍ଟ ବିଭାଗ ବଲାଙ୍ଗୀରର ବିଦ୍ୟାଧର ସାହୁ, ପ୍ରିନ୍ସିପାଲ ରାଇଟ ଲାଲବିହାରୀ ମଲ୍ଲିକ, ବ୍ଲକ କୃଷି ଅଧିକାରୀ ତୁରେକେଲା ଆନନ୍ଦ ମଲ୍ଲିକ, ସଇଁତଲା ଭକ୍ତଚରଣ ଛତ୍ରିଆ, ବଙ୍ଗୋମୁଣ୍ଡା ଏସ ପ୍ରଧାନ, ଟିଟିଲାଗଡ଼ ରୀତିକ ରାୟ, ଏଏଓ ଟିଟିଲାଗଡ଼ ଅଶ୍ୱିନୀ ରାଉତ, ଏଏଓ ମୁରିବାହାଲ ଅବିନାଶ ପାଣିଗ୍ରାହୀ, ଏଏଓ ସଇଁତଲା ସଞ୍ଜୀବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ‘ପିଇବାପାଣି, ସ୍ୱାସ୍ଥ୍ୟ, ଶିକ୍ଷା ସମସ୍ୟା ସମାଧାନ କରାଯିବ’

ବଲାଙ୍ଗୀର,୨୭।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଭୁତିଆରବାହାଲ ଗାଁରେ ନବନିର୍ମିତ ପାନୀୟ ଜଳ ପ୍ରକଳ୍ପକୁ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଲୋକାର୍ପିତ କରିଛନ୍ତି। ଭୁତିଆରବାହାଲ ଗାଁର ସହସ୍ରାଧିକ ମହିଳା, ପୁରୁଷ ବିଧାୟକ ମିଶ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପରେ ସ୍ଥାନୀୟ ନଈକୂଳ ସ୍ଥିତ ପାନୀୟ ଜଳ ପ୍ରକଳ୍ପ ସ୍ଥଳକୁ ଯାଇଥିଲେ। ସେଠାରେ ବିଧାୟକ ମିଶ୍ର ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ମିଶ୍ର କହିଥଲେ ଯେ, ଭୁତିଆରବାହାଲ ଅଞ୍ଚଳ ୧୦ବର୍ଷ ପୂର୍ବରୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ଜଳସେଚନ କ୍ଷେତ୍ରରେ ବହୁ ପଛରେ ଥିଲା। ପାନୀୟଜଳ ପାଇବା ପାଇଁ ଲୋକେ ଅନେକ ସଂଘର୍ଷ କରିବା ସହ ହନ୍ତସନ୍ତ ହେଉଥିଲେ। ବିଗତ ୯ ବର୍ଷ ଭିତରେ ଏ ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ଧ୍ୟାନଦେଇ ଜଣସାଧାରଣଙ୍କ ସମସ୍ୟା ସମାଧାନ କରାଯିବା ଦିଗରେ ପଦକ୍ଷେପ ନିଆଯାଇଛି। ବର୍ତ୍ତମାନ ଜିଲା ସଦର ମହକୁମାଠାରୁ ଭୁତିଆରବାହାଲ ପର୍ଯ୍ୟନ୍ତ ଉନ୍ନତମାନର ଗମନାଗମନ ବ୍ୟବସ୍ଥା

### ଭୁତିଆରବାହାଲରେ ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ

ଏଅଞ୍ଚଳର ଅର୍ଥନୈତିକ ସମୃଦ୍ଧି କ୍ଷେତ୍ରରେ ସହାୟକ ହେବ। ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ଶିକ୍ଷାନୁଷ୍ଠାନର ବିକାଶ କରାଯାଇଛି। ସ୍ୱାସ୍ଥ୍ୟ ସମସ୍ୟା ଦୂର କରାଯାଇଛି। ଆଗାମୀ ନିର୍ବାଚନ ପୂର୍ବରୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସମସ୍ୟା ନିଶ୍ଚିତ ଭାବରେ ସମାଧାନ କରାଯିବ ବୋଲି ସେ କହିଥିଲେ। କୃଷି ଉନ୍ନତି ପାଇଁ ଜଳସେଚନ ବ୍ୟବସ୍ଥା ମଧ୍ୟ କରାଯାଉଛି ବୋଲି ସୂଚନା ଦେଇଥିଲେ। ଉଦ୍‌ଘାଟନ ପରବର୍ତ୍ତୀ ସଭା ପରେ ବହୁ ଲୋକ ବିଧାୟକଙ୍କୁ ସେମାନଙ୍କ ଅଭିଯୋଗ ଓ ସମସ୍ୟା ଜଣାଇଥିଲେ। ଅଭିଯୋଗ ଓ ସମସ୍ୟାର ଶୀଘ୍ର ସମାଧାନ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ନୀଳମଣି ସେଠ, ସମିତି ସଭ୍ୟ ଅଜିତ ସାହୁ, ପ୍ରମୋଦ ସାହୁ, ଉମାଶଙ୍କର ପଣ୍ଡା, ରାମଜୀ ଚୌଧୁରୀ, କାହ୍ନୁ ପ୍ରଧାନ, ଉଜଳ ସାହୁ, ସରୋଜ ରଥ, ଗଗନ ନାଥ, ଲିଙ୍ଗ ପୁଟେଲ, ଇପ୍‌ସିତା ସାହୁ ଉପସ୍ଥିତ ଥିଲେ।



ବିଧାୟକ ନରସିଂହ ମିଶ୍ର ଭୁତିଆରବାହାଲ ପାନୀୟଜଳ ପ୍ରକଳ୍ପ ଲୋକାର୍ପିତ କରୁଛନ୍ତି।

# ଇଣ୍ଡିଆନ ଆଇଡଲ ଗୋଲ୍‌ଡେନ ଟିକଟ ପାଇଥିବା ଅଜୟଙ୍କୁ ଜିଲାପାଳ ଜଣାଇଲେ ଶୁଭେଚ୍ଛା

ବଲାଙ୍ଗୀର,୨୭।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଜାତୀୟ ସ୍ତରର ମର୍ଯ୍ୟାଦାଜନକ କଣ୍ଠସଙ୍ଗୀତ ପ୍ରତିଯୋଗିତା ଇଣ୍ଡିଆନ୍ ଆଇଡଲ ସିଜନ୍ ୧୪ର ଅଡିଶନ୍ ରାଉଣ୍ଡରେ ବଲାଙ୍ଗୀରର ଉଦୟୀମାନ ଯୁବ କଣ୍ଠଶିଳ୍ପୀ ଏବଂ ସଙ୍ଗୀତଜ୍ଞ ଅଜୟ ଅମର ସିଂଦେଓ ଗୋଲଡେନ୍ ଟିକଟ ପାଇଛନ୍ତି। ସୋନି ଟିଭି ପ୍ରାୟୋଜିତ ଲୋକପ୍ରିୟ ଇଣ୍ଡିଆନ୍ ଆଇଡଲ ଅଡିଶନ୍ ରାଉଣ୍ଡରେ ଯୋଗ୍ୟ ବିବେଚିତ ଅଜୟ ଅମରଙ୍କ ଏପିଶୋଡ ପ୍ରସାରିତ ହେବା ପରେ ବଲାଙ୍ଗୀର ସମେତ ସାରା ରାଜ୍ୟରେ ତାଙ୍କୁ ଶୁଭେଚ୍ଛୁ ମହଲରେ ଶୁଭେଚ୍ଛା ଜଣାଯାଇଛି। ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ମଧ୍ୟ ତାଙ୍କୁ ଜିଲାପାଳ ଅଫିସକୁ ଆମନ୍ତ୍ରଣ କରି ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କର ଏଭଳି ନିଷ୍ଠା ଏବଂ ସଙ୍ଗୀତ ପ୍ରତିଭାକୁ ସେ ପ୍ରଶଂସା କରି ଆଗାମୀ ଦିନରେ ଇଣ୍ଡିଆନ୍ ଆଇଡଲର ବିଭିନ୍ନ ସୋପନରେ ତାଙ୍କର ସଫଳତା କାମନା କରିଥିଲେ।



ଅଜୟ ଅମର ସିଂଦେଓଙ୍କୁ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରଣା ଶୁଭେଚ୍ଛା ଜଣାଉଛନ୍ତି।

ଏହି ଅବସରରେ ଅଜୟଙ୍କ ପିତା ଦିଲୀପ କୁମାର ସିଂଦେଓ ଓ ମାତା ନଳିନୀ ସିଂ ଏବଂ ଜିଲା ସଂସ୍କୃତି ଅଧିକାରୀ ରଶ୍ମୀରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ଜିଲାପାଳ ରାଣା ଉଭୟ ମାତାପିତାଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ। ଇଣ୍ଡିଆନ ଆଇଡଲ ପ୍ରତିଯୋଗିତାରେ ଭାଗ ନେବାକୁ ଅଜୟ ସେପ୍‌ଟେମ୍ବରରେ ମୁମ୍ବାଇ ଯାଇଥିଲେ। ଅଡିଶନ୍ ରାଉଣ୍ଡରେ ଦେଶର ବିଭିନ୍ନ ରାଜ୍ୟରୁ ହଜାର ହଜାର କଣ୍ଠଶିଳ୍ପୀ ଏବଂ ସଙ୍ଗୀତଜ୍ଞ ସେମାନଙ୍କ ପ୍ରତିଭା ଦେଖାଇବାକୁ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ପ୍ରଖ୍ୟାତ କଣ୍ଠଶିଳ୍ପୀ କୁମାର ସାନୁ, ଶ୍ରେୟା ଘୋଷାଲ ଏବଂ ସଙ୍ଗୀତଜ୍ଞ ବିଶାଳ ଦାଦଲାନୀ ଯୁବ କଣ୍ଠଶିଳ୍ପୀ ଅଜୟଙ୍କ ଗୀତ ଏବଂ ଭାଓଲିନ୍ ବାଦନ ଶୁଣିବା ପରେ ଠିଆ ହୋଇ ପ୍ରଶଂସା କରିଥିଲେ।

# ଜରାସିଂହା ପ୍ରସିଦ୍ଧ ପାଟଖଣ୍ଡା ଯାତ୍ରା ଉଦ୍‌ଯାପିତ

### ଦେବୀଙ୍କ ସ୍ୱସ୍ଥାନ ପ୍ରତ୍ୟାବର୍ତ୍ତନ ସହ ଯାତ୍ରା ଶେଷ

ଦେଓଗାଁ,୨୭।୧୦(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହାରେ ଚାଲିଥିବା ପ୍ରସିଦ୍ଧ ଐତିହାସିକ ପାଟଖଣ୍ଡାଯାତ୍ରା ଦେବୀଙ୍କ ସ୍ୱସ୍ଥାନ ପ୍ରତ୍ୟାବର୍ତ୍ତନ ସହ ଶୁକ୍ରବାର ଯାତ୍ରା ଉଦଯାପିତ ହୋଇଛି। ଏହି ଦିନ ନିଶିଗୁଡିଠାରେ ରୀତିନିତି ଅନୁସାରେ ପୂଜାର୍ଚ୍ଚନା ସହ ପାଟଖଣ୍ଡା ବରୁଆଙ୍କ ଶରୀରରେ ଆବିର୍ଭାବ ହୋଇ ପାରମ୍ପାରିକ ବାଦ୍ୟର ତାଳେ ତାଳେ ନୃତ୍ୟ କରିଥିଲେ। ଶ୍ରଦ୍ଧାଳୁ ମାନସିକଧାରୀଙ୍କୁ ଫୁଙ୍କାଝରା କରି ଆଶୀର୍ବାଦ ପ୍ରଦାନ ସହ ମାନସିକ କରିଥିବା ଅପୁତ୍ରିକ ଦମ୍ପତିଙ୍କ ଶରୀରରେ ନୃତ୍ୟ କରି ବର ପ୍ରଦାନ ଏଠାରେ ଏକ ନିଆରା ପରମ୍ପରା । ଏପରିପ୍ରେକ୍ଷୀରେ



ଜରାସିଂହାରେ ପାଟଖଣ୍ଡା ଯାତ୍ରା ଉଦ୍‌ଯାପନୀ ଦିବସରେ ଭକ୍ତଙ୍କୁ ବରପ୍ରଦାନ।

ଦେବତା ଅସ୍ଥାୟୀ ରାଜନଗରରେ ବଳି ପ୍ରଦାନ ପରେ ଦେବୀ ସ୍ୱସ୍ଥାନ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଦିନ ବଲାଙ୍ଗିର ଜିଲା ସମେତ ଆଖପାଖ ଜିଲାର ଦଶ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହୋଇଥିଲା। ଯାତ୍ରାରେ ମୁଖ୍ୟ ସେବାୟତ ସନ୍ତୋଷ ଥନାପତି, ପଣ୍ଡିତ ଅସିତ ତ୍ରିପାଠୀ, ଆଲୋକ ତ୍ରିପାଠୀ, ମୁଖ୍ୟ ସେବକ ଜମିଦାର ଦୁର୍ଗାପ୍ରସାଦ ସିଂଦେଓ, ଡା. ସରୋଜ କୁମାର ସାହୁ, ମଶାଲିଆ ଶ୍ରୀବଚ୍ଛ ସାହୁ ସମେତ ୩୨ ଦେହୁଲି, ବିଏନଏର କର୍ମକର୍ତ୍ତା, ବିଏନଏର ସଭାପତି ଭାଗ୍ୟବନ୍ତ ମେହେର, ସମ୍ପାଦକ ରାଜ କିଶୋର ସେଠ , ଗ୍ରାମ୍ୟ ଉନ୍ନୟନ କମିଟି ତଥା ଗ୍ରାମବାସୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା

ଡୁଙ୍ଗୁରିପାଲି,୨୭।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ସାଲେପାଲିରେ ୧୩ତମ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟିର ସଦସ୍ୟ ଓ ମହିଳାମାନେ ଏକ ଶୋଭାଯାତ୍ରାରେ ବାହାରି ଶିବ ମନ୍ଦିର ନିକଟକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା କରି କେନାଲରୁ ପୂର୍ଣ୍ଣ କଳସ ଜଳ ଆଣି ସାଲେପାଲି ଗ୍ରାମ ପରିକ୍ରମା କରି ପୂଜାସ୍ଥଳୀରେ ପହଞ୍ଚି ଥିଲେ। ପୂଜାରେ କର୍ତ୍ତା ଭାବେ ଦେବେନ୍ଦ୍ର ଖମାରୀ ଓ ତାଙ୍କ ସ୍ତ୍ରୀ କ୍ଷୀରେଶରୀ ଖମାରୀ ଦାୟିତ୍ୱ ତୁଲାଇବେ । ପୂଜକ ଭାବେ ପିଣ୍ଟୁ ମିଶ୍ର ଓ ସୁରେଶ ମିଶ୍ର ରହିଛନ୍ତି। ଏହି ଗଜଲକ୍ଷ୍ମୀ ପୂଜା ଶନିବାରଠାରୁ ଆରମ୍ଭ ହୋଇ ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଚଳିତବର୍ଷ ପୂଜା ସ୍ଥଳୀରେ ଭଜନ, କୀର୍ତ୍ତନ, ପାରାୟଣ , ସଂପ୍ରଦା, ଘୋଡ଼ାନାଚ, ଦଣ୍ଡନାଚ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଅନ୍ତର୍ନିହିତ ପ୍ରତିଭାକୁ ପରିପ୍ରକାଶ କରେ ମହୋତ୍ସବ

ସୋନପୁର,୨୭।୧୦(ମୃତ୍ୟୁଞ୍ଜୟ ଶତପଥୀ)


ଶିଶୁ ମହୋତ୍ସବରେ ଜିଲାପାଳ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନଠାରେ ଦୁଇ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ଜିଲାର ସମସ୍ତ ଶିଶୁ ଗୃହ ଅନୁଷ୍ଠାନର ଅନ୍ତେବାସୀ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ବକ୍ତୃତା, କୁଇଜ୍, ଲମ୍ଫଡିଆଁ, ଉଚ୍ଚଡିଆଁ, ଦୌଡ଼, କ୍ୟାରମ ଓ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ମହୋତ୍ସବ ଦ୍ୱାରା ହୋଇଥାଏ ବୋଲି କହିଥିଲେ। ଏହି ଅବସରରେ ଜିଲାପାଳ ରାୟ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ,

**ମହକ ଓ ଉତ୍ସାହ ଉଦ୍‌ଯାପିତ**

ଅତିରିକ୍ତ ଏସ୍‌ପି ବୀରେନ୍ଦ୍ର ନାୟକ, ଜିଲା ଶିଶୁ ମଙ୍ଗଳ ଅଧିକାରୀ ଶଙ୍କର୍ଷଣ ପଣ୍ଡା, ସହାୟକ ଜିଲାପାଳ ଜ୍ୟୋତିର୍ମୟୀ ମଲ୍ଲିକ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ଦାଶ ଯୋଗ ଦେଇଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ବ୍ରତାନନ୍ଦ ଭୋଇ ଓ ଘାସିରାମ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ବିଜୟ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ । ଗୁରୁବାର ଉଦ୍‌ଘାଟନୀ ଉତ୍ସବରେ ଜିଲା ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ନାୟକ ଓ ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ଯୋଗ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର କେଶବ ମେହେର, ସାମାଜିକ କର୍ମୀ ରୁଦ୍ର ପ୍ରସନ୍ନ ମିଶ୍ର, ସରିତା ସୁନା, ପ୍ରଶାନ୍ତ ମହାକୁଡ଼, ବିଶ୍ୱେଶ୍ୱର ହୋତା, ସ୍ୱାଗତରାଜ ମିଶ୍ର, ଅନିଲ କୁମାର ମେହେର ଓ ସୁଜାତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ନୂଆ ଅଳଙ୍କାରରେ ଭୂଷିତା ମା' ସୁରେଶ୍ୱରୀ

ସୋନପୁର,୨୭।୧୦(ମୃତ୍ୟୁଞ୍ଜୟ ଶତପଥୀ)

**ପରିଧାନ କଲେ ୯ କିଲୋ ଓଜନର ରୁପା ଅଳଙ୍କାର**


ମା' ସୁରେଶ୍ୱରୀଙ୍କୁ ନୂତନ ଅଳଙ୍କାର ପିନ୍ଧାଯାଇଛି।

ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀ ଶୁକ୍ରବାର ଦିନ ୯ କିଲୋ ଓଜନର ରୂପା ଅଳଙ୍କାର ପରିଧାନ କରି ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମା'ଙ୍କୁ ଜଣେ ଭକ୍ତ ଏହି ରୁପା ଅଳଙ୍କାର ଦେଇଛନ୍ତି । ଅଳଙ୍କାର ମଧ୍ୟରେ ପରଭା, ଛତ୍ର, ପଦ୍ମ ପାଦ ରହିଛି। ଏଥିପାଇଁ ପଣ୍ଡିତ କାଳୀ ପ୍ରସାଦ ମିଶ୍ରଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜା ପରେ ସମସ୍ତ ଅଳଙ୍କାର ମା'ଙ୍କ ଠାରେ ଅର୍ପଣ କରି ସାଜସଜ୍ଜା କରାଯାଇଥିଲା । ମା'ଙ୍କର ଜଣେ ଭକ୍ତଙ୍କ ସହଯୋଗରେ ରୁପା ଅଳଙ୍କାର ନିର୍ମିତ ହୋଇ ପାରିଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। କଲିକତା ଉଚ୍ଚ ନ୍ୟାୟଳୟର ବିଚାରପତି ଚିତ୍ତ ରଞ୍ଜନ ଦାଶ, ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ,ଏସ୍‌ପି ଅମରେଶ ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ସୋନପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଡ. ଇପ୍ସିତା ପ୍ରିୟଦର୍ଶନୀ ମିଶ୍ର, ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତଙ୍କ ସମେତ ମନ୍ଦିର କମିଟିର ଶ୍ରୀବତ୍ସ ମଲ୍ଲିକ, ରବି ନାରାୟଣ ମହାପାତ୍ର, ବୈକୁଣ୍ଠ ଶତପଥୀ, ଅଟଳ ମହାପାତ୍ର, ସତ୍ୟ ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଦେବୋତ୍ତର ବିଭାଗକୁ ମା'ଙ୍କ ରୁପା ଅଳଙ୍କାର ସବୁର ତତ୍ତ୍ୱାବଧାନ ପାଇଁ ଦାୟିତ୍ୱ ଦିଆଯାଇଛି ।

### ରାଜ୍ୟ ତୀରନ୍ଦାଜୀ ପ୍ରତିଯୋଗିତା ପାଇଁ ସାଂସ୍କୃତିକ ଶୋଭାଯାତ୍ରା

ଅମରପାଲି,୨୭।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପାଣ୍ଡିଆପାଲିସ୍ଥିତ ଖେଳପଡିଆ ଠାରେ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ଶନିବାରଠାରୁ ଆରମ୍ଭ ହେବ। ଏନେଇ ଶୁକ୍ରବାର ଦିନ ବୀରମହାରାଜପୁର ଜଗନ୍ନାଥ ମନ୍ଦିରରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ଥିଲା । ଜିଲା ତୀରନ୍ଦାଜ ସଂଘର ସମ୍ପାଦକ ପଙ୍କଜ ଖମାରିଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ହୋଇଥିଲା । ଶୋଭାଯାତ୍ରାରେ ଉପଦେଷ୍ଟା ଭୂଷଣ କୁମାର ପାତ୍ର, ଦିଲିପ ତ୍ରିପାଠୀ, କ୍ଷୀରସିନ୍ଧୁ ବିଭାର, ଗୋପାଳ ପାତ୍ର, ଆୟୋଜକ କମିଟି ସଦସ୍ୟ ସୁଦର୍ଶନ ବିଶ୍ୱାଳ, ଦଣ୍ଡ କଳାକାର ସଂଘ ସମ୍ପାଦକ ଚିନ୍ମୟ କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ । ଦୀର୍ଘ ୪ ଦିନ ଧରି ଚାଲିବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା, ମନ୍ତ୍ରୀ ପ୍ରଦୀପ ଅମାତ, ମନ୍ତ୍ରୀ ତରୁଣକାନ୍ତ ବେହେରା ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ୧୫ ବର୍ଷରେ ଖଣ୍ଡହତାର ଗଜଲକ୍ଷ୍ମୀ ପୂଜା

ଅମରପାଲି,୨୭।୧୦(ପୀତାମ୍ବର ସାହୁ)


ଖଣ୍ଡହତାରେ ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ଛକ ପଡିଆରେ ହେଉଥିବା ଗଜଲକ୍ଷ୍ମୀ ପୂଜା ଚଳିତବର୍ଷ ୧୫ ବର୍ଷରେ ପହଞ୍ଚିଛି। ଏଥିପାଇଁ ପ୍ରସ୍ତୁତି ଏକପ୍ରକାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୂଜା ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। ସର୍ବ ସମ୍ମତି କ୍ରମେ ଏହି ପୂଜା ପରିଚାଳନା ପାଇଁ ରୁଦ୍ରପ୍ରକାଶ ମିଶ୍ରଙ୍କୁ ସଭାପତି, ଆଶୁତୋଷ ପଣ୍ଡାଙ୍କୁ ସମ୍ପାଦକ, ପ୍ରଦୀପ ମାଝୀଙ୍କୁ ସହସମ୍ପାଦକ ଭାବେ ଚୟନ କରାଯାଇଛି। ବିମ୍ବାଧର ମେଣ୍ଡିଲିଙ୍କୁ ମୁଖ୍ୟ ଉପଦେଷ୍ଟା ଏବଂ ସୁଭାଷ ପ୍ରଧାନ, ତପନ ମଲ୍ଲିକ, ସୁଶିଲ ଭୋକ୍ରା, ମଧୁସୂଦନ ମହାକୁର, ବାବୁଲୁ ପ୍ରଧାନ, ବାଦଲ ଭୋକ୍ରା, ବଂଶୀଧର ଅମାତ,ଆନନ୍ଦ କୁଦାଇଙ୍କୁ ପରିଚାଳନା କମିଟିର ସଦସ୍ୟ ଭାବେ ଚୟନ କରାଯାଇଛି। ବଳରାମ ପଣ୍ଡା ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରିବେ। ମଧୁସୂଦନ ମହାକୁର ଓ କୁନ୍ତୀ ମହାକୁର ସପତ୍ନିକ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନା କରିବାର ସ୍ଥିର ହୋଇଛି। ପୂଜା ପାଇଁ ଶୁକ୍ରବାର ଦିନ କଳସ

**■ ଜଳନ୍ଧର ଦରବାର ହେବ ମୁଖ୍ୟ ଆକର୍ଷଣ**

**■ ପୂଜା ପାଇଁ କଳସ ଶୋଭାଯାତ୍ରା**

ଶୋଭାଯାତ୍ରା କରାଯାଇଥିଲା। ଗ୍ରାମର ବାଇଗଣି ଯୋରରୁ ଏକ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଅଣାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଶନିବାରଠାରୁ ପୂଜା ଆରମ୍ଭ ହେବ। ପ୍ରତ୍ୟହ ହୋମ, ଯଜ୍ଞ, ପୁଷ୍ପାଞ୍ଜଳି, ଆଳତି ଆଦି କରାଯିବ। ବ୍ରତଧାରୀମାନେ ନିଷ୍ଠା ଓ କାଷ୍ଠାର ସହିତ ପୂଜା କରୁଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରତ୍ୟହ ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ଜଳନ୍ଧର ଦରବାର କରାଯିବ। ଏଥିରେ ଗୋପାଳ ଦାସ ଜଳନ୍ଧର ଭୂମିକାରେ ଅଭିନୟ କରିବେ। ମଙ୍ଗଳବାର ସନ୍ଧ୍ୟାରେ ମିକଶ୍ଚର ଦଣ୍ଡ ପରିବେଷଣ ହେବ। ବୁଧବାର ଦିନ ଭସାଣି ହେବ। ଏଥିରେ ଢୋଲ, ନିଶାଣ, ତାସା, ଘଣ୍ଟ, ଶଙ୍ଖ ଆଦି ବାଜା ସହିତ ରୋଡ ଡ୍ୟାନ୍ସ, ଦୁଲଦୁଲି ଆଦି ପରିବେଷଣ କରାଯିବ। ଗଜଲକ୍ଷ୍ମୀ ପୂଜା ପାଇଁ କମିଟିର ସଦସ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି।

### ହିଲୁଙ୍ଗ ପୋଖରୀରେ କୁମ୍ଭୀର ଭୟ, ଲୋକେ ଆତଙ୍କିତ

**କୁମ୍ଭୀର ନୁହେଁ ବୋଲି ସ୍ପଷ୍ଟ କଲା ବନ ବିଭାଗ**

ଅମରପାଲି,୨୭।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସଦର ହିଲୁଙ୍ଗ ଗାଁରେ ଥିବା ରଣାବନ୍ଧରେ କୁମ୍ଭୀର ଆତଙ୍କ ଦେଖାଦେଇଛି। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡିଥିବା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ବୀରମହାରାଜପୁରରୁ ଅମରପାଲି ମୁଖ୍ୟରାସ୍ତା କଡରେ ଥିବା ହିଲୁଙ୍ଗ ରଣାବନ୍ଧର ଗତବର୍ଷ ମାଟି କାମ ହୋଇଥିବାରୁ ଏହାର ଜଳଧାରଣ କ୍ଷମତା ଅଧିକ ହୋଇଛି। ତେବେ ଗତ ୨ ଦିନ ହେବ ଉକ୍ତ ପୋଖରୀରେ ୫ରୁ ୭ ଫୁଟ ଲମ୍ବର ଏକ ଅଜଣା ଜୀବ ପାଣି ଭିତରେ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏହା କୁମ୍ଭୀର ହୋଇ ଥାଇପାରେ ବୋଲି ପ୍ରଚାର ହୋଇଯିବା ପରେ ଗ୍ରାମବାସୀ ଭୟଭୀତ ହୋଇ ଉକ୍ତ ପୋଖରୀକୁ ସ୍ନାନ ଶୌଚ କରିବାକୁ ମଧ ଆସୁନାହାନ୍ତି। ଏହାଛଡା କୁମ୍ଭୀର ଦେଖିବାକୁ ପୋଖରୀ ହିଡ଼ରେ ଲୋକଙ୍କ ଭିଡ ଜମିଥିଲା। ଖବରପାଇ ଉଲୁଣ୍ଡା ବନାଞ୍ଚଳ ଅଧିକାରୀ ଏବଂ ଜାଲୋଏ ବନପାଳ ବନବିଭାଗ କର୍ମଚାରୀଙ୍କ ସହିତ ହିଲୁଙ୍ଗ ରଣାପୋଖରୀ ନିକଟକୁ ଯାଇ ସ୍ଥିତି ପରଖିଥିବା ବେଳେ ବନାଞ୍ଚଳ ଅଧିକାରୀ ଏହା କୁମ୍ଭୀର ନୁହେଁ,ଏକ ପ୍ରକାର ସାପ ହୋଇପାରେ ବୋଲି କହିବା ସହିତ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି କହିଛନ୍ତି । ଅଜଣା ଜୀବର ଗତିବିଧି ଉପରେ ନଜର ରଖାଯାଉଛି। ଭୟ କରିବାର କିଛି ନାହିଁ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଆରମ୍ଭ ହେଲା ପ୍ରସିଦ୍ଧ ହରଗୌରୀ ଯାତ୍ରା

ସୋନପୁର,୨୭।୧୦(ମୃତ୍ୟୁଞ୍ଜୟ ଶତପଥୀ)


ଗୌରୀଙ୍କୁ ପୂଜା ମଣ୍ଡପରେ ସ୍ଥାପନ କରାଯାଇଛି।

ସୁବର୍ଣ୍ଣପୁର ସହର ଢେରାପଡାର ପ୍ରସିଦ୍ଧ ହରଗୌରୀ ଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ରାତିରେ ବାବା ସୁବର୍ଣ୍ଣମେରୁଙ୍କ ନିଜସ୍ୱ ଜମିରେ ଧାନ ଗଛକୁ ଚନ୍ଦନ, ଧୂପ ଓ ନୈବେଦ୍ୟ ସହ ପୂଜା କରାଯାଇଥିଲା। ଧାନ ଗଛକୁ ଗୌରୀଙ୍କ ରୂପରେ ଆବାହନ କରି ଏକ ଶୋଭାଯାତ୍ରାରେ ଆଣି ଢେରାପଡାସ୍ଥିତ ପୂଜାମଣ୍ଡପରେ ବିଳମ୍ବିତ ରାତିରେ ସ୍ଥାପନା କରାଯାଇଛି। ପ୍ରକାଶ ଯେ, ସନ୍ଧ୍ୟାରେ ପ୍ରଥମେ ବୁଢୀମା'ଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ପଡାର ମହିଳା ପୁରୁଷ ସଂକୀର୍ତ୍ତନ୍ୟ ମଣ୍ଡଳୀ ସହ ଏକ ବିରାଟ ଶୋଭାଯାତ୍ରାରେ ଗୌରୀଙ୍କୁ ଆବାହନ ପାଇଁ ବାହାରି ଥିଲେ। କ୍ଷେତରେ ପୂଜାର୍ଚ୍ଚନା ପରେ ଧାନ ଗଛକୁ ଏକ ପିତ୍ତଳ ଥାଳରେ ରଖି ପରମ୍ପରା ଅନୁଯାୟୀ ଅବିବାହିତ ଯୁବକ ରାମେଶ୍ୱ ରାଓ ତାଙ୍କ ମୁଣ୍ଡରେ ଧାରଣ କରି ଆଣିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଶ୍ରଦ୍ଧାଳୁମାନେ ଘର ସମ୍ମୁଖରେ ଜଳପୂର୍ଣ୍ଣ କଳସ ରଖି ପୂଜା କରିବା ସହ ଗୌରୀଙ୍କୁ ଦର୍ଶନ କରିଥିଲେ। ହରଗୌରୀ ଯାତ୍ରା କମିଟି ଓ ବୁଢୀମା ଯୁବକ ସଂଘ ପକ୍ଷରୁ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ୯ ଦିନ ବ୍ୟାପି ନୀତିକାନ୍ତି ଅନୁଯାୟୀ ଚାଲିବ। ହରଗୌରୀ ଓ ବୁଢୀମାଙ୍କ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଭିଡ ଲାଗିବ। ଆସନ୍ତା ୩୦ ତାରିଖଠାରୁ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କତିକ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଜଣାପଡିଛି। ଏହି ଯାତ୍ରା ପାଇଁ ଉଠାଦୋକାନୀଙ୍କ ଭିଡ ଲାଗିବା ସହ ଢେରାପଡା ଉତ୍ସବମୁଖର ହୋଇଉଠିଛି। ସହରରେ ଥିବା ତେଲୁଗୁ ସମ୍ପ୍ରଦାୟଙ୍କ ଦ୍ୱାରା ପ୍ରତି ୨ ବର୍ଷରେ ଥରେ ଏହି ଯାତ୍ରା ଆୟୋଜିତ ହୋଇଥାଏ । ପଡାରେ ଥିବା ଅଧିଷ୍ଠାତ୍ରୀ ଦେବୀ ବୁଢୀମା'ଙ୍କ ମନ୍ଦିର ପ୍ରାଙ୍ଗଣ ଏହି ଯାତ୍ରାର ଆଦି ପୀଠ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବାଉଁଶୁଣୀ,୨୭।୧୦(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ନାଗରିକ କମିଟିର ପୂର୍ବତନ ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ମହାକୁଡ (୮୪)ଙ୍କ ଶୁକ୍ରବାର ଅପରାହ୍ନରେ ନିଜ ଡିମିରିପାଲିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଶିକ୍ଷକତା ଚାକିରିରୁ ଅବସର ଗ୍ରହଣ ପରେ ସ୍ୱର୍ଗତ ମହାକୁଡ ବାଉଁଶୁଣୀ ଅଞ୍ଚଳର ବିକାଶ ପାଇଁ ସଦାସର୍ବଦା ତତ୍ପର ଥିଲେ । ତାଙ୍କ ନେତୃତ୍ୱରେ ଲୋକଙ୍କ ସମସ୍ୟାକୁ ନେଇ ବହୁବାର ଆନ୍ଦୋଳନ ହୋଇଥିଲା। ସନ୍ଧ୍ୟାରେ ଗ୍ରାମ ନିକଟ ମହାନଦୀ ଶ୍ମଶାନ ଘାଟ ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବଡ ପୁଅ ରଞ୍ଜନ ମହାକୁଡ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

# ଭସାଣି ଯାତ୍ରାରେ ଦୁଲୁକିଲା ସହର

ସୋନପୁର,୨୭।୧୦(ମୃତ୍ୟୁଞ୍ଜୟ ଶତପଥୀ)


ଅନ୍ତରାମ ମଣ୍ଡପ ଦୁର୍ଗାପୂଜା କମିଟି ପକ୍ଷରୁ ଭସାଣି ଶୋଭାଯାତ୍ରା।

ସୁବର୍ଣ୍ଣପୁର ସହରରେ ଶାରଦୀୟ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି। ଶୁକ୍ରବାର ଅପରାହ୍ନରୁ ସହରର ୫ଟି ଦୁର୍ଗାପୂଜା କମିଟି ପକ୍ଷରୁ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ବ୍ଲକ ଛକ, ପଟାଭାଡି, ଘୋଡାଘାଟପଡା, ବଡବଜାର ଅନ୍ତରାମ ମଣ୍ଡପ ଓ ଟିକିରିପଡା ପୂଜା କମିଟି ପକ୍ଷରୁ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ଲୋକନୃତ୍ୟ,ସଂକୀର୍ତ୍ତନ ଦଳ, ବାଜା, ଡିଜେ ଓ ଆକର୍ଷଣୀୟ ଲାଇଟ୍ ଶୋର ଆୟୋଜନ ହୋଇଥିଲା। ପୂଜା କମିଟିର କର୍ମକର୍ତ୍ତା ଆନନ୍ଦ ଉଲ୍ଲାସର ସହିତ ମା'ଙ୍କୁ ସହର ପରିକ୍ରମା କରାଇ ମହାନଦୀ ଘାଟରେ ବିସର୍ଜନ କରିଥିଲେ। ବ୍ଲକ ଛକ ପୂଜା କମିଟି ଓ ଟିକିରିପଡା ପୂଜା କମିଟି ପକ୍ଷରୁ ରଙ୍ଗାରଙ୍ଗ ଭସାଣି ଶୋଭାଯାତ୍ରା ହୋଇଥିଲା। ଗୁରୁବାର ଗୁଣ୍ଡିଚା ମନ୍ଦିର ପୂଜା କମିଟି ପକ୍ଷରୁ ମା'ଙ୍କୁ ଭସାଣି ଶୋଭାଯାତ୍ରାରେ ନିଆଯାଇ ବିଦାୟ ଦିଆଯାଇଥିଲା। ସେହିପରି ବୁଧବାର ଥନାପତିପଡା, କୁମ୍ଭାରପଡା ଓ ଦୁର୍ଗାମଣ୍ଡପର ମୃଣ୍ମୟୀ ମୂର୍ତ୍ତି ବିସର୍ଜନ ସରିଛି। ବିସର୍ଜନ ଶୋଭାଯାତ୍ରାକୁ ସୁରୁଖୁରୁରେ ପରିଚାଳିତ କରିବା ପାଇଁ ଜିଲା ଓ ପୋଲିସ ପ୍ରଶାସନ ଏବଂ ପୂଜା କମିଟିଗୁଡିକ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ଶାନ୍ତି ଶୃଙ୍ଖଳାର ସହ ଶୋଭାଯାତ୍ରା କରିବା ଏବଂ ଭିଡ ପରିଚାଳନା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

# ହନୁମାନ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା

ଅମରପାଲି,୨୭।୧୦ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସରରେ ନୂତନ ହନୁମାନ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ କାର୍ଯ୍ୟ ସମ୍ପନ୍ନ ହୋଇଛି । ବୀରମହାରାଜପୁର ଜଗନ୍ନାଥ ମନ୍ଦିରର ମୁଖ୍ୟ ଟ୍ରଷ୍ଟି ବିଷ୍ଣୁ ଚରଣ ପଣ୍ଡା ଓ ସୁବିଣା ମିଶ୍ର କର୍ତ୍ତା ଭାବରେ ପୂଜା କାର୍ଯ୍ୟ ତୁଲାଇଥିଲେ। ପୂଜକ ଭାବରେ ପଣ୍ଡିତ ମନୋରଞ୍ଜନ ଦାସ କାର୍ଯ୍ୟ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ଦିର କମିଟିର ସମ୍ପାଦକ ଶମ୍ଭୁପ୍ରସାଦ ହୋତା, କୋଷାଧ୍ୟକ୍ଷ ଭୂଷଣ କୁମାର ପାତ୍ର, ମୁଖ୍ୟ ବାଡ଼ଗ୍ରାହୀ ଭଗବାନ ମିଶ୍ର, ଅମ୍ବରିଶ ଦାସ, ବରିଷ୍ଠ ସଦସ୍ୟ ସୁଦାମ ଚରଣ ସେଠୀ, ରମାକାନ୍ତ ପୁରୋହିତ, ଜଗନ୍ନାଥ ମନ୍ଦିର ପୂଜକ ବିଶାମିତ୍ର ଚାନ୍ଦ, ଯୁଗଳ କିଶୋର ମିଶ୍ର, ବିଜୟ କୁମାର ତ୍ରିପାଠୀଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ସ୍ପୋର୍ଟସ ହଷ୍ଟେଲ ଫୁଲବାଣୀକୁ ହରାଇ ସମ୍ବଲପୁର ଫାଇନାଲରେ

ବୌଦ୍ଧ,୨୭।୧୦(ଅଜିତ କୁମାର ବାରିକ)

**ଗେହ୍ଲାମା ଫୁଟ୍‌ବଲ କପ୍**

ବୌଦ୍ଧ କଚେରି ପଡିଆଠାରେ ଗେହ୍ଲାମା କ୍ଲବ ପକ୍ଷରୁ ଚାଲିଥିବା ଗେହ୍ଲାମା କପ୍ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଦିନ ଦ୍ୱିତୀୟ ସେମିଫାଇନାଲ ଖେଳ ସମ୍ବଲପୁର ଓ ସ୍ପୋର୍ଟସ ହଷ୍ଟେଲ ଫୁଲବାଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ଦଳ ଫୁଲବାଣୀ ଦଳକୁ ୪ଟି ଗୋଲ ଦେଇ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ଖେଳରେ ଅତିଥି ଭାବେ ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ପଶ୍ଚିମ ଓଡିଶା ବିକାଶ ପରିଷଦର ସଦସ୍ୟ ସୁବୋଧ କୁମାର ପ୍ରଧାନ, କାଉନସିଲର ସ୍ୱର୍ଣ୍ଣଲତା ଦଲେଇ, ପୂର୍ବତନ ଫୁଟବଲ ଖେଳାଳି ହରିଶ ମିଶ୍ର, ଲିଙ୍ଗରାଜ ଲେଙ୍କା, ଫୁଟବଲ ଖେଳାଳି ଓ ଗେହ୍ଲାମା କ୍ଲବ ସଭାପତି ସତ୍ୟ ପ୍ରକାଶ ଦାସ, ପୂର୍ବତନ ଖେଳାଳି ରବି ନାରାୟଣ ସେଠୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ବିଭୂତି ବେହେରା, ଚନ୍ଦନ ମହାରଣା, ପ୍ରବୀଣ ବେହେରା ପରିଚାଳନା କରିଥିଲେ। ଚତୁର୍ଥ ରେଫରି ଭାବେ ଅମିତ ବେହେରା କାର୍ଯ୍ୟ ତୁଲାଇଥିଲେ। ଶନିବାର ଦିନ ଟୁର୍ନାମେଣ୍ଟର ଫାଇନାଲ ଖେଳ ସମ୍ବଲପୁର ଓ ଆଇଆରବି ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।


ଖେଳାଳି ଓ ଅତିଥି ।

# ଘଣ୍ଟାପଡ଼ାର ମହିଷାସୁର ଦରବାର ଉଦ୍‌ଯାପିତ

ଘଣ୍ଟାପଡ଼ା,୨୭।୧୦(ପ୍ରଭାତ କୁମାର ସାହୁ)


ରାଜ ଦରବାରରେ ଯୋଗ ଦେଇଥିବା ରାଜଅତିଥି।

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ାସ୍ଥିତ ମା' ସମଲେଶରୀ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ମହିଷାସୁର ଦରବାର ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ଜୟଲକ୍ଷ୍ମୀ କ୍ଲବ ଓ ସମଲେଶରୀ ୟୁଥ କ୍ଲବର ମିଳିତ ସହଯୋଗରେ ୫ ଦିନ ଧରି ଚାଲିଥିବା ରାଜ ଦରବାରରେ ରାଜଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ସମ୍ମାନିତ ଅତିଥି ଭାବେ କଣ୍ଟାମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ମହୀଧର ରଣା, ପୂର୍ବତନ ବିଧାୟକ ଭଗବାନ କହଁର, କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ଜିଲା ପରିଷଦ ନଂ୧ ଜୋନର ସଦସ୍ୟା ସୁମିତ୍ରା ସାହୁ, ସ୍ଥାନୀୟ ସରପଞ୍ଚ ରୀତା କହଁର, ରାଜ୍ୟ ବିଜେଡି ସାଧାରଣ ସଂପାଦକ ସୁଧୀର ମହାକୁଡ଼ ଯୋଗ ଦେଇଥିଲେ । ଏହାଛଡା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାମନ୍ତ ମାଝୀ, ବିଜେଡି ନେତା ସନ୍ତୋଷ ଦନ୍ତା, ଦେବୀପ୍ରସାଦ ନାଏକ, ଭାଜପା ନେତା ଗୋପୀନାଥ କହଁର, ଜିଲା ମିଳିତ ଶିକ୍ଷକ ସଂଘର ସଭାପତି ଶିଶିର ଖଟୁଆ, ଶିକ୍ଷାବିତ ମନ୍ଦରଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ ଯୁଗେ ଯୁଗେ ସତ୍ୟର ଜୟ ଉପରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ରାଜ ଦରବାରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସୋନପୁରର ରୂପଶ୍ରୀ କଳା ପରିଷଦର ଦୁଲଦୁଲି, ବିଶିଷ୍ଟ କଣ୍ଠଶିଳ୍ପୀ ଦିଲିପ ଦୀପ ଓ ବିଭିନ୍ନ ଗ୍ରୁପ ଡ୍ୟାନ୍ସ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କ ମନ ମୋହିଥିଲା । ଜମିଦାର ବସନ୍ତ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ନୀଳାଚଳ ଭୋଇ ମଞ୍ଚ ପରିଚାଳନା କରିଥିଲେ। ପୂଜା କମିଟିର ଅଧ୍ୟକ୍ଷ ଗିରିଧର ଦେହୁରୀ ଧନ୍ୟବାଦ ଦେଇଥିଲେ। ପରେ ଦରବାରରେ ବରଗଡ଼ର ପଦ୍ମପୁର ଅଞ୍ଚଳର କଳାକାରଙ୍କ ଦ୍ୱାରା ମହିଷାମର୍ଦ୍ଦିନୀ ନାଟକ ମଞ୍ଚସ୍ଥ ହୋଇଥିଲା। ମହିଷାସୁର ଅତ୍ୟାଚାରରେ ତ୍ରିପୁରବାସୀ ବିଷ୍ଣୁଙ୍କଠାରେ ପ୍ରାର୍ଥନା କରିବା ପରେ ମା' ଦୁର୍ଗା ଶେଷରେ ମହିଷାସୁରକୁ ବଧ କରିଥିଲେ । ଏହି କାର୍ଯ୍ୟକ୍ରମ ପରିବେଷଣ ପରେ ମହିଷାସୁର ଦରବାର ଉଦ୍‌ଯାପିତ ହୋଇଯାଇଛି।

# ଜିଲ୍ଲା କୃଷକ ସଂଘର୍ଷ ସଂଘର ସମାବେଶ



ଦେବଗଡ଼ ଜିଲ୍ଲା କୃଷକ ସଂଘର୍ଷ ସଂଘର ସମାବେଶରେ ଉପସ୍ଥିତ କର୍ମକର୍ତ୍ତା ଓ କୃଷକ।

ଦେବଗଡ଼,୨୭।୧୦(ଶଶାଙ୍କ ଶେଖର ଝାଙ୍କର)

## ପଞ୍ଚାୟତସ୍ତରୀୟ କମିଟି ଗଠନ

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ରମ୍ଭେଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଦେବଗଡ଼ ଜିଲା କୃଷକ ସଂଘର୍ଷ ସଂଘର ସମାବେଶ, ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷକ ନେତା ଚେଣ୍ଡାଳ ଜାଲଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲା କୃଷକ ସଂଘର୍ଷ ସଂଘର ସଭାପତି ସେମ ହେମ୍ରମ ଓ ସମ୍ମାନିତ ଅତିଥି ଭାବେ ସାଧାରଣ ସମ୍ପାଦକ ଗୁଣନିଧି ବେହେରା ଯୋଗଦେଇ ସମ୍ପୃକ୍ତ ଅଞ୍ଚଳର ଚାଷୀମାନଙ୍କ ସହ ସେମାନଙ୍କର ବିଭିନ୍ନ ସମସ୍ୟା ଓ ଏଗୁଡ଼ିକର ସମାଧାନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କୃଷକ ସଂଘର୍ଷ ସଂଘର ଏକ ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯିବା ସହ ଏହାର ସଭାପତି ଭାବେ ଚେଣ୍ଡାଳ ଜାଲ ଓ ସମ୍ପାଦକ ଭାବେ ଲିଙ୍ଗରାଜ ଖୁଣ୍ଟିଆଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତୀର୍ଥବାସୀ ସାହୁ, କରୁଣାକର ପେଂଠେଇ ଓ ତ୍ରିଲୋଚନ ବେହେରାଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମିଳିଲା ମୃତଦେହ

**ହେମଗିର,୨୭।୧୦(ଚୈତନ୍ୟ ପଟେଲ):** ହେମଗିର ପୋଲିସ କର୍ଲାଘାଟସ୍ଥିତ ଏକ ନାଳରୁ ଜଣେ ଯୁବକଙ୍କ ମୃତଦେହ ଶୁକ୍ରବାର ଉଦ୍ଧାର କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ ତାରିଖ ସକାଳୁ ଟାଙ୍ଗରଡ଼ିହିର ଭାଟିପଡା ନିବାସୀ ସଞ୍ଜୟ କୁଜୁର ସେହି ଗ୍ରାମର ମୁନି କୁମାର ଏବଂ କୁନି କୁମାରଙ୍କ ସହିତ ଏକ ଟ୍ରାକ୍ଟରରେ ଟେଣ୍ଟ ସାମଗ୍ରୀ ନେଇ ବୁରତାସ୍ଥିତ ଲଖମୀପୁରକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରେ ବହୁ ଖୋଜାଖୋଜି କରିବା ପରେ ସଞ୍ଜୟଙ୍କ କୌଣସି ପତ୍ତା ନ ମିଳିବାରୁ ଗୁରୁବାର ସଞ୍ଜୟଙ୍କ ବାପା ବିନୋଦ କୁଜୁର ହେମଗିର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ବେଳେ ଶୁକ୍ରବାର କର୍ଲାଘାଟସ୍ଥିତ ଏକ ନାଳରୁ ସଞ୍ଜୟଙ୍କ ମୃତଦେହ ଉଦ୍ଧାର କରିଛି। ଏନେଇ ପୋଲିସ ଅଧିକ ତଦନ୍ତ କରୁଥିବାର ଜଣାପଡିଛି।

### ଗୋଆ ଯିବେ ରାଉରକେଲାର ୨ ଖୋଖୋ ଖେଳାଳି

**ରାଉରକେଲା,୨୭।୧୦(ସଙ୍ଗୀତା ଜେନା):** ନଭେମ୍ବର ୪ରୁ ୮ ତାରିଖ ପର୍ଯ୍ୟନ୍ତ ଗୋଆରେ ଆୟୋଜିତ ୩୭ତମ ଜାତୀୟ କ୍ରୀଡ଼ା୨୦୨୩ରେ ଖୋଖୋ ଖେଳ ପାଇଁ ରାଉରକେଲାର ୨ ଖେଳାଳୀ ଚୟନ ହୋଇଛନ୍ତି। ପୁରୁଷ ବର୍ଗରେ ବିଶାଳ ଓରାମ ଓ ମହିଳା ବର୍ଗରେ ନନ୍ଦିତା କୁଜୁରଙ୍କୁ ଚୟନ କରାଯାଇଛି। ଏ ନେଇ ଓଡ଼ିଶା ଖୋଖୋ ସଂଘ ପକ୍ଷରୁ ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂଘକୁ ଚିଠି ମାଧ୍ୟମରେ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ସୂଚନା ଦେଇଛନ୍ତି।

### କୁତ୍ରାରେ ନୂତନ ବିଡିଓ, ତହସିଲଦାରଙ୍କ ଯୋଗଦାନ




**କୁତ୍ରା,୨୭।୧୦(ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକରେ ନୂତନ ଭାବେ ଯୋଗଦେଇଥିବା ୨ ପ୍ରଶାସନିକ ଅଧିକାରୀଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ହର୍ମେନ୍ଦ୍ର ଭୋଇ ଓ ତହସିଲଦାର ଭାବେ ପ୍ରମୋଦ କୁମାର ବାସକେ ଯୋଗଦେଇଛନ୍ତି। ଉଭୟ ପ୍ରଶାସନିକ ଅଧିକାରୀଙ୍କୁ ପ୍ରେସ୍ କ୍ଲବ ପକ୍ଷରୁ ଖବରଦାତା ଦେବାଶିଷ ସାହୁ, ପ୍ରଶାନ୍ତ ସାହୁ, ରାଜେଶ ସାହୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ସେହିପରି ବିଡିଓ ଭୋଇଙ୍କୁ ବ୍ଲକ ଉପାଧ୍ୟକ୍ଷ କୌସ୍ତୁବ ଭୂଷଣ ହୋତା, ଜିଲା ପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ, ପିଂକି ସୁନ୍ୟାନି, ବ୍ଲକ ବିଜେଡି ସଭାପତି ଅର୍ଜୁନ ଜୟପୁରିଆ ପ୍ରମୁଖ ସ୍ୱାଗତ କରିବା ସହ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ କିଭଳି ହୋଇପାରିବ ସେନେଇ ଆଲୋଚନା କରିଥିଲେ। ଏହାସହ ବିଭିନ୍ନ ସଂଗଠନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ଉଭୟ ଅଧିକାରୀଙ୍କୁ ସ୍ୱାଗତ କରାଯାଇଛି।

# ୩୦ରେ ବିଶ୍ରା ଷ୍ଟେଶନରେ ରେଳରୋକୋ

ବିଶ୍ରା,୨୭।୧୦( ବଟକୃଷ୍ଣ ସ୍ୱାଇଁ)

ବିଶ୍ରା ଷ୍ଟେଶନରେ ରହି ଆସୁଥିବା ଟ୍ରେନଗୁଡିକ କରୋନା ପାଇଁ ବାତିଲ କରାଗଲା। ସ୍ଥିତି ସ୍ୱାଭାବିକ ହେଲା ପରେ ମଧ୍ୟ ଷ୍ଟେଶନରେ କୌଣସି ଟ୍ରେନ ରହୁନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିଦିନ ଗ୍ରାମାଞ୍ଚଳରୁ ଏହି ଷ୍ଟେଶନରୁ ଶହ ଶହ ଲୋକ ବିଭିନ୍ନ ସ୍ଥାନକୁ ଯାଇଥାନ୍ତି। ହେଲେ ଏବେ ଟ୍ରେନ ରହୁ ନ ଥିବାରୁ ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି। ପୂର୍ବ ପରି ଏଠାରେ ଟ୍ରେନ ରହିବା ପାଇଁ ଅଞ୍ଚଳବାସୀ ଦାବି କରୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ତେଣୁ ବାଧ୍ୟ ହୋଇ ଆସନ୍ତା ୩୦ରେ ଗ୍ରାମବାସୀ ଉକ୍ତ ଷ୍ଟେଶନରେ ରେଳରୋକୋ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏଥିପାଇଁ ସବୁପ୍ରକାର ବ୍ୟବସ୍ଥା ଲାଗି ସମସ୍ତ ବିଭାଗକୁ ଲିଖିତ ଅଭିଯୋଗ କରିଛନ୍ତି ବୋଲି ସରପଞ୍ଚ ସୂରଜ ନାୟକ ପ୍ରକାଶ କରିଛନ୍ତି।

# ପୃଥକ୍ ସଡ଼କ ଦୁର୍ଘଟଣା, ଜଣେ ମୃତ

ଲହୁଣୀପଡ଼ା,୨୭।୧୦(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକର ୨ଟି ପୃଥକ ପୃଥକ ସ୍ଥାନରେ ସଡ଼କ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ବଣେଇଁ ବ୍ଲକ ଟିକାୟତ ପାଲି ଥାନା ଅନ୍ତର୍ଗତ ଚନ୍ଦରପୁର ଗ୍ରାମର ଧନେଶ୍ୱର କିଷାନ (୩୭) ଓ ଆହତ ଜୁନିଆନି ଗ୍ରାମର ଏମ୍‌ଡି ଫରଦିନ (୨୨)। ଆହତଙ୍କୁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, କେନ୍ଦୁଝର ପଟୁ ଓଡି ୧୪ଏଫ – ୧୪୮୮ ଟ୍ରକ ଖୁଣ୍ଟୁଗାଁ ପଟେ ଆସୁଥିବା ବେଳେ ଫୁଲଝର ଘାଟିରେ ଖରାପ ହୋଇଥିଲା। ନିକଟରେ ଥିବା ଜେସିବି ଚାଳକ କିଷାନ ଟ୍ରକକୁ ମରାମତି କରି ସେଥିରେ ଫେରୁଥିବା ବେଳେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା କଡ଼ ପାହାଡରେ ବାଡେଇ ହୋଇଥିଲା। ଫଳରେ ଜେସିବି ଚାଳକ ବାହାରକୁ ଛିଟିକି ପଡ଼ିଥିଲେ। ଟ୍ରକଟି ତାଙ୍କ ଉପରେ ଓଲଟି ପଡ଼ିବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସେହିପରି ରାଜମୁଣ୍ଡା ପଞ୍ଚାୟତ ୧୪୩ ନମ୍ବର ଜାତୀୟ ରାଜପଥ ରାଜମୁଣ୍ଡା ବାଇପାସ ଛକରେ ଅପରାହ୍ନରେ ଏକ ଟ୍ରକ ଧକ୍କାରେ ଜଣେ ବାଇକ୍ ଅରୋହି ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା

ଦେବଗଡ଼,୨୭।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ କଣ୍ଢେଇ ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଆୟୋଜିତ ହେଉଥିବା ଦେବଗଡ଼ ଜିଲାର ଅନ୍ୟତମ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ନିମନ୍ତେ ଶୁକ୍ରବାର ଗଜଲକ୍ଷ୍ମୀ ପୂଜା କମିଟି ଅଗ୍ରଗତି ସଂଘ ପକ୍ଷରୁ ଭବ୍ୟ କଳସ ଶୋଭାଯାତ୍ରା ଓ ଅଧିବାସ ସମ୍ପନ୍ନ ହୋଇଯାଇଛି। ଗଜଲକ୍ଷ୍ମୀ ପୂଜା କମିଟି ଅଗ୍ରଗତି ସଂଘ, କଣ୍ଢେଇର ସଭାପତି ଦୈତାରୀ ସାହୁ ଓ ସମ୍ପାଦକ ଗୁଲସନ କୁଅଁରଙ୍କ ତତ୍ତ୍ୱାବଧାନରେ ଶତାଧିକ ପୁରୁଷ ଓ ମହିଳା ଏବଂ କମିଟିର କାର୍ଯ୍ୟକର୍ତ୍ତାମାନେ ଗାଁ ପୋଖରୀରୁ କଳସୀରେ ଜଳ ସଂଗ୍ରହ କରି ଘଣ୍ଟ ଓ ଶଙ୍ଖଧ୍ୱନୀ ସମେତ ସଂକୀର୍ତ୍ତନର ତାଳେ ତାଳେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ପୂଜା ମଣ୍ଡପରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପୂର୍ବକ ଜଳପୂର୍ଣ୍ଣ କଳସୀ ସ୍ଥାପନ କରିବା ପରେ ଅଧିବାସ ସମ୍ପନ୍ନ ହୋଇଥିଲା। ଶନିବାର ମା’ ଗଜଲକ୍ଷ୍ମୀଙ୍କର ପୂଜା ଆରମ୍ଭ ହେବା ସହ ମଧ୍ୟାହ୍ନରେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଅନ୍ନ ପ୍ରସାଦ ବିତରଣ ଓ ସନ୍ଧ୍ୟାରେ ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ପୁରୀର ପ୍ରତିଷ୍ଠିତ ସାଂସ୍କୃତିକ ଦଳ ଦ୍ୱାରା ଭଜନ ସମାରୋହର କାର୍ଯ୍ୟକ୍ରମ ରହିଛି।



ଗଜଲକ୍ଷ୍ମୀ ପୂଜା ନିମନ୍ତେ କଳସ ଯାତ୍ରାରେ ଶ୍ରଦ୍ଧାଳୁମାନେ ଯାଉଛନ୍ତି।

## ବୁଧୁରାମଙ୍କ ପରଲୋକ

**ବଡ଼ଗାଁ,୨୭।୧୦(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଦାଣ୍ଡଜମିରା ଗ୍ରାମର ଧର୍ମ ପରାୟଣ ତଥା ସଫଳ ଚାଷୀ ବୁଧୁରାମ ପଟେଲଙ୍କ ଗୁରୁବାର ଭୋରୁ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ଅପରାହ୍ନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ସବୁଦିନ ପରି ଗୁରୁବାର ଭୋରୁ ବୁଧୁରାମ ଭାଗବତ ପଢୁ ଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସୂଚନାଯୋଗ୍ୟ ବୁଧୁରାମ ବାର୍ଦ୍ଧକ୍ୟରେ ମଧ୍ୟ ପନିପରିବା ଚାଷ କରିବା ଛାଡ଼ି ନ ଥିଲେ। କୌଳିକ ବୃତ୍ତି ଚାଷ କରିବା ସହିତ ସଙ୍କୀର୍ତ୍ତନ ମଣ୍ଡଳୀର ଜଣେ ପୁରୋଧା, ନାମ ସଙ୍କୀର୍ତ୍ତନ, ପୂଜାପାଠରେ ସମୟ ବିତାଉଥିଲେ।

# ମସିନ୍ତା ଫୁଟ୍‌ବଲ ଏକାଦଶ ଚାମ୍ପିୟନ




ଫୁଟବଲ ପ୍ରତିଯୋଗିତାରେ ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

ଦେବଗଡ଼, ୨୭।୧୦(ଶଶାଙ୍କ ଶେଖର ଝାଙ୍କର)

## ସ୍ୱପ୍ନେଶ୍ୱର ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ଖଜୁରୀଖମଣ ଗ୍ରାମରେ ସ୍ୱପ୍ନେଶ୍ୱର କ୍ଲବ ଆନୁକୂଲ୍ୟରେ ଗତ ୨୫ ତାରିଖଠାରୁ ଆରମ୍ଭ ହୋଇଥିବା ୩୦ତମ ରାଜ୍ୟସ୍ତରୀୟ ସ୍ୱପ୍ନେଶ୍ୱର ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ‘ସ୍ମୃତି ଏବଂ କାର୍ତ୍ତିକ ରକଷ୍ଟାର’କୁ ପରାସ୍ତ କରି ମସିନ୍ତା ଫୁଟବଲ ଏକାଦଶ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ରେଫରୀ ଭାବେ ସୁରେଶ କୁମାର ଦାସ ଓ ଲିଙ୍ଗରାଜ ପ୍ରଧାନ, ନିତ୍ୟାନନ୍ଦ ବେହେରା ଓ ଲକ୍ଷ୍ମଣ ସେଠ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ପ୍ରଫୁଲ୍ଲ କୁମାର ସାହୁ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଆୟୋଜକ କ୍ଲବର ସଭାପତି ଭଗବାନ ସାହୁଙ୍କ ସଭାପତିତ୍ୱ ଓ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲା ସରପଞ୍ଚ ସଂଘର ସଭାପତି ତଥା ଓଡ଼ିଶା ସରପଞ୍ଚ ମହାସଂଘର ମୁଖ୍ୟ ପରାମର୍ଶଦାତା ସତ୍ୟନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ମଧୁପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିକ୍ଷୀତ କୁମାର ନାୟକ, ଭାରତୀୟ ସେନା କର୍ମଚାରୀ ଦିଲ୍ଲୀପ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ନାୟକ ଓ ରାଜ ପ୍ରଧାନ ଯୋଗଦେଇ ବିଜେତା ମସିନ୍ତା ଫୁଟବଲ ଏକାଦଶକୁ ଟ୍ରଫି ସହ ନଗଦ ୫୦ ହଜାର ଟଙ୍କା ଓ ରନର୍ସ ଅପ ‘ସ୍ମୃତି ଏବଂ କାର୍ତ୍ତିକ ରକଷ୍ଟାର’କୁ ଟ୍ରଫି ସହ ନଗଦ ୪୦ ହଜାର ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସମ୍ପାଦକ ପାନ୍ନାଲାଲ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ଦିଲ୍ଲୀପ କୁମାର ନାୟକ, ଦିଲ୍ଲୀପ କୁମାର ପ୍ରଧାନ, ପ୍ରକାଶ ଚନ୍ଦ୍ର ନାୟକ, ସମୀର ରଞ୍ଜନ ପ୍ରଧାନ, ହିତେଶ୍ୱର ନାଏକ ଓ ଦୋଳାନନ୍ଦ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଶିବିରରେ ୨୦୦ ଠିକା ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ରାଉରକେଲା,୨୭।୧୦(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ବ୍ଲାଷ୍ଟ ଫର୍ନେସ ଅଞ୍ଚଳରେ କାର୍ଯ୍ୟରତ ପ୍ରାୟ ୨ଶହ ଠିକା ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କାର୍ମିକ ଠିକା ଶ୍ରମିକ ସେଲ୍‌ର କର୍ମଚାରୀ ରାଜ୍ୟ ବୀମା ନିଗମ ମଡେଲ ହସ୍ପିଟାଲ ଏବଂ ଆଇଜିଏଚର ସହଭାଗିତା କ୍ରମେ ଏକ ଶିବିର ଆୟୋଜିତ ହୋଇଥିଲା। ଇଏସ୍‌ଆଇସି ଏବଂ ଆଇଜିଏଚ୍ ଡାକ୍ତର ଏବଂ ଟେକ୍ନିସିଆନମାନେ ଠିକା ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆରଏସପି କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କରିବା ସହିତ ଡାକ୍ତର ଓ ଠିକା ଶ୍ରମିକଙ୍କ ସହିତ ମତ ବିନିମୟ କରିଥିଲେ। ଏଥିରେ ସିଜିଏମ ଆଇରନ ବି. ପଲାଇ, ବ୍ଲାଷ୍ଟ ଫର୍ନେସ ବିଭାଗ ଜିଏମ୍ ଇନଚାର୍ଜ ପି. କେ. ମହାପାତ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରକଳ୍ପ ଓ ସିଏଲସି କାର୍ମିକ ବିଭାଗର ଜିଏମ୍ ସଞ୍ଜୟ ମେହରୋତ୍ରା ଶିବିର ପରିଚାଳନା କରିଥିଲେ। ଏ ଅବସରରେ ମିଶ୍ର ଠିକା ଶ୍ରମିକ ମାନଙ୍କ ପାଇଁ ଆୟୋଜିତ ପ୍ରୟାସକୁ ପ୍ରଶଂସା କରିବା ସହିତ ପ୍ରୟାସକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିବିରରେ ଠିକା ଶ୍ରମିକମାନଙ୍କ ଉଚ୍ଚତା, ଓଜନ, ବଡି ମାସ ଇଣ୍ଡେକ୍ସ, ଚକ୍ଷୁ ପରୀକ୍ଷା, ରକ୍ତଚାପ, ରକ୍ତଶର୍କରା, ରକ୍ତ ପରୀକ୍ଷା, ହେପାଟଶଟିସ ବି, ଶ୍ରବଣ ଓ ପଲ୍ସ ହାର ଆଦି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେହିପରି ରୋଗୀଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ସ୍ୱାସ୍ଥ୍ୟ ସମସ୍ୟା ସମ୍ବନ୍ଧିତ ତଥା ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମଧ୍ୟ ସେମାନଙ୍କୁ ସଚେତନ କରାଯାଇଥିଲା। ଆରଏସପି କାର୍ମିକ ଠିକା ଶ୍ରମିକ ସେଲ୍‌ର ସିନିୟର ମ୍ୟାନେଜର ସୁଶ୍ରୀ ସଙ୍ଗୀତା ମାରିଆ ସିନ୍ଧୁର ଓ ବିଭାଗୀୟ ଦଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସ୍ୱାସ୍ଥ୍ୟ ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ମଧ୍ୟାହ୍ନଭୋଜନ ପାଚିକା ପାଚକ ସମାବେଶ



ସମାବେଶରେ ମଞ୍ଚାସୀନ ଅତିଥି ବୃନ୍ଦ।

ରାଉରକେଲା,୨୭।୧୦(ସଙ୍ଗୀତା ଜେନା)

ରାଉରକେଲା ସେକ୍ଟର–୨ ଜର୍ମାନୀ କ୍ଲବଠାରେ ସୁନ୍ଦରଗଡ଼ ଜିଲାର ସମସ୍ତ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ମଧ୍ୟାହ୍ନ ଭୋଜନ ପାଚକପାଚିକାଙ୍କ ଜିଲା ସମାବେଶ ବିଜୁ ଶ୍ରମିକ ସାମ୍ମୁଖ୍ୟ ସହବନ୍ଧିତ ନିଖିଳ ଓଡ଼ିଶା ପାଚକପାଚିକା ମହାସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ସହବନ୍ଧିତ ପାଚକପାଚିକା ମହାସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବିଧାୟକ ତଥା ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଚିକା ସଂଘର ୧୦ ଦଫା ଦାବି ଗୁଡ଼ିକ ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବିଜୁଶ୍ରମିକ ସାମ୍ମୁଖ୍ୟର କେନ୍ଦ୍ର ମୁଖ୍ୟ ସଂଯୋଜକ ତଥା ହିନ୍ଦ ମଜଦୁର ସଭାର କାର୍ଯ୍ୟକାରୀ ସଭାପତି ବୈଦ୍ୟନାଥ ଦାସ, ରାଜ୍ୟ ମୁଖ୍ୟ ସଂଯୋଜକ ନିରଞ୍ଜନ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସାମ୍ମୁଖ୍ୟର ସଭାପତି ପ୍ରଦ୍ୟମ୍ନ ତ୍ରିପାଠୀ, ପାଚିକା ସଂଘ ଏକଜୁଟ ହୋଇ ମୌଳିକ ଦାବି ନିଜର ଅଧିକାର ପାଇଁ ଅଗ୍ରସର ହେବାକୁ ଉତ୍ସାହିତ କରଥିଲେ। ଜିଲା ସଭାନେତ୍ରୀ ଶାନ୍ତି ଲୋହାରଙ୍କ ନାମ ଘୋଷଣା କରିବା ସଙ୍ଗେ ସଙ୍ଗେ ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ସରୋଜିନୀ କୁସୁରା, ସାଧାରଣ ସମ୍ପାଦକ କାର୍ତ୍ତିକ ସା, ସମ୍ପାଦକ ଧାରୁଆ, କୋଷାଧ୍ୟକ୍ଷ ସନ୍ଧ୍ୟାରାଣୀ ସ୍ୱାଇଁ, ସମ୍ବଲପୁର ଜିଲା ସଭାନେତ୍ରୀ ଦୀପାଳି ଯାଦବ ପ୍ରମୁଖ ୧୦ ଦଫା ଦାବି ପୂରଣ ପାଇଁ ଶ୍ରମ ମନ୍ତ୍ରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ହିନ୍ଦ୍ ମଜଦୁର ସଭା ଉପସଭାପତି ଅକ୍ଷୟ ନାୟକ, ସମ୍ପାଦକ ପ୍ରମୋଦ ଦାସ, ଚିତ୍ତରଞ୍ଜନ ଜେନା, ସନ୍ତୋଷ ନାୟକ ପ୍ରମୁଖ ଯୋଗଦେଇ ସମର୍ଥନ କରିଥିଲେ। ଅଞ୍ଜଳୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଘରେ ଘରେ ପହଞ୍ଚିବ ବିକାଶର ବାର୍ତ୍ତା

## ସୁନ୍ଦରଗଡ଼ରେ ବିଜେଡି ପଦଯାତ୍ରା

ସୁନ୍ଦରଗଡ,୨୭।୧୦(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସଦର ବ୍ଲକ ଜପଙ୍ଗା ଠାରୁ ଲଙ୍କାହୁଡା ଗ୍ରାମ ପର୍ଯ୍ୟନ୍ତ ଶୁକ୍ରବାର ବିଜେଡି ପକ୍ଷରୁ ଏକ ପଦଯାତ୍ରା ବାହାରିଥିଲା। ଏହି ଅବସରରେ ଏକ ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂହଙ୍କ ନେତୃତ୍ୱରେ ଓ ବ୍ଲକ ବିଜେଡି ସଭାପତି ତଥା ସଦର ବ୍ଲକ କ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଏଥିରେ ସାଧାରଣ ଜନତା ଏବଂ ଦଳର କର୍ମକର୍ତ୍ତା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିବା ବିକାଶମୂଳକ କାର୍ଯ୍ୟର ବାର୍ତ୍ତା ଘରେ ଘରେ ପହଞ୍ଚାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ମଞ୍ଜୁ ନାଏକ, ପୌର ପରିଷଦ ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡା, ଟିଡିସିସି ରାଜ୍ୟ ଅଧ୍ୟକ୍ଷା ଚମେଲି ଓରାମ, ଲେଡ଼ିମଙ୍ଗ ସରପଞ୍ଚ ଅନିରୁଦ୍ଧ ଠେମରିଆ, ଜିଲା କୃଷକ ସଂପାଦକ ସୁନୀଲ ମହାପାତ୍ର, ଜିଲା ଉପ ସଭାପତି ଜୟ ନାରାୟଣ ତ୍ରିପାଠୀ, ବେଣୁ ତାଣ୍ଡିଆ, ସୁମନ୍ତ ପଣ୍ଡା, ଜିଲା ଛାତ୍ର ଜନତା ଦଳର ସଭାପତି ସେହବାଜ୍ ହୁସେନ, ଅନିଲ ମହାପାତ୍ର, ଜଗଦୀଶ ସାହୁ, ପଞ୍ଚ ବାର୍ଲା, ଏମ୍ ଡି କଲିମ୍, ଲଙ୍କାହୁଡା ସରପଞ୍ଚ ସୁଜାତା ନାଏକ, ଦେଉଳୀ ସରପଞ୍ଚ ନଳିନୀ ପ୍ରଧାନ, ଦିଲୀପ ନାୟକ, ସଞ୍ଜୟ ପଟେଲ, ଅନିଲ ପଟେଲ, ପ୍ରଦୀପ ପଟେଲ, ପଙ୍କଜିନୀ ପଟେଲ, ଛାତ୍ରନେତାମାନଙ୍କ ମଧ୍ୟରେ ନିଖିଲ ସାହୁ, ରାଜା ହୋତା, ବିଶ୍ୱ ରାଉତ, ସୁଧାଂଶୁ ଦାସ, ବିକାଶ ରାଉତରାୟ, ହେମନ୍ତ ପାଢ଼ୀ, ବଷ୍ଟି ସିଂହ ପଦଯାତ୍ରାରେ ସାମିଲ ହୋଇଥିଲେ।



ବିଜେଡି ପକ୍ଷରୁ ବାହାରି ଥିବା ଶୋଭାଯାତ୍ରା।

**ବାନ୍ଦୁପଲାରେ ଦୁର୍ଗାମେଢ଼ ଭସାଣି**

ଟିଟିଲାଗଡ଼,(ବୈକୁଣ୍ଠ ନାଗ): ବଲାଙ୍ଗୀର ଜିଲା ଟିଟିଲାଗଡ ନିକଟସ୍ଥ ବାନ୍ଦୁପଲା ଗ୍ରାମରେ ଦୁର୍ଗା ମେଢ଼ ଭସାଣି ଅନୁଷ୍ଠିତ ହୋଇଯାଇଛି। ଦୁଲଦୁଲି ବାଜା ଓ ଡିଜେର ତାଳେ ତାଳେ ଭକ୍ତମାନେ ଆନନ୍ଦ ଉଲ୍ଲାସରେ ମା'ଙ୍କୁ ବିଦାୟ ଦେଇଛନ୍ତି। ଜୟ ଦୁର୍ଗା କମିଟି ତଳପଡା ତରଫରୁ ଆୟୋଜିତ ଭସାଣି ଉତ୍ସବରେ ଦୁଷ୍ମନ୍ତ ପୁଟେଲ, ଦୁର୍ଯୋଧନ ଛତର, ମୁରଲୀ ପଟେଲ, ନେତ୍ରାନନ୍ଦ ଛତର, ଟଙ୍କଧର ଛତର, ରମା କାନ୍ତି ପଟେଲ, ସୁକାନ୍ତ ଛତର, ବସନ୍ତ ପଟେଲ, ମନ ପୁଟେଲ, ଓ କୈଳାସ ପୁଟେଲ ଯୋଗ ଦେଇଥିଲେ।

**ସଂକ୍ଷେପରେ**

## ଥୁଆମୂଳ ରାମପୁର ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ

ଥୁଆମୂଳ ରାମପୁର ୨୭।୧୦(ଦୁର୍ଗା କୀର୍ତ୍ତି)



କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଭାବେ ଧ୍ରୁବ ଚରଣ ମୁଦୁଲି ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ମାଲକାନଗିରି ଜିଲାରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଥିଲେ। ଏହି ଅବସରରେ ଥୁ. ରାମପୁର ବ୍ଲକର ସମସ୍ତ ବିଭିନ୍ନ ବିଭାଗରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ନୂତନ ବିଡିଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଥୁଆମୂଳ ରାମପୁର ବ୍ଲକରେ ୨୪ଟି ପଞ୍ଚାୟତଗୁଡିକରେ ବଞ୍ଚିତ ରହିଥିବା ଅନେକ ଦୁର୍ଗମ ଅଞ୍ଚଳର ଲୋକଙ୍କ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବା ସହ ସରକାରଙ୍କ ସମସ୍ତ ଯୋଜନା ଯେଉଁ ଭଳି ଭାବରେ ପ୍ରତ୍ୟେକ ପଞ୍ଚାୟତକୁ ପହଞ୍ଚି ପାରିବ ସେ ନେଇ ଚେଷ୍ଟା କରିବି ବୋଲି ନୂତନ ବିଡିଓ ମୁଦୁଲି ପ୍ରକାଶ କରିଥିଲେ।

# ୧୦ ମାସ ମଧ୍ୟରେ ଦୁର୍ଘଟଣାରେ ୧୧୦ ମୃତ

ଭବାନୀପାଟଣା,୨୭।୧୦(ଉତ୍ତମ କୁମାର ଦାଶ)



ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ।

**ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ**

**■ ଜିଲାରେ ରହିଛି ୪ ବ୍ଲାକ୍ ସ୍ପଟ୍**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଶୁକ୍ରବାର ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ ଏଜେଣ୍ଡା ଅନୁଯାଇ ବ୍ଲାକ ସ୍ପଟ, ରାସ୍ତା ଅବରୋଧ, ରାସ୍ତା ମରାମତି, ଚଢ଼ାଉ, ଅବକାରୀ, ଜରୁରୀକାଳୀନ ଯତ୍ନ, ସଚେତନତା, ରାଜସ୍ୱ ଆଦାୟ ଉପରେ କହିଥିଲେ। ଏହାସହ ଗତ ମେ ୧୫ରେ ଅନୁଷ୍ଠିତ ବୈଠକର ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ବର୍ତ୍ତମାନ ଜିଲାର ଜାତୀୟ ରାଜପଥ ୨୬ରେ କନ୍ତେସିରରୁ ତହଂସିର, ଉକ୍ଳେଲା ବଂଗ୍ଲୋ ଛକ, ଚାଞ୍ଚେରରୁ କୋକୋମୁଣ୍ଡା, ଜୁନାଗଡ଼ ହାତୀବ୍ରିଜରୁ ବଳଦିଆମାଲ ୪ଟି ବ୍ଲାକ ସ୍ପଟ ରହିଛି। ଏଠାରେ ରାସ୍ତା ନିରାପତ୍ତା ସାଇନ ବୋର୍ଡ, ସତର୍କତା ବାର୍ତ୍ତା, ଗତି ସୀମା ବୋର୍ଡ, ରମ୍ବଲରସ ନାହିଁ ତାହା ଲଗାଇବାକୁ ଶୀଘ୍ର ପଦକ୍ଷେପ ନେବାକୁ ଏନଏଚ, ଆରଡି ଓ ଆର୍‌ବି ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲାପାଳ ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ। ସେହିପରି ଜାତୀୟ ରାଜପଥ ୨୬ରେ ସମସ୍ତ ହମ୍ପସ ହଟାଇବା ସହିତ ଜାତୀୟ ରାଜପଥକୁ ଲାଗିଥିବା ବିଦ୍ୟାଳୟ ସାମ୍ନା ଗେଟ ବନ୍ଦ କରି ଅନ୍ୟ ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ଜିଲାପାଳ କହିଥିଲେ। ଗତ ଅଗଷ୍ଟରୁ ସେପ୍ଟେମ୍ବର ମଧ୍ୟରେ ଜିଲାରେ ଆର୍‌ଟିଓ ଓ ପୋଲିସ ବିଭାଗ ଦ୍ୱାରା ଦ୍ରୁତଗାଡ଼ି ଚାଳନା ପାଇଁ ୨୨୯, ବିନା ହେଲମେଟ ଓ ସିଟବେଲ୍ଟ ଅପରାଧ ପାଇଁ ୧୪୨, ମଦ୍ୟପାନ ସହ ଗାଡ଼ି ଚାଳନା ଭଳି ଅପରାଧ ପାଇଁ ୧୦ଜଣଙ୍କ ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଛି। ଜିଲାରେ ଅଗଷ୍ଟରୁ ସେପ୍ଟେମ୍ବରରେ ୫୪ଟି ଦୁର୍ଘଟଣା ଘଟି ୧୭ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୩ ଜାନୁୟାରୀରୁ ବର୍ତ୍ତମାନ ପର୍ଯ୍ୟନ୍ତ (୧୦ ମାସରେ) ସଡ଼କ ଦୁର୍ଘଟଣାରେ ୧୧୦ଜଣଙ୍କ ମୃତ୍ୟୁ ଘଟିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୋଲିସ ଅଧିକାରୀ, ଆରଏଣ୍ଡବି ଅଧିକାରୀ, ଅବକାରୀ ଅଧିକାରୀ, କଳାହାଣ୍ଡି ଟ୍ରକ ମାଲିକ ସଂଘ ସଭାପତି, ଡିଆଇପିଆର୍‌ଓଙ୍କ ସମେତ ଆରଟିଓ କାର୍ଯ୍ୟାଳୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ନାସା ପରିଦର୍ଶନରେ ଯିବେ କଳାହାଣ୍ଡିର ଅର୍ମାନ

ଭବାନୀପାଟଣା,୨୭।୧୦(ଉତ୍ତମ କୁମାର ଦାଶ)



ଅର୍ମାନ ବେହେରା।

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଭୁର୍ସିଗୁଡାର ଡା.ପ୍ରଦ୍ୟୋତ ବେହେରାଙ୍କ ପୁଅ ଅର୍ମାନ୍ ବେହେରା ଆମେରିକାର ନାସା ପରିଦର୍ଶନ ନିମନ୍ତେ ମନୋନୀତ ହୋଇଛନ୍ତି। ଅର୍ମାନ୍ ବେଙ୍ଗାଲୁରୁସ୍ଥିତ କିଣ୍ଡର ଇଣ୍ଟର ନ୍ୟାଶନାଲ ସ୍କୁଲର ଯୁକ୍ତ ୨ ବିଜ୍ଞାନ ଛାତ୍ର ଅଟନ୍ତି। ଏହି ସ୍କୁଲର ୮ଜଣଙ୍କୁ ନାସା ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ଆସନ୍ତା ୨୦୨୪ ଏପ୍ରିଲ ୧୮ରେ ଏହି ଟିମ୍ ନାସାରେ ପହଞ୍ଚିବେ। ଏ ନେଇ ନାସା ପକ୍ଷରୁ ଏକ ପତ୍ର ମାଧ୍ୟମରେ ସ୍କୁଲକୁ ଅବଗତ କରାଯାଇଛି। ଅର୍ମାନଙ୍କ ବାପା ଢେଙ୍କାନାଳ ସଦର ମୁଖ୍ୟ ଡାକ୍ତରଖାନାରେ କାର୍ଯ୍ୟରତ ଥିବାବେଳେ ତାଙ୍କ ମା' ସମା ବେହେରା ଜଣେ ଗୃହିଣୀ। ଏହାସହ ଅର୍ମାନ୍ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଡ.ଗୋପବନ୍ଧୁ ବେହେରାଙ୍କ ନାତି। କଳାହାଣ୍ଡିର ଅର୍ମାନ୍ ନାସା ଯିବାକୁ ମନୋନୀତ ହେବା ପରେ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନର ସୁଅ ଛୁଟିଛି।

## କର୍ଲାମୁଣ୍ଡାରେ ନୂତନ ତହସିଲଦାରଙ୍କ ଯୋଗଦାନ

କର୍ଲାମୁଣ୍ଡା,୨୭।୧୦(ପ୍ରଦୀପ କୁମାର ସାହୁ)



କଳାହାଣ୍ଡି ଜିଲା କର୍ଲାମୁଣ୍ଡା ତହସିଲରେ ନୂତନ ତହସିଲଦାର ଭାବେ ଅରୁଣ ବର୍ଗେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ମାଲକାନଗିରି ଜିଲାରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଥିଲେ। ଏହି ଅବସରରେ କର୍ଲାମୁଣ୍ଡା ବ୍ଲକର ଜନସାଧାରଣଙ୍କ ସହଯୋଗ କାମନା କରିବା ସହ ଅଞ୍ଚଳରେ ବିକାଶ ପାଇଁ ଯତ୍ନବାନ ହେବି ବୋଲି ସେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି।

## ଚାଷୀଙ୍କ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର



ଚାଷୀମାନେ ଦାବିପତ୍ର ଦେଇ ଫେରୁଛନ୍ତି।

ନୂଆପଡ଼ା,୨୭।୧୦(ମକାରୁ ବେମାଲ)

ନୂଆପଡ଼ା ଜିଲାର ଚାଷୀମାନଙ୍କ ସମସ୍ୟା ନେଇ ଭାରତୀୟ ଜନତା ପାର୍ଟି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢ଼ୀଙ୍କ ନେତୃତ୍ୱରେ ଏକ ଦାବିପତ୍ର ଜିଲାପାଳ ହେମକାନ୍ତ ସାଏଙ୍କୁ ପ୍ରଦାନ କରିଛନ୍ତି। କ୍ଷୁଦ୍ର ଚାଷୀ ଓ ନାମମାତ୍ର ଚାଷୀ ଛୋଟ ଧାନ ଅମଳ କରି ଖୋଲା ବଜାରରେ କମ ଦରରେ ବିକ୍ରୟ କରୁଛନ୍ତି। ଏ ସବୁକୁ ଦୃଷ୍ଟି ରେ ରଖି ଯଥାଶୀଘ୍ର ମଣ୍ଡି ଖୋଲାଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି। ବହୁ ବିଳମ୍ବରେ ମଣ୍ଡି ଆରମ୍ଭ କରାଯାଉଥିବାରୁ ଚାଷୀ ଶୋଷଣର ଶିକାର ହୋଇଥାଏ। ଚାଷୀ ମଣ୍ଡିରେ ଧାନ ବିକ୍ରୟ ସମୟରେ ଗନି ବେଗ ଦିଆଯାଉ, କଟନି ଛଟନି ବନ୍ଦ କରାଯାଉ, ଅଧିକାଂଶ ଚାଷୀ ମଣ୍ଡିରେ ବିକ୍ରୟ କରିଥିବା ଧାନର ପାଉଣା ଆଜିପର୍ଯ୍ୟନ୍ତ ପାଇନାହାନ୍ତି। ଦାବିପତ୍ର ପ୍ରଦାନ ସମୟରେ ଭରତ ଲାଲ ରାଉତ, ଭଗତ ସିଂ, ପ୍ରିତମ କୁମାର ସାହୁ, ଦୃଷ୍ଟି ଚନ୍ଦ୍ର ମାଝି, ତୁକେଶ୍ୱର୍ ସାହୁ, ଚତୁର୍ଭୁଜ ଶର୍ମା, ତୋପ ଦାସ, ଗୋବିନ୍ଦ ସିଂ ଠାକୁର, ପରମେଶ୍ୱର ଚନ୍ଦ୍ରକାର, ବଳରାମ ଚନ୍ଦ୍ରକାର, ଲାଲାରାମ ସାହୁ, ଚୂଳ ସାହୁ, ରଘୁବିର ସାହୁ, ବିମଳ ସାହୁ, ଲଖନ ରାଉତ, କୁଞ୍ଜବିହାରୀ ବାଗ, ଗୋବିନ୍ଦ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।

## ଗୌରଗୋଠ ପାଟଖଣ୍ଡା ମହୋତ୍ସବ ଉଦ୍‌ଯାପିତ

ଦେଓଗାଁ,୨୭।୧୦(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ଠାରେ ତିନି ଦିନ ଧରି ଚାଲିଥିବା ପାଟଖଣ୍ଡା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଦେଓଗାଁ ତହସିଲଦାର ଯୁଗଲ କିଶୋର ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି କାନ୍ତେଶ୍ୱର ପ୍ରଧାନ, ଜିଲା କଂଗ୍ରେସ କମିଟି ସମ୍ପାଦକ ବିଶ୍ୱଜିତ ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ସମାଜସେବୀ ସୂର୍ଯ୍ୟମଣି ସାହୁ, କମିଟି ସଭାପତି ପ୍ରତାପ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। କମିଟି ଉପସଭାପତି ଦୁର୍ଯ୍ୟୋଧନ ରଣା ସଭା ପରିଚାଳନା କରିଥିଲେ। ସମ୍ପାଦକ ମୁରଲି ରଣା ଧନ୍ୟବାଦ ଦେଇଥିଲେ। ଅନିଲ ନାଏକ ଓ ସାଥିଙ୍କ ଦ୍ୱାରା ମହିଷାସୁରବଧ ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମରେ କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ୪ରେ ବୁଢ଼ାରଜା ଦେବଙ୍କ ଦଶରା, ଆମପାଣି ଚଳଚଞ୍ଚଳ

କୋକସରା,୨୭।୧୦(ଦୁଷ୍ମନ୍ତ କୁମାର ପାଟଯୋଶୀ)



କଳାହାଣ୍ଡିର ଅଧିଷ୍ଠାତ୍ରୀ ମା' ମାଣିକେଶ୍ୱରୀଙ୍କ ଛତରଯାତ୍ରା ଶେଷ ହେବା ପରେ ଜିଲାର ଅନ୍ୟ ଏକ ପ୍ରସିଦ୍ଧ କୋକସରା ବ୍ଲକ ଆମପାଣିର ଆରାଧ୍ୟ ଦେବତା ପ୍ରଭୁ ବୁଢାରଜା ଦେବଙ୍କ ଦଶରା ଆସନ୍ତା ୪ ତାରିଖରେ ଅନୁଷ୍ଠିତ ହେବ। ବୁଢାରଜାଙ୍କ ଦଶରା ପାଇଁ ଆମପାଣି ଅଞ୍ଚଳ ଚଳଚଞ୍ଚଳ ହୋଇଉଠୁଛି। କୁମାର ପୂର୍ଣ୍ଣିମା ପରେ କାର୍ତ୍ତିକ ମାସର ପ୍ରଥମ ଶନିବାର ପ୍ରତିବର୍ଷ ବୁଢାରଜାଙ୍କ ଦଶରା ପର୍ବ ପାଳିତ ହୋଇଥାଏ। ନଭେମ୍ବର ୪ ତାରିଖ ଶନିବାର ଦଶରା ଅନୁଷ୍ଠିତ ହେବ। ତା' ପୂର୍ବଦିନ ଶୁକ୍ରବାର ପୂଝାରୀଙ୍କ ଘରେ ଲାଠି ପୂଜନୋତ୍ସବ ହେବ। ଶନିବାର ସକାଳ ୭ରୁ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲାଯିବ। ପୂର୍ବାହ୍ନ ୧୦ଟାରେ ବୁଢାରଜାଙ୍କ ଲାଠିଯାତ୍ରା ଆରମ୍ଭ ହୋଇ ଲାଠି ବୁଢ଼ାରଜା ପୀଠରେ ପହଞ୍ଚିବା ପରେ ଅପରାହ୍ନ ୩ଟାରେ ଲାଖବିନ୍ଧା କାର୍ଯ୍ୟକ୍ରମ ହେବ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାତି ୧୦ଟାରେ ଘୁମୁରା ଓ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଚଳିତବର୍ଷ ଦଶରା ପୂଜା କମିଟି ସଭାପତି କୁମୁଦ ଚନ୍ଦ୍ର ପୂଝାରୀ, ଉପସଭାପତି ତିଲୋତ୍ତମା ନାଏକ, ସାଧାରଣ ସମ୍ପାଦକ ନକୁଳ ବାଣୁଆ, ସହ ସମ୍ପାଦକ ସନ୍ତୋଷ ମାଝି, କୋଷାଧ୍ୟକ୍ଷ ଜିତେନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ମନୋରଞ୍ଜନ ବାଣୁଆ, ସଦସ୍ୟ ବିଘ୍ନେଶ୍ୱର ନାଏକ, ଚିକିଚନ୍ଦ୍ର ଧଙ୍ଗଡା ମାଝି, ତ୍ରିନାଥ ପ୍ରସନ୍ନ ରାୟ, ରହସ୍ୟ ନାଏକ ଓ ଆମପାଣି ଗ୍ରାମବାସୀ ପରିଚାଳନାରେ ସହଯୋଗ କରିବେ।

## ମହାବୀର ପଞ୍ଚାୟତି ଧର୍ମଶାଳା ନିର୍ବାଚନ





ଟିଟିଲାଗଡ଼, ୨୭।୧୦(ଶରତ ମିଶ୍ର)

ମହାବୀର ପଞ୍ଚାୟତି ଧର୍ମଶାଳାର ଟ୍ରଷ୍ଟ ବୋର୍ଡର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ରିଙ୍କୁ ଅଗ୍ରୱାଲ ସଭାପତି, ସମ୍ପାଦକ ଗୋବିନ୍ଦ ଜୈନ ଓ ସହସମ୍ପାଦକ ଭାବରେ ମୋହନ ଗୁପ୍ତା ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ୧୦୮ଜଣ ସଭ୍ୟ ନିଜ ମତଦାନ କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ତୁମୁଳକାଣ୍ଡ

ବଲାଙ୍ଗୀର, ୨୭।୧୦ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ବିଡିଓଙ୍କ ଅଫିସ ଚ୍ୟାମ୍ବରକୁ ପଶି ଜଣେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ, ତାଙ୍କ ସ୍ତ୍ରୀ ଓ ପୁଅ ବିଷ ବୋତଲ ଧରି ଆତ୍ମହତ୍ୟା ଚେତାବନୀ ଦେବା ଘଟଣା ହଇଚଇ ସୃଷ୍ଟି କରିଥିଲା। ଦୀର୍ଘ ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ହଙ୍ଗାମା କରିବା ପରେ ବ୍ଲକ ପ୍ରଶାସନ ଏବଂ ପୁଇଁତଲା ଥାନା ପୋଲିସଙ୍କ ବୁଝାସୁଝାରେ ଅଫିସରୁ ସମ୍ପୃକ୍ତ ପରିବାର ବାହାରିଥିଲେ। ବିଡିଓଙ୍କ ଅଭିଯୋଗକୁ ଭିତ୍ତିକରି ସମ୍ପୃକ୍ତ ହିତାଧିକାରୀଙ୍କ ନାଁରେ ମାମଲା (ନଂ.୨୩୧/୨୩) ରୁଜୁ କରାଯାଇଥିବା ଜଣାପଡିଛି। ପୁଇଁତଲା ବ୍ଲକ ଦଶପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁଟେନପାଲି ଗାଁର ସୀତାରାମ ବେହେରା ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) ଯୋଜନାର ହିତାଧିକାରୀ। ତାଙ୍କ ସ୍ତ୍ରୀ ଓ ପୁଅଙ୍କ ସହ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ବ୍ଲକ କାର୍ଯ୍ୟାଳୟକୁ ଆସି ପ୍ରଧାନମନ୍ତ୍ରୀ ଆବାସର ଦ୍ୱିତୀୟ କିସ୍ତି ଟଙ୍କା ମାଗିଥିଲେ। ହିତାଧିକାରୀ ଜଣକ ନିଜ ଡିହରେ ଘର ତିଆରି କରି ନ ଥିବାରୁ ତାଙ୍କର ଦ୍ୱିତୀୟ କିସ୍ତିକୁ ସ୍ଥଗିତ ରଖାଯାଇ ନିଜ ସ୍ଥାନରେ ଘର ତିଆରି କଲେ ଅନୁଦାନ ଦିଆଯିବ ବୋଲି କୁହାଯାଇଥିଲା। ଏହାପରେ ହିତାଧିକାରୀ ଜଣକ ସେଠାରୁ ଚାଲିଯାଇଥିଲେ। ଅପରାହ୍ନ ପ୍ରାୟ ୨ଟା ସମୟରେ ବିଡିଓ ଅନୁପସ୍ଥିତ ଥିବା ସମୟରେ ସୀତାରାମ ତାଙ୍କ ସ୍ତ୍ରୀ ଓ ପୁଅ ବିଡିଓଙ୍କ ଚ୍ୟାମ୍ବରକୁ ପଶିଯାଇ ଭିତର ପଟରୁ କବାଟ ବନ୍ଦ କରିଦେଇ ଦ୍ୱିତୀୟ କିସ୍ତି ଟଙ୍କା ନ ଦେଲେ ବିଷପାନ କରିଦେବେ ବୋଲି ଧମକ ଦେଇଥିଲେ। ଘଟଣା ସମ୍ପର୍କରେ ଏବିଡିଓ ତୁରନ୍ତ ପୁଇଁତଲା ଥାନାକୁ ଜଣାଇଥିଲେ। ପ୍ରଶାସନିକ ଟିମ୍ ଏବଂ ପୋଲିସ ହିତାଧିକାରୀଙ୍କୁ ବୁଝାସୁଝା କରିଥିଲେ। ତେବେ ଏହାକୁ ସେ ମାନି ନ ଥିଲେ। ବହୁ କଷ୍ଟରେ ପ୍ରାୟ ଅଧଘଣ୍ଟା ପରେ ପୋଲିସ ଉକ୍ତ ପରିବାରକୁ ବିଡିଓଙ୍କ ଚ୍ୟାମ୍ବରରୁ ବାହାରକୁ ଆଣିବାରେ ସଫଳ ହୋଇଥିଲେ। ହିତାଧିକାରୀ, ତାଙ୍କ ସ୍ତ୍ରୀ ଓ ପୁଅକୁ ପୁଇଁତଲା ଥାନାକୁ ନିଆଯାଇଥିଲା। ପୋଲିସ ପକ୍ଷରୁ ହିତାଧିକାରୀ, ତାଙ୍କ ସ୍ତ୍ରୀ ଓ ପୁଅକୁ ନୋଟିସ କରି ଛଡାଯାଇଛି। ଏଭଳି କାଣ୍ଡର ପୁନରାବୃତ୍ତି କଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିବା ଥାନାଧିକାରୀ ଅନିତା ପ୍ରଧାନ କହିଛନ୍ତି।

## କଲ୍ୟାଣ ମଣ୍ଡପ ପାଇଁ ଭୂମିପୂଜନ

ଖଡ଼ିଆଳ,୨୭।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ କାଶିପଲଠାରେ କଲ୍ୟାଣ ମଣ୍ଡଳ ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦାନ କରି ଭୂମି ପୂଜନ କରିଥିଲେ। ସୂଚନା ଥାଉକି ଏହି କଲ୍ୟାଣ ୫୦ ଲକ୍ଷ ଟଙ୍କାରେ ନିର୍ମିତ ହେବ ବୋଲି ଜଣାପଡିଛି। କାର୍ଯ୍ୟକ୍ରମରେ ବରଗାଁ ସରପଞ୍ଚ ଗୋବିନ୍ଦ ବିହାରୀ ବାରିକ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଗ୍ରାମର ବରିଷ୍ଠ ବ୍ୟକ୍ତି ଲବଣେଶ୍ୱର ବାରିକ, ବୃନ୍ଦାବନ ବାରିକ, ନରେଶ ରାଉତଙ୍କ ସମେତ କାସିପଲା ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିନୋପୁରରେ ୨୩ତମ ଗଜଲକ୍ଷ୍ମୀ ପୂଜା



ବୋଡେନ,୨୭।୧୦(ଟିକେଶ୍ୱର ନାଗ)

ନୂଆପଡା ଜିଲା ବୋଡ଼େନ ବ୍ଲକ ବିନୋପୁର ଗ୍ରାମଠାରେ ୨୩ତମ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ଅନୁଷ୍ଠିତ ହେଉଛି। ଶୁକ୍ରବାର ମହିଳାମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ହୋଇ ପୋଖରୀରୁ ପାଣି ଆଣିଥିଲେ। କର୍ତ୍ତା ଭାବେ ଉଗ୍ର ନିଆଲ ତାଙ୍କ ସ୍ତ୍ରୀ ସହଯୋଗ କରିଥିଲେ। ମୁଖ୍ୟ ପୁରୋହିତ ଭାବେ ଶ୍ରୀବସ ସୂପକାର କାର୍ଯ୍ୟ ତୁତାଇଥିଲେ। ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ରାତିରେ ନାଟକ ମନୋରଞ୍ଜନ ରଖାଯାଇଛି। ଦିନରେ ଭାଗବତ ସଙ୍ଗୀତ ସମାରୋହ, ସଙ୍କିର୍ତ୍ତନ ଦଳ ଓ ଗୀତ ପ୍ରତିଯୋଗିତା କାର୍ଯ୍ୟକ୍ରମ ରଖାଯାଇଛି। କମିଟି ସଭାପତି ପୁରୁଷ୍ଟମ ନାଗ, ଉପସଭାତି କାଶୀନାଥ ବେହେରା, ସମ୍ପାଦକ ଦିବାନ ନିଆଲ, ସହସମ୍ପାଦକ ବିପିନ ନିଆଲ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଛତ୍ରିଆ, ଗ୍ରାମର ଉପଦେଷ୍ଟା କମିଟି ବେଦବ୍ୟାସ ନାଗ, ଲୋକନାଥ ନିଆଲ, ଟିକଚନ ନିଆଲ, ଗୌରିଶଙ୍କର ନାଗ ନିରାକାର ମୁଣ୍ଡ, ଦନାର ଲୁହାର, ଲୋକନାଥ ଛତ୍ରିଆ, ଟିକେଶ୍ୱର ନାଗ ସହ ଗ୍ରାମର କର୍ମକର୍ତ୍ତା ସହଯୋଗ କରିଥିଲେ।

## ଗଛରେ ଦଉଡ଼ି ଦେଇ ଯୁବକଙ୍କ ଆତ୍ମହତ୍ୟା

ଭବାନୀପାଟଣା,୨୭।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ରାମସାଗର ପଡ଼ା ପୋଖରୀ ନିକଟ ଗଛରେ ଦଉଡ଼ି ଦେଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଶୁକ୍ରବାର ସକାଳରେ ଦେଖିବାକୁ ମିଳିଥିଲା। ମୃତ ଯୁବକଙ୍କ ନାମ ଜୟନ୍ତ କରୁଆ (୩୫)। ତାଙ୍କ ଘର ନିକଟସ୍ଥ କୁଶା ଡ଼ଙ୍ଗରିସୀତା ବୋର୍ଡପଡାର ବୋଲି ଜଣାପଡିଛି। ଖବର ପାଇ ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ପାରିବାରିକ କଳହରୁ ଜୟନ୍ତ ଆତ୍ମହତ୍ୟା କରିଥିବା ପୋଲିସଠାରୁ ସୂଚନା ମିଳିଛି। ଏ ନେଇ ଭବାନୀପାଟଣା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୮/୨୩) ରୁଜୁ ହୋଇଛି।

## ସଂଗୃହୀତ ମାଟି ନେଇ ଦିଲ୍ଲୀ ଗଲେ କର୍ମକର୍ତ୍ତା

କୋକସରା,୨୭।୧୦(ଦୁଷ୍ମନ୍ତ କୁମାର ପାଟଯୋଶୀ)

ଦିଲ୍ଲୀରେ ଶହୀଦ ଯବାନଙ୍କ ସ୍ମୃତିରେ ନିର୍ମାଣ ହେବାକୁ ଥିବା ଅମୃତ ବାଟିକା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶବ୍ୟାପୀ ସଂଗ୍ରହ ମାଟି ସଂଗ୍ରହ କରାଯାଇଥିଲା। ଶୁକ୍ରବାର ଦଳର ବରିଷ୍ଠ ନେତା ଜନାର୍ଦ୍ଦନ ପଣ୍ଡାଙ୍କ ନେତୃତ୍ୱରେ କୋକସରା ବ୍ଲକରୁ ସଂଗ୍ରହୃତ ମାଟି କଳସ ସ୍ଥାନୀୟ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ଭବ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଜଗନ୍ନାଥ ମନ୍ଦିରରେ ଦଳୀୟ କର୍ମୀ ତ୍ରିନାଥ ଶବର ଓ ଅର୍ଜୁନ ଭାଟିଙ୍କୁ ହସ୍ତାନ୍ତର କରିଥିଲେ। ସଂଗୃହିତ ମାଟି ୨ଜଣ ଦିଲ୍ଲୀ ନେଇ ଯିବେ। ଏହି ଅବସରରେ ଭାଜପା ଜିଲା ଉପ ସଭାପତି ଲକ୍ଷ୍ମୀ କାନ୍ତ ବାଗ, କୋକସରା ମଣ୍ଡଳ ପ୍ରଭାରୀ ଗରୁଡ଼ ଧଜ ମାଝି, ମଣ୍ଡଳ ସଭାପତି ଦୁର୍ଗା ପ୍ରଧାନୀ, ଉପସଭାପତି ରଜନୀକାନ୍ତ ପଣ୍ଡା, ଗୋପାଳ ଅଗ୍ରୱାଲ, ମୁକୁନ୍ଦ ପଟ୍ଟନାୟକ, ପ୍ରମୋଦ ପଣ୍ଡା, ଦୈତାରି ବାରିକ, ଭାବଗ୍ରାହୀ ପ୍ରଧାନୀ, ମନୋଜ ନାଏକ, ନବୀନ ପ୍ରଧାନୀ, ଧର୍ମାନନ୍ଦ ପଟ୍ଟନାୟକ, ଧର୍ମାନନ୍ଦ ନେଗି ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।



ସଂଗୃହୀତ ମାଟି କଳସ ସହ ଦଳୀୟ କର୍ମକର୍ତ୍ତା।

## ଲକ୍ଷ୍ମୀ ଯୋଜନାରେ ଘରୋଇ ବସ୍‌କୁ ସାମିଲ କରାଯାଉ

ଭବାନୀପାଟଣା,୨୭।୧୦(ଉତ୍ତମ କୁମାର ଦାଶ)



ଘରୋଇ ବସ୍ ମାଲିକ ସଂଘର ବୈଠକ।

**ଘରୋଇ ବସ୍ ମାଲିକ ସଂଘର ବୈଠକ**

କଳାହାଣ୍ଡି ଜିଲା ଭବାନୀପାଟଣା ଭାଗିରଥି ଇନ୍‌ରେ ଶୁକ୍ରବାର ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର ସମସ୍ତ ଘରୋଇ ବସ୍ ମାଲିକ ସଂଘର ଏକ ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୫ରୁ ଊର୍ଦ୍ଧ୍ୱ ଘରୋଇ ବସ୍ ମାଲିକ ସଂଘ ପ୍ରତିନିଧି ସାମିଲ ହୋଇଥିଲେ। ବୈଠକରେ ସଂଘର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସର୍ବସମ୍ମିତି ନିଷ୍ପତ୍ତି ନିଆଯାଇଥିଲା। ସରକାର ଲକ୍ଷ୍ମୀ ବସ୍ ଆଣିଥିବା ଯୋଜନାକୁ ସଂଘ ପକ୍ଷରୁ ସ୍ୱାଗତ କରାଯିବା ସହ ୧ନଂ କ୍ଲଷ୍ଟର ଯାହାକି ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳକୁ ସ୍ୱାଗତ କରାଯାଇଥିଲା। ସେହିପରି ଲକ୍ଷ୍ମୀ ଯୋଜନାର ୨ନଂ କ୍ଲଷ୍ଟର ଯାହାକି ବ୍ଲକରୁ ଜିଲା ମୁଖ୍ୟାଳୟକୁ ଚଳାଚଳକୁ ମଧ୍ୟ ସ୍ୱାଗତ କରାଯାଇଥିଲା। ତେବେ ସରକାର ଆଞ୍ଚଳିକ ସଂଘ ସହିତ ଆଲୋଚନା କରି ଘରୋଇ ବସ୍‌କୁ ମଧ୍ୟ ଲକ୍ଷ୍ମୀ ଯୋଜନାରେ ସାମିଲ କରିବା ପାଇଁ ଦାବି କରାଯାଇଥିଲା। ନଚେତ ସଂଘ ଏହାକୁ ବିରୋଧ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟ ସରକାର ଲକ୍ଷ୍ମୀ ଯୋଜନାରେ ଘରୋଇ ବସ୍‌କୁ ସାମିଲ କରି ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ହାତମୁଠାକୁ ଟାଣ କରିବା ସହିତ ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶା ଘରୋଇ ବସ୍ ମାଲିକମାନଙ୍କୁ ଉତ୍ସାହିତ କରିବା ଏହି ବନ୍ଧୁମିଳନ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ବୈଠକରେ କଳାହାଣ୍ଡି ଘରୋଇ ବସ୍ ମାଲିକ ସଂଘ ପ୍ରତିନିଧିତ୍ୱ କରିଥିଲା।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

**ସମ୍ବଲପୁର,୨୭।୧୦(ବି.ଶଙ୍କର):** ସମ୍ବଲପୁର ବରେଇପାଲି ଥାନା ଅନ୍ତର୍ଗତ ରେମେଡ ନିକଟ ଜାତୀୟ ରାଜପଥର ସର୍ଭିସ ରୋଡ୍‌ଠାରେ ଶୁକ୍ରବାର ଏକ ବାଇକ୍ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସମ୍ବଲପୁର ମହାନଗର ନିଗମ କିର୍ବରା ବିହାରିପଡାର ଈଶ୍ୱର ମହାନନ୍ଦ (୫୫)। ଈଶ୍ୱର ସାଇକେଲ ଯୋଗେ ବରେଇପାଲି ପଟକୁ ଯାଉଥିବା ସମୟରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇ ଫେରାର ମାରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁର୍ଲା ଭିମ୍‌ସାରରେ ମୃତଦେହ ବ୍ୟବଚ୍ଛେଦ ପରେ ପରବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଡିସେମ୍ବର ୨୪ରୁ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା

**ସମ୍ବଲପୁର,୨୭।୧୦(ବି.ଶଙ୍କର):** ଯୁବ ଉଦୟନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ୨୬ତମ ରାଜ୍ୟସ୍ତରୀୟ ସମ୍ବଲପୁର ନାଟକ ପ୍ରତିଯୋଗିତା ଆସନ୍ତା ଡିସେମ୍ବର ୨୪ରୁ ଆରମ୍ଭ ହୋଇ ୨୯ରେ ଶେଷ ହେବ। ଏ ନେଇ ଶୁକ୍ରବାର ଯୁବ ଉଦୟନ କାର୍ଯ୍ୟାଳୟଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରତିଯୋଗିତା ବିଷୟରେ ସୂଚନା ଦେଇଥିଲେ।

### ମୋବାଇଲ୍ ଲୁଟେରା ଗିରଫ

**ସମ୍ବଲପୁର,୨୭।୧୦(ପ୍ରମୋଦ ବହିଦାର):** ପୁରୀ ରାଉରକେଲା ଏକ୍ସପ୍ରେସ୍ ଟ୍ରେନ୍‌ରେ ସବିତା ନାଏକ ନାମ୍ନୀ ଜଣେ ମହିଳା ଯାତ୍ରୀଙ୍କଠାରୁ ମୋବାଇଲ ଫୋନ ଲୁଟି ନେଇଥିବା ଅଭିଯୁକ୍ତଙ୍କୁ ରେଳବାଇ ପୋଲିସ ଗିରଫ କରିଛି। ସେ ହେଲେ ବୁର୍ଲାର ବିକାଶ ସାମଲ। ଏ ନେଇ ସମ୍ବଲପୁର ରେଳବାଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ବୈଠକ

**ସମ୍ବଲପୁର,୨୭।୧୦(ବି.ଶଙ୍କର):** ସମ୍ବଲପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଶୁକ୍ରବାର ବିଭିନ୍ନ ରାଜନୈତିକ ଦଳକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ପୁଷ୍ପାଞ୍ଜଳି ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଭାଜପା, ବିଜେଡି, ବିଏସ୍‌ପି, କଂଗ୍ରେସ ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଏଲ୍‌ଓମାନଙ୍କୁ ନେଇ ଆଗାମୀ ଦିନରେ ଏକ ତାଲିମ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ବିଏଲ୍‌ଓମାନେ ଯେଉଁ ବୁଥ୍‌କୁ ଯିବେ ସେଠିକାର ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ସୂଚନା ଦେବାକୁ ମତପ୍ରକାଶ ପାଇଥିଲା। ସେହିପରି ତାଲିକାରୁ ବାଦ ପଡିଥିବା ଭୋଟରଙ୍କ ନାମ କିପରି ତାଲିକାଭୁକ୍ତ ହୋଇପାରିବ ସେ ନେଇ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ରାଜନୈତିକ ଦଳର ପ୍ରତିନିଧିମାନେ ଅନୁରୋଧ କରିଥିଲେ। ବୈଠକରେ ଭାଜପା ଜିଲା ସଭାପତି ଗିରିଶ ପଟେଲ ଓ ଫନିଭୂଷଣ ମିଶ୍ର, କଂଗ୍ରେସ ଜିଲା ଓବିସି ସେଲ ଅଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନ ଓ ସଞ୍ଜୀବ ଗର୍ଡିଆ, ବିଜୁ ଜନତା ଦଳର ଜୟକୃଷ୍ଣ ବେହେରା, ବହୁଜନ ସମାଜ ପାର୍ଟି ଜିଲା ସଭାପତି ଦିଲିପ ସିଂ, ମହମ୍ମଦ ମୁସ୍ତକିମ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

# ରୋଗୀସେବା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ

**ସମ୍ବଲପୁର,୨୭।୧୦(ପ୍ରମୋଦ ବହିଦାର)**


ମାନବାଧିକାର କମିଶନ ଅଧ୍ୟକ୍ଷଙ୍କ ଡାକ୍ତରଖାନା ପରିଦର୍ଶନ।

**ମାନବାଧିକାର କମିଶନ ଅଧ୍ୟକ୍ଷଙ୍କ ଡିଏଚ୍‌ଏଚ୍ ପରିଦର୍ଶନ**

ରାଜ୍ୟ ମାନବାଧିକାର କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାରୀ ଶୁକ୍ରବାର ସମ୍ବଲପୁର ଗସ୍ତରେ ଆସି ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ପରିଦର୍ଶନ କରିଛନ୍ତି। ସେ ଚିକିତ୍ସାଳୟର ବିଭିନ୍ନ ବିଭାଗ ବୁଲି ରେଗୀ ସେବାର ମାନ, ଭିତ୍ତିଭୂମିର ବିକାଶ ଆଦିର ସମୀକ୍ଷା କରିଥିଲେ। ଚିକିତ୍ସାଳୟର ସ୍ୱଚ୍ଛତା ତଥା ଡାକ୍ତରଙ୍କ ଅନୁପସ୍ଥିତି ବିଶେଷ କରି ଅଲ୍ଟ୍ରାସାଉଣ୍ଡ ବିଭାଗ ଡାକ୍ତରଙ୍କ ଅନୁପସ୍ଥିତିକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଅନୁପସ୍ଥିତ ଥିବା ଡାକ୍ତର ଓ ସ୍ୱଚ୍ଛତା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ କୈଫିୟତ ତଲବ କରିବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାବ୍ୟତୀତ ମାତୃ ଓ ଶିଶୁ ବିଭାଗରେ ଥିବା ୩ଟି ଅସ୍ତ୍ରୋପଚାର କକ୍ଷ ସପ୍ତାହରେ ଦିନେ ବନ୍ଦ ରହୁଥିବାର କାରଣ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପଚାରିଥିଲେ। ଏହି ଅବସରରେ ସେ ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ତେବେ ଉନ୍ନତ ମାନର ରୋଗୀସେବା ଉପରେ ଗୁରୁତ୍ୱ ଦେବାକୁ ସେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ମାନବାଧିକାର କମିଶନ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶାନୁସାରେ ଆଗାମୀ ଦିନରେ ପ୍ରତ୍ୟହ ଦୁଇଓଳି ବହିର୍ବିଭାଗ (ଆଉଟଡୋର) ଖୋଲାଯିବ ବୋଲି ସିଡିଏମ୍‌ଓ ଡା. ପୂର୍ଣ୍ଣଚନ୍ଦ୍ର ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି, ପ୍ରତିବର୍ଷ ଏପ୍ରିଲରୁ ସେପ୍ଟେମ୍ବର ଓ ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଯଥାକ୍ରମେ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ଓ ଅପରାହ୍ନ ୩ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବହିର୍ବିଭାଗ ଖୋଲା ରହିବ। ପୂର୍ବଭଳି ସବୁଦିନ ସକାଳ ୭ଟାରୁ ୧୨ଟା ପର୍ଯ୍ୟନ୍ତ ନିୟମିତ ଭାବେ ବହିର୍ବିଭାଗ ଖୋଲା ରହିବ। ସେହିଭଳି ମାତୃ ଓ ଶିଶୁ ବିଭାଗରେ କେଉଁ ଚିକିତ୍ସକ କେତେଜଣ ରୋଗୀଙ୍କୁ ଚିକିତ୍ସା କଲେ ଓ କେତେଜଣଙ୍କୁ ଅନ୍ୟତ୍ର କାହିଁକି ଓ କେଉଁ ଚିକିତ୍ସାଳୟକୁ ରେଫର କଲେ ତା'ର ବିବରଣୀ ରଖାଯିବ ବୋଲି ସିଡିଏମ୍‌ଓ ସାହୁ କହିଛନ୍ତି। ଏହି ପରିଦର୍ଶନ ସମୟରେ ତାଙ୍କ ସହିତ ଜିଲାପାଳ ଅନନ୍ୟା ଦାସ, ସିଡିଏମ୍‌ଓ ଡା. ସାହୁ, ଏଡିଏମ୍‌ଓ ଡା. ଅଲେଖ ମହାପାତ୍ର, ଏଡିଏମ୍‌ଓ ଡା. ଅଶୋକ ଦାଶ, ଏନ୍‌ଏଚ୍‌ଏମ୍ ଅଧିକାରୀ ଡା. ମୌସୁମୀ ମିଶ୍ର ପ୍ରମୁଖଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ସମ୍ବଲପୁର ମହିଳା ମହାବିଦ୍ୟାଳୟକୁ ୧୦ଲକ୍ଷ ଦେଲେ ପ୍ରାଧ୍ୟାପକ ଡ. ରାମକୃଷ୍ଣ ପଣ୍ଡା

**ଭୁବନେଶ୍ୱର,୨୭।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**



ପୂର୍ବତନ ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ଡ. ରାମକୃଷ୍ଣ ପଣ୍ଡା ନିକଟରେ ସମ୍ବଲପୁର ମହିଳା ମହାବିଦ୍ୟାଳୟର 'ମୋ କଲେଜ' ପାଣ୍ଠିକୁ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ଅର୍ଥର ଦୁଇଗୁଣା 'ମୋ କଲେଜ' ପକ୍ଷରୁ ଅନୁଦାନ ମିଳିବ। କଲେଜର ନବ ନିର୍ମିତ ବହୁମୁଖୀ ସମ୍ମିଳନୀ କକ୍ଷ ଓ ଭିତ୍ତିଭୂମିର ବିକାଶରେ ଏହି ଅର୍ଥ ଖର୍ଚ୍ଚ ହେବ। ବିଶେଷ କରି ସ୍ମାର୍ଟ କ୍ଲାସ୍, ସାଉଣ୍ଡ ବ୍ୟବସ୍ଥା, ଡେସ୍କ ବେଞ୍ଚ ଓ ଅନ୍ୟାନ୍ୟ ଆସବାବପତ୍ର କିଣା ହେବ। ତେବେ ଉକ୍ତ ମହିଳା କଲେଜର ସେ ପୂର୍ବତନ ପ୍ରାଧ୍ୟାପକ ଥିବାରୁ କଲେଜରେ ନାରୀ ଶକ୍ତିର ବିକାଶ ପାଇଁ ସେ ଏହି ଅର୍ଥ ପ୍ରଦାନ କରିଛନ୍ତି। ଏଥିସହ ଡ. ପଣ୍ଡା ପୂର୍ବରୁ ଚାକିରି କରିଥିବା ସମସ୍ତ କଲେଜର ବିକାଶ ପାଇଁ 'ମୋ କଲେଜ' ପାଣ୍ଠିକୁ ଲକ୍ଷାଧିକ ଟଙ୍କା ଦାନ କରିଛନ୍ତି। ଏହି ପାଣ୍ଠି ଜରିଆରେ କଲେଜର ସ୍ନାତକ ଓ ସ୍ନାତକୋର ମେଧାବୀଙ୍କୁ ପୁରସ୍କାର ବୃତ୍ତି ମିଳିବ। ଏନେଇ ଡ. ପଣ୍ଡା କହିଛନ୍ତି, କଲେଜ ଦିନେ ଆମକୁ ଗଢିଥିଲା, ଉପଯୁକ୍ତ ଜ୍ଞାନ ପ୍ରଦାନ ସହ ଅର୍ଥ ରୋଜଗାର ନେଇ ସକ୍ଷମ କରାଇଥିଲା। ଆଉ ଏବେ ନିଜର ଋଣ ସୁଝାଇବାର ବେଳ ବୋଲି ନିଜ ବାସଭବନରେ ଆୟୋଜିତ ଚେକ୍ ପ୍ରଦାନ କାର୍ଯ୍ୟକ୍ରମରେ ସେ ଏହା କହିଛନ୍ତି। ଡ. ପଣ୍ଡାଙ୍କ ବଡ଼ ଭଉଣୀ ଡା. ନାରାୟଣୀ ପଣ୍ଡା, ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ, ପ୍ରଫେସର ସମିତା ଆଚାର୍ଯ୍ୟ, ପ୍ରଫେସର ପବିତ୍ର ମୋହନ ବେହେରା ଓ 'ମୋ କଲେଜ' ସଂଯୋଜକ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ନଭେମ୍ବର ୨୪ରୁ ଲିଟିଲ୍ ମିସ୍ ଓ ମାଷ୍ଟର



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ସମ୍ବଲପୁର,୨୭।୧୦ (ପ୍ରମୋଦ ବହିଦାର)**

ଆସନ୍ତା ନଭେମ୍ବର ୨୪ ଓ ୨୫ ତାରିଖ ଦୁଇଦିନ ଧରି ସମ୍ବଲପୁରଠାରେ ଅନୁଷ୍ଠିତ ହେବ 'ଲିଟିଲ୍ ମିସ୍ ଓ ମାଷ୍ଟର' ଏବଂ 'ଟିନ୍ ମିସ୍ ଓ ମାଷ୍ଟର-୨୦୨୩'ର ଦ୍ୱିତୀୟ ସଂସ୍କରଣ। ସ୍ଥାନୀୟ ଗଙ୍ଗାଧର ମଣ୍ଡପରେ ସମ୍ବଲପୁର ଜଗନ୍ନାଥ କଲୋନୀସ୍ଥିତ ସାଇ ଶିକ୍ଷା ପରିଷଦ ପକ୍ଷରୁ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଉପରୋକ୍ତ ୪ ବର୍ଗରେ ୪୮ ଜଣ ପ୍ରତିଯୋଗୀ ଭାଗ ନେବେ। ସାମ୍ବାଦିକ ଭବନରେ ସାଇ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ସଂଯୋଜକ ମହମ୍ମଦ ପରିଭେଜ ଅଲ୍ଲୀ ଖାନ କହିଛନ୍ତି, ଅଞ୍ଚଳର କୁନିକୁନି ପ୍ରତିଭାଙ୍କୁ ଆଗକୁ ନେବା ଲକ୍ଷ୍ୟରେ ଏଭଳି ମଞ୍ଚର ଆୟୋଜନ କରାଯାଉଛି। ଏହା କେବଳ ଫ୍ୟାଶନ ଶୋରେ ସୀମିତ ନ ରହି ନୃତ୍ୟ, ସଙ୍ଗୀତ, ବାଦ୍ୟଯନ୍ତ୍ର ବାଦନ ଭଳି ପ୍ରତିଯୋଗିତା ଆୟୋଜିତ ହେବ। ଏଥିପାଇଁ ଆସନ୍ତା ୨୯ରେ ଲିଟିଲ୍ ମିସ୍ ଓ ମାଷ୍ଟର ଏବଂ ନଭେମ୍ବର ୫ରେ ଟିନ୍ ମିସ୍ ଓ ମାଷ୍ଟର ପାଇଁ ଅଡିଶନ୍ ଅନୁଷ୍ଠିତ ହେବ। ଏଥିରେ ୬ରୁ ୧୨ ବର୍ଷର ବାଳିକା ଓ ବାଳକ ଏବଂ ୧୨ରୁ ଉର୍ଦ୍ଧ୍ୱ ଓ ୧୭ ବର୍ଷରୁ କମ୍ ବାଳିକାବାଳକ ଭାଗ ନେବେ। ବିଭିନ୍ନ ଜିଲାରୁ ପ୍ରାୟ ୩୦୦ ଜଣ ପ୍ରତିଯୋଗୀ ଆବେଦନ କରିସାରିଛନ୍ତି। ପ୍ରତ୍ୟେକ ବର୍ଗରୁ ୧୨ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଚୟନ କରାଯିବ। ନଭେମ୍ବର ୨୪ ପ୍ରଥମ ଦିନରେ ଲିଟିଲ୍ ମିସ୍ ଓ ମାଷ୍ଟର ଏବଂ ୨୫ରେ ଟିନ୍ ମିସ୍ ଓ ମାଷ୍ଟର ପ୍ରତିଯୋଗିତାର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। ଏଥିରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସାଇ ଶିକ୍ଷା ପରିଷଦର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସାଇ ଶିକ୍ଷା ପରିଷଦର ସଭାପତି ଭକ୍ତ ପ୍ରସାଦ ନନ୍ଦ, ନୃତ୍ୟ ନିର୍ଦ୍ଦେଶକ ଅସୀମ ପ୍ରଧାନ, ନିବେଦିତା ଦାସ, ତର୍ପଣ ପ୍ରଧାନ ମଞ୍ଚାସୀନ ଥିଲେ।

# ବଏଲ ଯାତ୍ରା: ପଶୁବଳି ପରିବର୍ତ୍ତେ ଜୁଗାର ଭୋଗ


ତାଲବ ବଏଲ ଯାତ୍ରାରେ ଜୁଗାର।

**ସମ୍ବଲପୁର,୨୭।୧୦(ବି.ଶଙ୍କର)**

ସମ୍ବଲପୁର ଜିଲା ତାଲବ ଗ୍ରାମର ପ୍ରସିଦ୍ଧ ବଏଲ ଯାତ୍ରା ଶୁକ୍ରବାର ସମ୍ପନ୍ନ ହୋଇଛି। ଯାତ୍ରାର ବିଶେଷତ୍ୱ ହେଉଛି ଏଠାରେ କୌଣସି ପଶୁବଳି ଦିଆଯାଏ ନାହିଁ। ବରଂ ଗ୍ରାମସ୍ଥିତ ମା' ସମଲେଶ୍ୱରୀଙ୍କ ନିକଟରେ ଜୁଗାର ଭୋଗ ଅର୍ପଣ କରାଯାଇଥାଏ। ଚଳିତବର୍ଷ ୧୧ଫୁଟ୍ ଉଚ୍ଚତା ବିଶିଷ୍ଟ ଜୁଗାର ତିଆରି କରାଯାଇ ମା'ଙ୍କ ନିକଟରେ ଭୋଗ ଅର୍ପଣ କରାଯାଇଥିଲା। ତାଲବ ସମଲେଶ୍ୱରୀ ପୂଜା କମିଟି ପକ୍ଷରୁ ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା। ପରମ୍ପରାକ୍ରମେ କୌଣସି ବ୍ୟକ୍ତିଙ୍କ ମାନସିକ ପୂରଣ ହୋଇଥିଲେ ସେ ମା'ଙ୍କଠାରେ ଜୁଗାର ଭୋଗ ଅର୍ପଣ କରିଥାନ୍ତି। ଚଳିତ ଥର ୧୧ ଫୁଟ ଉଚ୍ଚର ଜୁଗାର ତିଆରି ହୋଇଥିଲା। ଦେଢ କୁଇଣ୍ଟାଲ ଧାନରେ ପ୍ରସ୍ତୁତ ଲିଆ ସହ ଏକ କୁଇଣ୍ଟାଲ ଗୁଡ ମିଶ୍ରଣ କରାଯାଇ ଜୁଗାର ତିଆରି କରାଯାଇଥିଲା। ପରେ ଏହାକୁ ଭବ୍ୟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ସମଲେଶ୍ୱରୀ ମନ୍ଦିରରେ ପହଞ୍ଚି ଦେବୀଙ୍କୁ ଅର୍ପଣ କରାଯାଇଛି। ବଏଲ ଯାତ୍ରାରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ବରୁଆ ଆସିଥାଏ। ଏହାପରେ ବାଦ୍ୟର ତାଳେ ତାଳେ ବରୁଆ ଗ୍ରାମ ପରିଭ୍ରମଣ କରିଥାନ୍ତି। ଏହି ସମୟରେ ମାନସିକଧାରୀ ଲୋକେ ରାସ୍ତାରେ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥାନ୍ତି।

# ବାଲ୍ୟ ବିବାହ ନିରାକରଣକୁ ଗୁରୁତ୍ୱ

**କୁଚିଣ୍ଡା,୨୭।୧୦(ବିରଞ୍ଚି ଦର୍ଚ୍ଚା)**

ଓଡିଶା ରାଜ୍ୟ ଶିଶୁ ଅଧିକାର ଆୟୋଗ ଓ ୟୁନିସେଫର ତତ୍ତ୍ୱାବଧାନରେ ବ୍ଲକ ପ୍ରଶାସନ ଏବଂ ଏଡ ଏଟ ଆକ୍ସନର ମିଳିତ ଆନୁକୂଲ୍ୟରେ ଶୁକ୍ରବାର କୁଚିଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କୁଚିଣ୍ଡା ବିଡିଓ ସ୍ନେହା ଆରୁଗୁଲା (ଆଇଏଏସ୍)ଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ପାଢୀ, ଜିଲା ଶିଶୁ ସୁରକ୍ଷା ୟୁନିଟ ପିଓଆଇସି ସରିତା ମହାପାତ୍ର, କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ଡା. ଈଶ୍ୱର ଚନ୍ଦ୍ର ମୁଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌରାଙ୍ଗ କୁସୁମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁଙ୍କ ସେବା ଓ ଯତ୍ନ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନା ସମ୍ପର୍କରେ ଅତିଥିଗଣ ଆଲୋଚନା କରି ମିଶନ ବାତ୍ସଲ୍ୟ ଯୋଜନା ଓ ବାଲ୍ୟ ବିବାହ ନିରାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସିଡିପିଓ କନକଲତା ନାୟକ ସ୍ୱାଗତ ଭାଷଣ ଓ ଏଡ ଏଟ ଆକ୍ସନ ଜିଲା ସଂଯୋଜିକା ସୁନୀତା ତ୍ରିପାଠୀ କର୍ମଶାଳା ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇସିଡିଏସ୍ ସୁପରଭାଇଜର, ସିଏଚ୍‌ଓ, ଏମ୍‌ବିକେ, ଅଙ୍ଗନୱାଡି କର୍ମୀ, କିଶୋର ଯୁବତୀଯୁବକ ଯୋଗଦେଇଥିଲେ। ଶେଷରେ ଏଡ ଏଟ ଆକ୍ସନ କୁଚିଣ୍ଡା ବ୍ଲକ ସଂଯୋଜିକା ପିନୁ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଡିସେମ୍ବର ୨୭ରୁ ଗାୟତ୍ରୀ ମହାଯଜ୍ଞ

**ସମ୍ବଲପୁର,୨୭।୧୦(ବି.ଶଙ୍କର)**


ଯଜ୍ଞସ୍ଥଳ ପରିଦର୍ଶନ କରୁଛନ୍ତି କର୍ମକର୍ତ୍ତାମାନେ।

ଆସନ୍ତା ଡିସେମ୍ବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୦୮ କୁଣ୍ଡୀୟ ନବଚେତନା ଜାଗରଣ ଗାୟତ୍ରୀ ମହାଯଜ୍ଞ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ରେମେଡ କଦମପଡାଠାରେ ଅନୁଷ୍ଠିତ ହେବ। ଶୁକ୍ରବାର ସ୍ଥାନୀୟ କମଲିବଜାରସ୍ଥିତ ଗାୟତ୍ରୀ ଶକ୍ତିପୀଠଠାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଯଜ୍ଞ କମିଟି ଅଧ୍ୟକ୍ଷ ଦୀନଦୟାଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏଥିରେ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ପ୍ରତିନିଧି ଶେଷଦେବ ବଡ଼େଇ ଓ ମଙ୍ଗଳ ସିଂ ଘଡ଼େୱାଲ ଯୋଗଦେଇ ଯଜ୍ଞ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ। ଗାୟତ୍ରୀ ଶକ୍ତିପୀଠ ଟ୍ରଷ୍ଟ ମୁଖ୍ୟ ଉପେନ୍ଦ୍ର କୁମାର ପାଢ଼ୀ ଯଜ୍ଞ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଶାନ୍ତିକୁଞ୍ଜ ପ୍ରତିନିଧିମାନଙ୍କ ସହ ଗାୟତ୍ରୀ ପରିଜନମାନେ ଯଜ୍ଞସ୍ଥଳ ପରିଦର୍ଶନ କରିଥିଲେ। ମଙ୍ଗଳ ସିଂ ଘଡ଼େୱାଲ ସମସ୍ତ ଗାୟତ୍ରୀ ପରିଜନମାନଙ୍କୁ ଯଜ୍ଞସ୍ଥଳ ନିର୍ମାଣ ପାଇଁ ପ୍ରତିଦିନ ୪ ଘଣ୍ଟା ସମୟଦାନ କରିବାକୁ ଆହ୍ୱାନ କରିଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ହେମନ୍ତ କୁମାର ମହାପାତ୍ର, ବାନାମ୍ବର ସର, ସତ୍ୟନାରାୟଣ ପଟେଲ, ଦିଲୀପ କୁମାର ସାନବଡ଼, ଦିବ୍ୟ ମେଣ୍ଡଲି, ତୁଷାର ପଟ୍ଟନାୟକ, ଭାରତୀ ଶତପଥି, ଦୀପ୍ତିମୟୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ୪ମାସ ହେଲା ପାନୀୟଜଳ ପ୍ରକଳ୍ପ ଅଚଳ

**ନାକଟିଦେଉଳ,୨୭।୧୦(ବୈକୁଣ୍ଠ ନାଥ ସାହୁ)**


ଅଚଳ ସୌରଚାଳିତ ପାନୀୟଜଳ ପ୍ରକଳ୍ପ।

ଘର ପାଖରେ ପ୍ରକଳ୍ପ ଥିଲେ ସୁଦ୍ଧା ବିଶୁଦ୍ଧ ପାନୀୟ ଜଳ ଟୋପାଏ ପାଇଁ ଗ୍ରାମବାସୀଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନାକଟିଦେଉଳ ବ୍ଲକ ସରାପାଲି ଗ୍ରା.ପ. ଅନ୍ତର୍ଗତ ପଣ୍ଡୁଆଖୋଳ ଗ୍ରାମରେ। ଗ୍ରାମରେ ଥିବା ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ୪ମାସରୁ ଉର୍ଦ୍ଧ୍ୱ ହେଲା ଅଚଳ ହୋଇପଡ଼ିଛି। ଗ୍ରାମରେ ୫୫ ପରିବାରରେ ପ୍ରାୟ ୩୦୦ ଲୋକ ବସବାସ କରୁଛନ୍ତି। ଗ୍ରାମରେ ୨ଟି ନଳକୂପ ଥିଲେ ମଧ୍ୟ ତାହା ଆବଶ୍ୟକତା ମେଣ୍ଟାଇପାରୁ ନାହିଁ। ଫଳରେ ଲୋକେ ପୋଖରୀ ଓ ନାଳ ପାଣି ବ୍ୟବହାର କରି ବିଭିନ୍ନ ସଂକ୍ରାମକ ରୋଗର ଶୀକାର ହେଉଛନ୍ତି। ଗତ ଜୁନରୁ ପ୍ରକଳ୍ପ ଅଚଳ ରହିଛି। ଏହାର ମରାମତି ପାଇଁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଓ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଆସୁଥିଲେ ମଧ୍ୟ ସୁଫଳ ମିଳିପାରି ନାହିଁ। ଏ ସମ୍ପର୍କରେ ନାକଟିଦେଉଳ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ହିମାଂଶୁ ଶେଖର ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ପଞ୍ଚାୟତ ଅନୁଦାନରେ ଏହି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ କରାଯାଇଛି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତ ନେଇଛି। ଏହି ପ୍ରକଳ୍ପକୁ ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗକୁ ହସ୍ତାନ୍ତର କରାଯାଇନାହିଁ। ପଞ୍ଚାୟତ କର୍ତ୍ତୃପକ୍ଷ ପ୍ରକଳ୍ପର ମେଣ୍ଟେନାନ୍ସ ପାଇଁ ବାର୍ଷିକ ବଜେଟରେ କିଛି ଅର୍ଥ ରଖୁ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି ବୋଲି ପ୍ରକାଶ କରିଥିଲେ। ତେବେ ତୁରନ୍ତ ପ୍ରକଳ୍ପ ମରାମତି ନ ହେଲେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେବେ ବୋଲି କହିଛନ୍ତି।

# ସମ୍ବଲପୁରରେ ଜିଲାସ୍ତରୀୟ 'ମହକ'-୨୦୨୩

**ସମ୍ବଲପୁର,୨୭।୧୦(ପ୍ରମୋଦ ବହିଦାର)**


ଅତିଥିଙ୍କ ସହ ପୁରସ୍କୃତ କୃତୀ ପ୍ରତିଯୋଗୀମାନେ।

ଜିଲା ପ୍ରଶାସନ, ଶିଶୁ ସୁରକ୍ଷା ୟୁନିଟ୍ ତଥା ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସମ୍ବଲପୁର ଜିଲାସ୍ତରୀୟ 'ମହକ-୨୦୨୩' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଧନକଉଡ଼ାର ଉତ୍କଳ ବାଳାଶ୍ରମ, ଗୋଳାବନ୍ଧର ଓପନ ସେଲ୍‌ଟର୍, ଛଚାନପାଲିର ରୁକ୍ମିଣୀଲାଠ ବାଳ ନିକେତନ ଓ ଫୁଲଝରଣସ୍ଥିତ ଡା. ଆଇଜାକ୍ ସାନ୍ତ୍ରା ବାଳ ନିକେତନର ୬ରୁ ୧୮ ବର୍ଷର ଅନ୍ତେବାସୀମାନେ ଭାଗ ନେଇଥିଲେ। କନିଷ୍ଠ ବର୍ଗ ତର୍କ, ଚିତ୍ରାଙ୍କନ, ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗିତାରେ ଧନକଉଡ଼ା ଉତ୍କଳ ବାଳାଶ୍ରମର ଅନ୍ତେବାସୀ ବାଜି ମାରିଛନ୍ତି। ବରିଷ୍ଠ ବର୍ଗର ତର୍କ ଓ ଚିତ୍ରାଙ୍କନରେ ଯଥାକ୍ରମେ ଛଚାନପାଲି ରୁକ୍ମିଣୀଲାଠ ବାଳ ନିକେତନର ଆନନ୍ଦିନୀ ପ୍ରଧାନ ଓ ପୂର୍ଣ୍ଣିମା ବାଗ, ସଙ୍ଗୀତରେ ଧନକଉଡ଼ା ଉତ୍କଳ ବାଳାଶ୍ରମର ଶ୍ରୁତିରେଖା ମେଣ୍ଡଲି, କୁଇଜ୍‌ରେ ଫୁଲଝରଣର ଡା. ଆଇଜାକ ସାନ୍ତ୍ରା ବାଳ ନିକେତନର ଚନ୍ଦ୍ରମା ପଶାୟତ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ରେଡକ୍ରସ୍ ସମ୍ପାଦକ ଜୟ ଜର୍ଜ, କାର୍ଯ୍ୟକ୍ରମ ଅଧିକାରୀ ସବିତା ଦାଶ, ଶିଶୁ ମଙ୍ଗଳ କମିଟି ସଦସ୍ୟା କବିତା ପଣ୍ଡା, ଯଦୁମଣୀ କୁମ୍ଭାର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚୀସ୍ମିତା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

# କୀଟନାଶକ ବଦଳରେ ମିଳିଲା ଘାସମରା

**କୁଚିଣ୍ଡା,୨୭।୧୦(ବିରଞ୍ଚି ଦର୍ଚ୍ଚା)**


ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି ଲୋକନାଥ।

■ଧାନଫସଲ ନଷ୍ଟ ନେଇ ଉପଜିଲାପାଳଙ୍କୁ ଅଭିଯୋଗ
■କ୍ଷତିପୂରଣ, ଦୋକାନୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ଧାନ ଫସଲକୁ ପୋକ ଦାଉରୁ ରକ୍ଷା କରିବା ପାଇଁ କୁଚିଣ୍ଡାସ୍ଥିତ ସୌମ୍ୟା ସିଡ୍ସ (ଦୋକାନ)କୁ ଯାଇ କୀଟନାଶକ ମାଗିଥିଲି। ହେଲେ ମୋତେ ଘାସମରା ମିଳିଥିଲା। ଏହାକୁ ବିଲରେ ପକାଇବା ପରେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା ବୋଲି ଅଭିଯୋଗ କରିଛନ୍ତି ବାମରା ବ୍ଲକ ମହୁଲପାଲି ପଞ୍ଚାୟତ ଛତାବର ଗ୍ରାମର କ୍ଷତିଗ୍ରସ୍ତ ଚାଷୀ ଲୋକନାଥ ବେହେରା। ଏ ନେଇ ସେ ଶୁକ୍ରବାର ଉପଜିଲାପାଳ, ସମ୍ବଲପୁର ଜିଲାପାଳ ଓ ଜିଲା କୃଷି ଉପନିର୍ଦ୍ଦେଶକଙ୍କୁ ଲିଖିତ ଅଭିଯୋଗ କରି କ୍ଷତିପୂରଣ ସହ ସମ୍ପୃକ୍ତ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସୂଚନା ଅନୁସାରେ ଲୋକନାଥ ୧ଏକର ଚାଷ ଜମିରେ ଖରିଫ ଧାନ ଫସଲ କରିଥିଲେ। ପାଗ ଅନୁକୂଳ ହେତୁ ସେ ପ୍ରତୀକ୍ଷା ଧାନ ରୋଇଥିଲେ। ଧାନ ଫଳିବା ସମୟରେ ପୋକ ଲାଗିବାରୁ ସେ ଚଳିତ ମାସ ୧୦ତାରିଖରେ କୁଚିଣ୍ଡା ସୌମ୍ୟା ସିଡ୍ସକୁ ଆସି କୀଟନାଶକ ମାଗିଥିଲେ। ଚାଷୀ ଜଣକ ଇଂରାଜୀ ପଢି ଜାଣି ନ ଥିବାରୁ ଔଷଧ ଧରି ଘରକୁ ଫେରିଥିଲେ। ଦୀର୍ଘ ୩ବର୍ଷ ଧରି ତାଙ୍କଠାରୁ ବିଭିନ୍ନ ପ୍ରକାର ମଞ୍ଜି ଓ କୀଟନାଶକ ନେଇ ଚାଷ କରୁଥିବାରୁ ଦୋକାନୀଙ୍କ ପ୍ରତି ସନ୍ଦେହ ନ କରି ୧୧ତାରିଖରେ ସେ ବିଲରେ କୀଟନାଶକ ପ୍ରୟୋଗ କରିଥିଲେ। ମାତ୍ର ଦୋକାନୀ ତାଙ୍କୁ କୀଟନାଶକ ବଦଳରେ ଘାସମରା ପାରାକ୍ୱେଟ ଦେଇଥିବାରୁ ଚାଷୀଙ୍କ ଧାନ ଫସଲ ସମ୍ପୂର୍ଣ୍ଣ ପୋଡିଯାଇଥିଲା। ଏହାର କାରଣ ଜାଣିବାକୁ କୃଷି କର୍ମଚାରୀଙ୍କୁ ଡାକି ଦେଖାଇବାରେ ଏହା ଘାସମରା ବୋଲି ସେ ଜାଣିବାକୁ ପାଇଥିଲେ। ଏ ନେଇ ଗତ ୧୩ତାରିଖରେ ବାମରା ବ୍ଲକ କୃଷି ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବାରେ କୌଣସି ସୁଫଳ ନ ପାଇ ଉପଖଣ୍ଡ ଓ ଜିଲା ପ୍ରଶାସନଙ୍କଠାରେ ଲିଖିତ ଅଭିଯୋଗ କରି କ୍ଷତି ପୂରଣ ଦାବି କରିଥିବା ଚାଷୀ ବେହେରା କହିଛନ୍ତି। ଉପଜିଲାପାଳ ଛୁଟିରେ ଥିବାରୁ ସହକାରୀ ଜିଲାପାଳ ଭାସ୍କର ଚନ୍ଦ୍ର ବେହେରା ଅଭିଯୋଗ ଗ୍ରହଣ କରି ଏହାର ତଦନ୍ତ କରିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ସୌମ୍ୟା ସିଡ୍ସ ଦୋକାନ ମାଲିକ ପ୍ରଶାନ୍ତ ପାଣ୍ଡେଙ୍କୁ ପଚାରିବାରେ ଚାଷୀ ଜଣକ ମେ' ମାସରେ ଘାସମରା ନେଇଥିଲେ। ଗତ ୧୦ତାରିଖରେ ତାଙ୍କ ଦୋକାନକୁ ଆସି କୌଣସି ଔଷଧ ନେଇ ନ ଥିବା ସଫେଇ ଦେଇଛନ୍ତି।

# ୧୮ ବର୍ଷର ବିଦ୍ୟୁତ୍ ବିଲ୍ ୧୧ ଲକ୍ଷ ଟଙ୍କା

**ଲଣ୍ଡନ**



କିଛି ଜିନିଷକୁ ପ୍ରଥମ ଥର ବ୍ୟବହାର କରିବାବେଳେ ସେଥିରେ କିଛି ସୁବିଧା ମିଳିଥାଏ। ଯଦି ଲୋକେ ସେହି ସୁବିଧାକୁ ସବୁବେଳ ପାଇଁ ନେବାକୁ ଚାହିଁବେ, ତେବେ ତାହା ଅସୁବିଧାରେ ପରିଣତ ହୋଇଯିବ। ନିକଟରେ ଜଣେ ଦମ୍ପତିଙ୍କ ସହ ଏପରି ଏକ ଘଟଣା ଘଟିଛି। ଦମ୍ପତି ଗତ ୧୮ ବର୍ଷ ଧରି ବିଜୁଳି ବିଲ୍ ଦେଇ ନାହାନ୍ତି। ଏତେ ବର୍ଷ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ସେବା ଉପଭୋଗ କରୁଥିଲେ। ହେଲେ ଏବେ ସେମାନଙ୍କୁ ଏକ ଝଟ୍‌କା ଲାଗିଛି। ବ୍ରିଟେନର ବାସିନ୍ଦା ୪୪ ବର୍ଷୀୟା ଲି ହେନେସ୍ ଏବଂ ତାଙ୍କ ସ୍ୱାମୀ ୪୫ ବର୍ଷୀୟ ଜୋ ଉଡ୍‌ଲେଙ୍କୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ନିକଟରେ ଏକ ବିଲ୍ ଆସିଛି। ସେଥିରେ ବିଦ୍ୟୁତ୍ ବିଲ ୧୧ ଲକ୍ଷ ଟଙ୍କା ଲେଖା ରହିଛି। ଦମ୍ପତିଙ୍କ କହିବା କଥା, ସେମାନଙ୍କୁ ୧୮ ବର୍ଷରୁ ବିଦ୍ୟୁତ୍ ବିଲ ମିଳି ନ ଥିଲା। ସେମାନେ ତାଙ୍କ ବିଦ୍ୟୁତ୍ ଅପରେଟରଙ୍କୁ ବହୁତ ଖୋଜିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ନ ପାଇବାରୁ ସେହି ଚେଷ୍ଟା ଛାଡ଼ିଦେଲେ। ଏବେ ୧୮ ବର୍ଷ ପରେ ବିଦ୍ୟୁତ୍ ବିଲ୍ ଆସିଛି। ୨୦୦୫ରେ ଦମ୍ପତି ତାଙ୍କ ନୂଆ ଘରେ ରହିବାକୁ ଆସିଥିଲେ। ସେବେଠାରୁ ତାଙ୍କୁ ବିଦ୍ୟୁତ୍ ବିଲ୍ ଆସି ନ ଥିଲା। ତେବେ ଚଳିତବର୍ଷ ତାଙ୍କୁ ଏକ ଚିଠି ମିଳିଥିଲା। ସେଥିରେ ପୋଷ୍ଟମ୍ୟାନ ତାଙ୍କ ପାଖକୁ ବିଲ୍‌ର ଚିଠି ପଠାଇ ପାରୁ ନ ଥିବା ଲେଖିଥିଲା। ଯେତେବେଳେ ବି ଦମ୍ପତିଙ୍କ ଘରର ଚିଠି ବାକ୍ସରେ ଯିଏ ବି କିଛି ଚିଠି ପକାଉଥିଲା, ତାଙ୍କ ବିଲେଇ ତାକୁ ଫିଙ୍ଗି ଦେଉଥିଲା। ବିଦ୍ୟୁତ୍ ବିଭାଗର କହିବା କଥା, ସେମାନେ ଦମ୍ପତିଙ୍କୁ ଚିଠି ଦେବାକୁ ଚାହୁଁଥିଲେ ମଧ୍ୟ ତାଙ୍କ ବିଲେଇ ସେପରି କରିବାକୁ ଦେଉ ନ ଥିଲା।

# ଓଟିଟିରେ ତାରାଙ୍କ ଏଣ୍ଟ୍ରି

**ମୁମ୍ବାଇ**



ବଲିଉଡ୍ ଅଭିନେତ୍ରୀ ତାରା ସୁତାରିଆଙ୍କ ଆଗାମୀ ସର୍ଭାଇଭାଲ ଥ୍ରିଲର ଫିଲ୍ମ 'ଅପୂର୍ବା'ର ଟେଲର ଗୁରୁବାର ରିଲିଜ୍ ହୋଇଯାଇଛି। ଏହି ଫିଲ୍ମ ଜରିଆରେ ତାରା ଓଟିଟିରେ ଏଣ୍ଟ୍ରି କରିବେ। ନିଖିଲ ନାଗେଶ ପଟ୍ଟଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ତାରା ବଞ୍ଚିବା ପାଇଁ ଅନେକ ପରିସ୍ଥିତିକୁ ସମ୍ମୁଖୀନ କରୁଥିବା ଜଣେ ସାଧାରଣ ଝିଅ ଚରିତ୍ରରେ ନଜର ଆସିବେ। ତାଙ୍କ ସହ ରାଜପାଲ ଯାଦବ, ଅଭିଷେକ ବାନାର୍ଜୀ, ଧୈର୍ଯ୍ୟ କାର୍ୱା ପ୍ରମୁଖଙ୍କୁ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିବ। ତାରା ନିଜ ଇନ୍‌ଷ୍ଟାଗ୍ରାମରେ ସିନେମାର ଟ୍ରେଲର ପୋଷ୍ଟ କରିଛନ୍ତି। ସେ ପ୍ରଥମ ଥର ପାଇଁ ଏହି ଫିଲ୍ମ ଜରିଆରେ ଏକ ଭିନ୍ନ ଚରିତ୍ରରେ ଅଭିନୟର ଅନୁଭବକୁ ଶେୟାର କରିଛନ୍ତି। ଟ୍ରେଲରରେ ତାରାଙ୍କୁ ପାଗଳ ପରି ନିଜ ଭାବି ସ୍ୱାମୀ ଧୈର୍ଯ୍ୟ କାର୍ୱାଙ୍କୁ ଭଲପାଉଥିବା ଦେଖିବାକୁ ମିଳିଛି। କିନ୍ତୁ ତାରାଙ୍କ ଅପହରଣ ପରେ ଉଭୟଙ୍କ ରୋମାଣ୍ଟିକ୍ ଜୀବନ ବଦଳି ଯାଇଛି। ତେବେ ତାରା ୨୦୧୯ରେ ଫିଲ୍ମ 'ଷ୍ଟୁଡେଣ୍ଟ ଅଫ ଦି ଇଅର ୨' ଜରିଆରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଆଉ ୪ଟି ସିନେମା କରିଛନ୍ତି। ଏଥିସହ ସେ ଅନେକ ମ୍ୟୁଜିକ୍ ଭିଡିଓରେ ମଧ୍ୟ ନଜରକୁ ଆସିଛନ୍ତି।

# ମେଶିନ ସାହାଯ୍ୟରେ ବଞ୍ଚୁଛନ୍ତି



**ୱାଶିଂଟନ**

ବେଳେବେଳେ ଆମେ ନିଜ ଶରୀର ପ୍ରତି ଧ୍ୟାନ ଦେଇ ନ ଥାଉ। ତାହା ଆମକୁ ମହା ବିପତ୍ତିକୁ ମଧ୍ୟ ନେଇଯାଇଥାଏ। ଆମେରିକାର ଜଣେ ମହିଳାଙ୍କୁ ଏ ବାବଦରେ ସେତେବେଳେ ଜଣାପଡ଼ିଲା, ଯେତେବେଳେ ତାଙ୍କ ଶରୀରର ଏକ ଅଂଶ ତାଙ୍କଠାରୁ କାଢି ନିଆଗଲା। ମାଶାଚୁସେଟ୍‌ସର ବାସିନ୍ଦା ୩୦ ବର୍ଷୀୟା ସୋଫିଆ ହାର୍ଟଙ୍କର ଏକ ବିରଳ ଜେନେଟିକ୍ ହାର୍ଟ ଅବସ୍ଥା ରହିଛି; ଯେଉଁଥିପାଇଁ ତାଙ୍କ ହୃଦୟ ସ୍ପନ୍ଦନ ନାହିଁ। ଏହା ଯୋଗୁ ସେ ବ୍ୟାଟେରି ସାହାଯ୍ୟରେ ବଞ୍ଚୁଥିବା କହିଛନ୍ତି। ସୋଫିଆ ବର୍ତ୍ତମାନ ଇରେଭର୍ସେବଲ ଡାଇଲେଟେଡ୍ କାର୍ଡିଓମାଓପାଥି ଅବସ୍ଥାରେ ଅଛନ୍ତି। ଏଥିପାଇଁ ତାଙ୍କ ହାର୍ଟ ଫେଲ୍ ହୋଇପାରେ। ଏବେ ତାଙ୍କୁ ଲେଫ୍ଟ ଭେଣ୍ଟ୍ରିକୁଲର ଆସିଷ୍ଟ ଡିଭାଇସ (ଏଲ୍‌ଭିଏଡି)ର ସାହାଯ୍ୟ ନେବାକୁ ପଡ଼ିଛି; ଯେଉଁଥିରେ ତାଙ୍କ ହୃଦ୍ ସ୍ପନ୍ଦନ ଠିକ୍ ଭାବେ ଚାଲିପାରିବ। ଏହାପରେ ତାଙ୍କର ହୃଦୟ ପ୍ରତିରୋପଣ କରାଯିବ। ୨୦୨୨ରେ ସେ ଯେତେବେଳେ ଘୋଡ଼ା ଫାର୍ମରେ କାମ କରିବା ସମୟରେ ତାଙ୍କୁ ଏହି ସମସ୍ୟା ବାବଦରେ ଜଣାପଡ଼ିଥିଲା। ସେ କମ୍ କାମରେ ମଧ୍ୟ ଶୀଘ୍ର ଥକି ପଡୁଥିଲେ। ସୋଫିଆଙ୍କର ଜଣେ ଯାଆଁଳା ଭଉଣୀ ଅଛନ୍ତି। ତାଙ୍କର ମଧ୍ୟ ଏପରି ସମସ୍ୟା ଥିଲା। ପରେ ତାଙ୍କର ୨୦୧୬ରେ ହୃଦୟ ପ୍ରତିରୋପଣ କରାଯାଇଥିଲା। ଏବେ ସୋଫିଆ ମଧ୍ୟ ମେଶିନ ସାହାଯ୍ୟରେ ଜୀବନ କାଟୁଛନ୍ତି।

# 'ତନୁ ୱେଡ୍‌ସ ମନୁ ୩' ଶୁଟିଂ ଆରମ୍ଭ କରିବେ କଙ୍ଗନା



**ମୁମ୍ବାଇ:** କଙ୍ଗନା ରଣାଓ୍ୱତ ନିକଟରେ ତାଙ୍କ ଆଗାମୀ ୩ଟି ପ୍ରୋଜେକ୍ଟ ବାବଦରେ ଖୋଲାଖୋଲି କଥା ହୋଇଛନ୍ତି। ତାଙ୍କ 'ରୋମାଞ୍ଚକର' ମୁଭି, ଯେଉଁଥିରେ ସେ ବିଜୟ ସେତୁପତିଙ୍କ ସହ ସ୍କ୍ରିନ ଶେୟାର କରିବେ। କଙ୍ଗନା ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କୁ ବଙ୍ଗୀୟ ଥିଏଟର କିମ୍ବଦନ୍ତୀ ଉପରେ ଆଧାରିତ ଫିଲ୍ମ 'ନୋଟିବିନୋଦିନି'ରେ ମଧ୍ୟ ଦେଖିବାକୁ ମିଳିବ। ଏହି ଚଳଚ୍ଚିତ୍ର ପୂର୍ବରୁ ଘୋଷଣା ହୋଇସାରିଛି। ତାଙ୍କର ତୃତୀୟ ପ୍ରୋଜେକ୍ଟ 'ତନୁ ୱେଡ୍‌ସ ମନୁ ୩' ହୋଇଥିବାବେଳେ ସେ ଖୁବ୍‌ଶୀଘ୍ର ଏହାର ଶୁଟିଂ ଆରମ୍ଭ କରିବେ ବୋଲି କହିଛନ୍ତି।


**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg, Bhubaneswar - 751001

**Ref. No. OSCB/HRDD/4641/2023-24** **Date: 26.10.2023**

**CORRIGENDUM**

No. LL-56: With reference to the advertisement No. OSCB/HRDD/4320/2023-24 Dated: 10.10.2023, for the Post of Deputy General Managers in the Odisha State Cooperative Bank Ltd. published in Newspapers, it is hereby informed that the last date of Online registration of applications is extended upto 15.11.2023.
However, all other terms and conditions of the advertisement for applying the posts shall remain unchanged.

**OIPR-39012/11/0019/2324** **Sd./- Managing Director**



**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V,BHUBANESWAR**

**INVITATIONS FOR BIDS (IFB)**

**E-mail ID:cebuildings_orissa@yahoo.co.in, cebuildings@rediffmail.com**
**No.B-1146:** **Tel:(0674)- 2391523**
**File No-B-IV-H-ALMC-08/2021(PT) Lr.No.44569 Bhubaneswar, the 19th Oct.2023**

**CANCELLATION**

RFP Identification No.:- C.E. (B)- 36/2023-24
Work Name :- PROVIDING COMPREHENSIVE FACILITY MANAGEMENT SERVICES (CFMS) AT PGIMER, BHUBANESWAR
The bid invited is here by cancelled due to unavoidable circumstances.

**Sd./- Chief Engineer, Buildings**
**Odisha, Bhubaneswar**
**OIPR-34117/11/0078/2324**



**Government of Odisha, e- Procurement Notice**
**INVITATION FOR BIDS (IFB)**
**Bid Identification No. C.C.E.Dkl.(R&B) 18/2023-24**
**Email Id-sedklpwd@gmail.com**
**Letter No.3309/ Dt.20.10.23**

**No.B-1140:** The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Bridge work as detailed below:

1. Name of the Work : Bridge Works
2. No. of works : 1 (One) No.
3. Estimated Cost : **Rs.6.04 Crore (as given in column No.03 of table)**
4. Cost of tender paper : Rs.10,000.00
5. Class of contractor : 'A' & 'Special' Class **(as given in column No. 07 of table)**
6. Period of Completion of work : 09 (Nine) Calendar Months **(as given in column No.08 of table)**
7. Date and time of availability of bid Document in the website : From Dt.26.10.2023 to 5.00 P.M. of Dt.09.11.2023
8. Date of opening of bid : Dt.09.11.2023 at 5.30 P.M.

The bidders have to participate in ONLINE bidding only further details can be seen from the e- Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Chief Construction Engineer**
**OIPR-34132/11/0024/2324** **Dhenkanal (R&B) Circle, Dhenkanal**



**MUNICIPAL OFFICE, JHARSUGUDA**
**"E" Procurement Notice**
**Tender Call Notice No.6981/JM, Dt.26.10.2023**

**No.C-1698:** Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tenderodisha.gov.in.

1. Tender Reference : EO/JMC/05/2023-24
2. Tender ID No. : 2023_ORULB_96029
3. Name of the Work : Civil Construction works as mentioned in website.
4. No. of Works : 05 Nos.
5. Estimated Cost : As per DTCN
6. Date & Time of availability of Bid documents in the Portal : 27.10.2023 at 03.00 P.M.
7. Last date & time for receipt of bids in the portal : 08.11.2023 at 03.00 PM
8. Bids received online shall be Opened on : 08.11.2023 at 03.30 P.M.
9. Name and address of the Officer Inviting : Executive Officer, Jharsuguda Municipality
10. Further details can be seen from the procurement portal i.e. www.tenderodisha.gov.in.

**Sd./- Executive Officer**
**OIPR-13165/11/0041/2324** **Jharsuguda Municipality**



**GOVERNMENT OF ODISHA**
**Office of the Superintending Engineer**
**Bhanjanagar (R&B) Division, Bhanjanagar**
**(Phone/Fax: (06821) 241133 / E -mail: eernbbngr@yahoo.in)**
**No.B-1135:** **Ltr. No. 10767//Dtd.18.10.2023**
**INVITATIONS FOR BIDS (IFB)**
**E-Procurement Bid Identification No. S.E-BNJ-R&B-23/2023-24**

1. Name of work : Two No. of Works
2. No. of works : 01 No. Building Works & 1 No. installation of CCTV in different Court Buildings.
3. No. of Covers : Single Cover
4. Estimated cost : Rs.29.31 Lakhs to Rs.44.82 Lakhs
5. Period of Completion : Six Calendar Months & One Calendar Month respectively
6. Date of time of availability of bid document in the portal : From 12.00 Noon of dated 27.10.2023 to 5.00 PM of dated 06.11.2023
7. Last date/time for receipt of bids in the portal : Upto 5.00 P.M. of dated 06.11.2023
8. Date of opening of bid documents : At 11.00 AM of 07.11.2023
9. Class ot Contractor : "C" & "B" Class and "HT" & "MV" Elect. Contractor
10. Name and address of Officer Inviting Bid : Superintending Engineer Bhanjanagar (R&B) Division,Bhanjanagar

Further details can be seen from the e-Procurement portal www.tendersodisha.gov.in. The addendum/corrigendum if any will be hosted in the website only.

**Sd./- Superintending Engineer**
**OIPR-34015/11/0017/2324** **Bhanjanagar (R&B) Division**



**GOVERNMENT OF ODISHA** **No.A-717:**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**DEOGARH IRRIGATION DIVISION, DEOGARH**
**E-mail id: sedid821@gmail.com**
**e-Procurement Notice No.SEDID-03/2023-24**

**No.752** **Date:25.10.2023**

| | | | |
|---|---|---|---|
| 1. | Nature of Work | : | Dam Periphery Development Work |
| 2. | Nos. of Works | : | 03 (Three) |
| 3. | Bid Identification No. | : | SEDID-03(01)/2023-24 to SEDID-03 (03)/ 2023-24 |
| 4. | Estimated Cost | : | Varies from Rs.29.97 Lakh to Rs. 7.55 Lakh |
| 5. | Earnest Money Deposit | : | Referred to DTCN |
| 6. | Cost of Tender Paper | : | Referred to DTCN |
| 7. | Period of Completion | : | Referred to DTCN |
| 8. | Date and Time of availability of Bid document in the Portal | : | Dt.02.11.2023 at 11.00 AM to Dt.15.11.2023 upto 17.00 PM |
| 9. | Last Date/Time for receipt of Bids in the Portal | : | Dt.15.11.2023 upto 17.00 PM |
| 10. | Date of Bid Opening | : | Dt.16.11.2023 at 11.00 A.M. |
| 11. | Clarification seeking date | : | Dt.02.11.2023 at 11.00 AM to 08.11.2023 upto 17.00 PM |
| 12. | Date of Lottery (if required) | : | Will be intimated by e-mail/letter |

Further details can be seen from the e-Procurement portal https://tendersodisha.gov.in. Any addendum/ corrigendum/ cancellation of tender can also be seen in said website.

**Sd./- Superintending Engineer**
**Deogarh Irrigation Division, Deogarh**
**OIPR-32505/11/0004/2324**



**ZILLA SWASTHYA SAMITI, BALANGIR**
**(Department of Health & FW, Govt. of Odisha)**

**Advt. No. 3816** **Date: 25.10.2023**

No. E-499: Sealed tenders in prescribed format are invited from registered firms/agencies/suppliers for printing & supply of IEC/BCC and trainings materials to meet the day to day requirement of IEC materials/logistics of different programmes under H&FW Dept., Balangir. Sealed tender documents should reach to the undersigned on or before 13.11.2023 by Registered Post/Speed Post only. Tender document received after the scheduled date & time and received without relevant documents will summarily be rejected. Detials of tender documents are available in the district website **(www.balangir.nic.in)**. The undersigned reserves the right to cancel any or all tender document(s) without assigning any reason thereof.

**OIPR-10019/11/0014/2324** **Sd./- CDM&PHO, Balangir**



**ODISHA STATE AGRICULTURAL MARKETING BOARD**
**Plot No.1800 (P), Baramunda, Post-Khandagiri,**
**Near Indian Oil Petrol Pump, Bhubaneswar**
**Ph. No.0674-2351311, Fax: 0674-2351316,**
**Email: osamboard99@yahoo.com, Website: osamb.odisha.gov.in**

**ADVERTISEMENT FOR RE-ENGAGEMENT OF RETIRED AUDITORS**

No. L-128: Application in plain papers are invited from the intending candidates from retired AG Auditors/AGCS Auditor (Directorate of Co-operative Audit) for Audit and Accounts Cell. The engagement shall be made on contractual basis and the remuneration will be paid to the concerned retired personnel as per the terms and conditions prescribed by the Govt. of Odisha in Finance Department as circulated vide office memorandum No. 24533/F Dtd.29.09.2023. The interested retired personnel may submit the details of their Bio-data within a period of 15 days from the date of this advertisement in the above address. The application forms and papers indicating the eligibility criteria, terms & conditions will be available and may be downloaded from 27.10.2023 in the website of OSAM Board i.e. **"osamb.odisha.gov.in".**

**Sd./- General Manager**
**OSAM Board, Odisha**
**OIPR-01444/11/0011/2324**



**The Odisha Small Industries Corporation Ltd.**
**(A Government of Odisha Undertaking)**
***(An ISO:9001:2008 certified Govt. Company)***
**Industrial Estate, Madhupatna, CUTTACK – 753 010. Odisha.**
**Tel No. : 0671-2341204 ,2342816 Fax : 0671-2341875/2342561**
e-mail: osicltd@gmail.com, osicmd@gmail.com, website: osicltd.in
**No. CAD-2596** OSIC GST No. 21AAACO2101M1Z1

**e-Procurement Notice**

**Tender Notice No.4976** **Date: 19.10.2023**

**The Odisha Small Industries Corporation Ltd. (OSIC)** (A Govt. of Odisha Undertaking), Industrial Estate, Madhupatna, Cuttack - 753 010 invites Tenders in sealed cover under two bid system *i.e.,* Technical Bid & Price Bid from manufacturing Firms and Authorized Importers/ Authorized Distributors/Dealers for "Supply, Installation, Testing and Commissioning of the machinery and equipment for Common Facility Centre (CFC) of Cashew Cluster to be established at Denai, PO: Bhubanpur, PS: Brahmagiri, District: Puri, Odisha," in **ONLINE MODE**

| Date of Commencement of Tender | Last Date & Time of online submission & receipt of Tender | Date & Time for online opening of Tender | Cost of Tender Paper+ GST @18%(Rs) |
|---|---|---|---|
| 20.10.2023 11 AM | 14.11.2023 at 5.30 PM | 15.11.2023 At 12.30 PM | (Rs. 11800/-) |

A complete set of the Bid documents containing the details of the terms & conditions may be downloaded fromhttp://tendersorissa.gov.in/website:www.osicltd.in and the same can be submitted ONLINE along with cost of Tender Paper in shape of Bank Draft. Any corrigendum/ addendum/information relating to this NIT will only be uploaded in above websites which will not be published in Newspapers. The bidders have to participate in ONLINE bidding only. Further details can be seen from the **website:http://tendersorissa.gov.in./www.osicltd.in**. All future corrigendum will be available **on ONLINE MODE ONLY.**

**Sd/-**
**GENERAL MANAGER(O)**
**OIPR-14073/11/0069/2324**



**REGIONAL PLANT RESOURCE CENTRE**
**Nayapally, Bhubaneswar - 751015, Orissa**
**Forest & Environment Department, Government of Orissa**
**Tel. No.: 0674-2557925, 2552002, Email: rprcbbsr@gmail.com**
**Website: www.rprc.in**

**EXPRESSION OF INTEREST FOR SELECTION OF AGENCY/ AGENCIES FOR RUNNING CAFETERIA ON RENT BASIS IN THE BUILDING ADJACENT TO SALES COUNTER CENTER**

**No. 1567/RPRC** **Dated: 25.10.2023**

No. KK-270: The Chief Executive, RPRC, Bhubaneswar invites Expression of Interest in sealed cover with double cover system (Both Technical & Financial Bid) along with requisite documents from interested & experienced agency/organization(s) having required eligibility and expertise in relevant fields to provide end to end service for running cafeteria within premises of RPRC adjacent to sales counter for two consecutive years on payment of monthly rent basis. The sale and receipt of the Bid documents shall start from Dt.26.10.2023, 10.00 A.M. and will close on Dt.09.11.2023 at 05.00 P.M. The tender should reach this office on or before the due date by Registered/Speed Post and can also be put to "Tender Box" available in the office of the Chief Executive, RPRC. Telegraphic tenders or tender received through Fax/e-mail/Courier will not be entertained. Incomplete documents and documents received after due date shall not be entertained. The "Technical bids" will be opened on dated 10.11.2023 at 11.00 A.M. in presence of the bidders or their authorized representatives. The "Financial Bids" of qualifying bidders will be opened thereafter or on suitable date and time under intimation to the qualified bidders. The bidders have to submit documents as specified along with technical bid in conformity with the detail terms & conditions in bid documents. The authority reserves the right to accept or reject any or all the offers without assigning any reason thereof.

**Sd./- Chief Executive, RPRC, Bhubaneswar**
**OIPR-08004/11/0002/2324**



**OFFICE OF THE**
**ASSISTANT DIRECTOR OF TEXTILES, ATHAGARH**
**At/P.O.: Athagarh, Dist.: Cuttack, Odisha, PIN - 754029**
**Ph. No.: 06723-220214, e-Mail: adtexathagarh@gmail.com**

**QUOTATION CALL NOTICE**

**No. 7053/ADTex/Athagarh** **Dated: 25.10.2023**

No. PP-45: Sealed quotation/tender call notice are invited from the Suppliers/Manufacturers/Dealers/Firms having valid registration certificate, PAN, GST registration with uptodate Income Tax, GST Clearance Certificate and the suppliers who have been selected earlier/previously but could not delivery the tool kits intime as per the purchase order shall not be considered to participate in the selection process for supply of Frame Loom, Dobby with Accessories, Dyeing Equipment, Handloom items of different size/ count/type for Weaving Accessories (like heald, reed, charakha, pirn, bobbin, shuttle etc.), Bobbin winding machine, Tie & Dye frame with dyeing equipments and Tie & Dye separation Charakha (Palti Drum) to indivisual handloom weavers of different primary WCS/ SHG of this Athagarh Textiles zone under the scheme "Promotion of Handloom Industries" for the year 2023-24.
Interested suppliers may quote their lowest rate with detailed specification (material to be used/size/specification/brand etc.) alogn with the copy of the Firm registration, Income Tax Clearance Certificate, GST registration, Turnover of the Firm with last three year with experience in the field of supplying tool kits in the handloom sector at least 3 year msut be enclosed & proof of execution of such orders earlier, if any, to the undersigned on or before 16.11.2023, 05.00 P.M. through Registered Post/Speed Post only. The quotations received either in incomplete form or after the due date and time will not be considered and treated as cancelled.
The quotation/tender will be opened on 17.11.2023 at 11.00 A.M. in the office of the undersigned in presence of the quotationers or their authorized representatives and members of purchase committee. The quotationers or their authorized representatives must present on that day with samples of the quoted items, failing which the related quotations shall not be considered.
For more details, terms & conditions please visit the webiste of **www.textiles.odisha.gov.in, www.sadhacorissa.org, www.boyanika.com, www.sambalpuribastralaya.com, www.cuttack.nic.in** and may contact the Asst. Director of Textiles, Athagarh in the above address.
The undersigned reserves the right to reject or accept any/all quotation/tender call notice without assigning any reason thereof.

**Sd./- Srikanta Naik**
**OIPR-31020/11/0001/2324** **Asst. Director of Textiles, Athagarh**



# ଦକ୍ଷିଣ ଆଫ୍ରିକାର ସଂଘର୍ଷପୂର୍ଣ୍ଣ ବିଜୟ

**ଚେନ୍ନାଇ, ୨୭।୧୦**

ଦିନିକିଆ କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୧ ଉଇକେଟରେ ପାକିସ୍ତାନକୁ ହରାଇ ଦେଇଛି। ବିଭିନ୍ନ ସମୟରେ ନାଟକୀୟ ମୋଡ଼ପରେ ଶେଷରେ ଦକ୍ଷିଣ ଆଫ୍ରିକାର ବିଜୟ ହୋଇଥିଲା। ପାକିସ୍ତାନ ୪୬.୪ ଓଭରରେ ୨୭୦ ରନକରି ଅଲ୍‌ଆଉଟ ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା ୪୭.୨ ଓଭରରେ ୯ ଉଇକେଟ ହରାଇ ୨୭୧ ରନ ସଂଗ୍ରହ କରି ନେଇଥିଲା। ପରାଜୟ ଫଳରେ ପାକିସ୍ତାନର ସେମିଫାଇନାଲ ଆଶା ମଉଳିଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ପାକିସ୍ତାନ ଧିମା ଆରମ୍ଭ କରିଥିଲା। କେବଳ ସେତିକି ନୁହେଁ ୩୮ ରନ ମଧ୍ୟରେ ଦଳ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବାବର ଆଜମ ଓ ମହମ୍ମଦ ରିଜୱାନ ଇନିଂସ ସମ୍ଭାଳିଥିଲେ। ପାକିସ୍ତାନର ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଫଳରେ ଦଳ ବୃହତ୍ ସ୍କୋରରୁ ଦଳ ଦୂରରେ ରହି ଯାଇଥିଲା। ମହମ୍ମଦ ରିଜୱାନ ୩୧ ଓ ଇଫତିକାର ଅହମଦ ୨୧ ରନକରି ପ୍ୟାଭିଲିୟନ

## ପାକିସ୍ତାନ ଆଶା ମଉଳିଲା

ଫେରିଥିବାବେଳେ ବାବର ଠିକ୍ ୫୦ ରନ ପୂରଣ କରିବାପରେ ଟାବ୍ରାଇଜ୍ ଶାମ୍‌ସିଙ୍କ ବଲ୍‌ରେ ଆଉଟ ହୋଇ ଯାଇଥିଲେ। ଲୋୟର ମିଡିଲ ଅର୍ଡରରେ ସୌଦ ଶକିଲ (୫୨ ରନ) ଅର୍ଦ୍ଧଶତକ ହାସଲ କରିଥିଲେ। ଏହା ବ୍ୟତୀତ ଶଦାବ ଖାଁ ୩୬ ବଲ୍‌ରୁ ୪୩ ଓ ମହମ୍ମଦ ନୱାଜ ୨୪ ରନ କରିଥିଲେ ମଧ୍ୟ ପାକିସ୍ତାନ ପୁରା ୫୦ ଓଭର ଖେଳିପାରି ନ ଥିଲା। ଦଳ ୪୬.୪ ଓଭରରେ ୨୭୦ ରନରେ ସୀମିତ ରହିଥିଲା। ପାକସ୍ତାନ ଦଳକୁ ସବୁଠାରୁ ଅଧିକ କ୍ଷତି ପହଞ୍ଚାଇଥିଲେ ଶାମ୍‌ସି ଓ ମାର୍କୋ ଜାନସେନ। ଶାମ୍‌ସି ୪ଟି ଓ ଜାନସେନ ୩ଟି ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗେରାଲ୍ଡ କୋଜି ୨ଟି ଓ ଲୁନ୍‌ଗି ଏନ୍‌ଗିଡି ଗୋଟିଏ ଉଇକେଟ ନେଇଥିଲେ।

୨୭୧ ରନ ବିଜୟ ଲକ୍ଷ୍ୟରେ ଦକ୍ଷିଣ ଆଫ୍ରିକା ଏକଦା ୧୩୬ ରନ ମଧ୍ୟରେ ୪ଟି ଉଇକେଟ ହରାଇ ବିପଦରେ ପଡ଼ିଥିଲା। କ୍ୱିଣ୍ଟନ ଡି'କକ୍ ୨୪, ଅଧିନାୟକ ଟେମ୍ବା ବଭୁମା ୨୮, ରସି ଭାନ୍ ଡର୍ ଡୁସେନ ୨୧ ଓ ହେନରିଚ୍ କ୍ଲାସେନ ୧୨ ରନକରି ଆଉଟ ହୋଇ ଯାଇଥିଲା। ମାତ୍ର ମୋମେଣ୍ଟମକୁ ଧରି ରଖିବାରେ ପାକିସ୍ତାନ ବୋଲର ବିଫଳ ହୋଇଥିଲେ। ଫଳରେ ଏଡେନ ମାରକ୍ରମ ଓ ଡେଭିଡ ମିଲର ଇନିଂସକୁ ଆଗେଇ ନେଇଥିଲେ। ୨୯ ରନ କରିଥିବା ବେଳେ ମିଲରଙ୍କୁ ଶାହିନ ଶାହା ଆଫ୍ରିଦି ଏବଂ ମାର୍କୋ ଜାନସେନ (୨୦)ଙ୍କୁ ଆଉଟ କରି ହାରିସ ରୌଫ ପାକିସ୍ତାନ ପାଇଁ ଆଶା ସଞ୍ଚାର କରିଥିଲେ। ଦକ୍ଷିଣ ଆଫ୍ରିକା ବ୍ୟାଟିଂ ମେରୁଦଣ୍ଡ ସାଜିଥିବା ମାରକ୍ରମ ଗେମ୍ ଫିନିଶ୍ କରିପାରି ନ ଥିଲେ। ସେ ଶତକଠାରୁ ୯ ରନ ଦୂରରେ ଥିବାବେଳେ ୯୧ (୯୩ ବଲ, ୭ ଚୌକା, ୩ ଛକା) ରନକରି ଉସମା ମୀରଙ୍କ ବଲ୍‌ରେ ବାବର ଆଜମଙ୍କୁ କ୍ୟାଚ ଦେଇଥିଲେ। ଫଳରେ ମ୍ୟାଚର ମୋଡ଼ ବୁଲିଥିଲା। ୨୬୦ ରନରେ ଦଳର ୯ ଉଇକେଟର ପତନ ଘଟିଥିଲା। ମାତ୍ର କେଶବ ମହାରାଜ ଓ ଟାବ୍ରାଇଜ୍ ଶାମ୍‌ସି ଧୈର୍ଯ୍ୟର ସହିତ କ୍ରିଜରେ ରହି ଦକ୍ଷିଣ ଆଫ୍ରିକାକୁ ସ୍ମରଣୀୟ ବିଜୟ ଦେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୪୬.୪ ଓଭରରେ ୨୭୦/ଅଲ୍‌ଆଉଟ (ସୌଦ ଶକିଲ-୫୨, ବାବର ଆଜମ-୫୦, ଶଦାବ ଖାଁ-୪୩, ଟାବ୍ରାଇଜ୍ ଶାମ୍‌ସି-୪/୬୦, ମାର୍କୋ ଜାନସେନ-୩/୪୩, ଗେରାଲ୍ଡ କୋଏଜି-୨/୪୨, ଲୁନ୍‌ଗି ଏନଗିଡି-୧/୪୫)। ଦକ୍ଷିଣ ଆଫ୍ରିକା ୪୭.୨ ଓଭରରେ ୨୭୧/୯ (ଏଡେନ ମାରକ୍ରମ-୯୧, ଡେଭିଡ ମିଲର-୨୯, ଶାହିନ ଶାହା ଆଫ୍ରିଦି-୩/୪୫, ମହମ୍ମଦ ୱାସିମ-୨/୫୦, ଉସମା ମୀର-୨/୪୫, ହାରିସ ରୌଫ-୨/୬୨)।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଦକ୍ଷିଣ ଆଫ୍ରିକା | ୬ | ୫ | ୧ | ୧୦ | +୨.୦୩୨ |
| ଭାରତ | ୫ | ୫ | ୦ | ୧୦ | +୧.୩୫୩ |
| ନ୍ୟୁଜିଲାଣ୍ଡ | ୫ | ୪ | ୧ | ୮ | +୧.୪୮୧ |
| ଅଷ୍ଟ୍ରେଲିଆ | ୫ | ୩ | ୨ | ୬ | +୧.୧୪୨ |
| ଶ୍ରୀଲଙ୍କା | ୫ | ୨ | ୩ | ୪ | -୦.୨୦୫ |
| ପାକିସ୍ତାନ | ୬ | ୨ | ୪ | ୪ | -୦.୩୮୭ |
| ଆଫଗାନିସ୍ତାନ | ୫ | ୨ | ୩ | ୪ | -୦.୯୬୯ |
| ବାଂଲାଦେଶ | ୫ | ୧ | ୪ | ୨ | -୧.୨୫୩ |
| ଇଂଲଣ୍ଡ | ୫ | ୧ | ୪ | ୨ | -୧.୬୩୪ |
| ନେଦରଲାଣ୍ଡସ୍ | ୫ | ୧ | ୪ | ୨ | -୧.୯୦୨ |

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ନ୍ୟୁଜିଲାଣ୍ଡ**

ସ୍ଥାନ: ଧର୍ମଶାଳା, ସମୟ: ପୂର୍ବାହ୍ନ ୧୦ଟା ୩୦

**ନେଦରଲାଣ୍ଡସ୍ ବନାମ ବାଂଲାଦେଶ**

ସ୍ଥାନ: କୋଲକାତା, ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ଉଇକେଟ ନେବା ପରେ ଉଲ୍ଲସିତ ଟାବ୍ରାଇଜ୍ ଶାମ୍‌ସି।



ମୁଣ୍ଡରେ ବଲ୍ ବାଜିବା ପରେ ସଦାବ ଖାଁଙ୍କୁ ଡାକ୍ତରୀ ଚିକିତ୍ସା କରାଯାଉଛି।

# ଆଜି ନ୍ୟୁଜିଲାଣ୍ଡ-ଅଷ୍ଟ୍ରେଲିଆ ହେଭିୱେଟ ମୁକାବିଲା

**ଧର୍ମଶାଳା, ୨୭।୧୦ (ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପରେ ଶନିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱି ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେଭିୱେଟ ମୁକାବିଲା ହେବ। ପ୍ରଥମ ଦୁଇ ମ୍ୟାଚ ହାରିବାପରେ ବିଜୟରେ ହ୍ୟାଟ୍ରିକ କରିଥିବା ଅଷ୍ଟ୍ରେଲିଆ ମୋମେଣ୍ଟମ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ଭଲ ଫର୍ମରେ ଥିବା ନ୍ୟୁଜିଲାଣ୍ଡ କଡ଼ା ଟକ୍କର ଦେବାକୁ ପ୍ରସ୍ତୁତ।

ଭାରତ ଓ ଦକ୍ଷିଣ ଆଫ୍ରିକା ନିକଟରୁ ହାରି ଖରାପ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ପରବର୍ତ୍ତୀ ୩ ମ୍ୟାଚରେ ଶ୍ରୀଲଙ୍କା, ପାକିସ୍ତାନ ଓ ନେଦରଲାଣ୍ଡସ୍‌କୁ ପରାସ୍ତ କରିଛି। ବିଶେଷ କରି ନେଦରଲାଣ୍ଡସ୍ ବିପକ୍ଷରେ ୩୦୯ ରନର ରେକର୍ଡ ବିଜୟ ଦଳର ମନୋବଳକୁ ବଢ଼ାଇ ଦେଇଛି। ଟୁର୍ନାମେଣ୍ଟ ଏବେ ରୋଚକ ମୋଡ଼ରେ ପହଞ୍ଚିଛି। ଉଭୟ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ୫ଟି ଲେଖାଏ ମ୍ୟାଚ ଖେଳି ସାରିଛନ୍ତି। ଅଷ୍ଟ୍ରେଲିଆ ୬ ପଏଣ୍ଟ ପାଇଥିବାବେଳେ ନ୍ୟୁଜିଲାଣ୍ଡ ୮ ପଏଣ୍ଟ ସହିତ ଟେବୁଲରେ ଗୋଟିଏ ସ୍ଥାନ ଉପରେ ରହିଛି। ଆଗାମୀ ମ୍ୟାଚ ଅବସରରେ ଟପ୍-୪ରେ ରହିବା ଉପରେ ନିଶ୍ଚିତ ଉଭୟ ଦଳର ନଜର ରହିବ। ନ୍ୟୁଜିଲାଣ୍ଡ ଯଦିଓ ଚଳିତ ବିଶ୍ୱକପରେ ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରି ଆସିଛି ତେବେ ଦ୍ୱିପାକ୍ଷିକ ଦିନିକିଆ ଓ ପୂର୍ବ ବିଶ୍ୱକପ ମ୍ୟାଚ ଫଳାଫଳ ଅଷ୍ଟ୍ରେଲିଆକୁ ଫେଭରାଇଟ କରିଛି। ବିଶ୍ୱକପରେ ଏପର୍ଯ୍ୟନ୍ତ ଦୁଇ ଦଳ ମଧ୍ୟରେ ୧୧ଟି ମ୍ୟାଚ ଖେଳାଯାଇଛି। ଏହା ମଧ୍ୟରୁ ଅଷ୍ଟ୍ରେଲିଆ ୮ଟିରେ ବିଜୟୀ ହୋଇଥିବାବେଳେ ମାତ୍ର ୩ଟି ହାରିଛି। ସେହିପରି ଦୁଇ ଦଳ ମଧ୍ୟରେ ୧୪୧ଟି ଦିନିକିଆ ମଧ୍ୟରୁ ଅଷ୍ଟ୍ରେଲିଆ ୯୫ଟି ମ୍ୟାଚ ଜିତି ବହୁ ଆଗରେ ରହିଛି। ନ୍ୟୁଜିଲାଣ୍ଡ ୩୯ଟି ମ୍ୟାଚରେ ବିଜୟୀ ହୋଇଛି। ତେଣଉ ଟ୍ରାନ୍ସ-ଟାସମାନ ରାଇଭାଲରିରେ ଅଷ୍ଟ୍ରେଲିଆ ସବୁବେଳେ ଉନ୍ନତ ଦଳ ସାବ୍ୟସ୍ତ ହୋଇ ଆସିଛି। ଆହୁରି ଏକ ବଡ଼ କଥା ହେଲେ ଅଷ୍ଟ୍ରେଲିଆ ବିପକ୍ଷରେ ନ୍ୟୁଜିଲାଣ୍ଡ ୬ ବର୍ଷ ପୂର୍ବରୁ ୨୦୧୭ରେ ଦିନିକିଆରେ ବିଜୟୀ ହୋଇଥିଲା। ତେଣୁ ଏଚ୍‌ପିସିଏ ଷ୍ଟାଡିୟମରେ ମୁକାବିଲା ବେଳେ ଏହାର ମହତ୍ତ୍ୱ ରହିବ।

ଅଷ୍ଟ୍ରେଲିଆ ଏବେ ନିର୍ଦ୍ଦିଷ୍ଟ କୌଣସି ଜଣେ ଖେଳାଳି ଉପରେ ନିର୍ଭର ନ କରି ଦଳଗତ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛି। ଫଳରେ ନେଦରଲାଣ୍ଡସ୍ ବିପକ୍ଷରେ ଦଳ ୮ ଉଇକେଟ ହରାଇ ୩୯୯ ରନ କରିବାକୁ ସକ୍ଷମ ହୋଇଥିଲା। ଯାହାକି ବିଶ୍ୱକପ ଇତିହାସରେ ତୃତୀୟ ସର୍ବାଧିକ ଦଳଗତ ସ୍କୋର। ପାକିସ୍ତାନ ବିପକ୍ଷରେ ମଧ୍ୟ ଦଳ ଆଉ ଏକ ରେକର୍ଡ କରିବାରୁ ଅଳ୍ପକେ ରହି ଯାଇଥିଲା। ୩୪ ଓଭର ପର୍ଯ୍ୟନ୍ତ ଦଳ କୌଣସି ଉଇକେଟ ନ ହରାଇ ୨୫୯ ରନ ସଂଗ୍ରହ କରି ନେଇଥଲା। ମାତ୍ର ପରବର୍ତ୍ତୀ ୧୯ ଓଭରରେ ୧୦୮ ରନ ମଧ୍ୟରେ ୯ ଉଇକେଟ ହରାଇଥିଲା। କ୍ରମାଗତ ୨ ମ୍ୟାଚରେ ଶତକ ହାସଲ କରିଥିବା ଡେଭିଡ ୱାର୍ନର ମୋଟ ୩୩୨ ରନ ସଂଗ୍ରହ କରି ଟପ୍-୩ ସ୍କୋରରଙ୍କ ମଧ୍ୟରେ ରହିଛନ୍ତି। ତେବେ ଅଷ୍ଟ୍ରେଲିଆ ମିଡିଲ ଅର୍ଡରରେ ସୁଧାର ଆଣିବାକୁ ପଡ଼ିବ। ବୋଲରମାନଙ୍କୁ ମଧ୍ୟ ପ୍ରଦର୍ଶନରେ ସ୍ଥିରତା ରଖିବାକୁ ହେବ।

ଅନ୍ୟପକ୍ଷରେ ଚଳିତ ବିଶ୍ୱକପରେ କ୍ରମାଗତ ୪ ମ୍ୟାଚ ଜିତିବାପରେ ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡ ବିଜୟରେ ବ୍ରେକ୍ ଲାଗିଥିଲା। ମାତ୍ର ଭାରତୀୟ ପରିବେଶ ସହିତ ଅଭ୍ୟସ୍ତ ହୋଇଯାଇଥିବାରୁ ଦଳ ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ସଫଳ ପ୍ରତ୍ୟାବର୍ତ୍ତନ କରିବାକୁ ଆଶା ରଖିଛି। ଡେଭନ କନୱେ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚରେ ଇଂଲଣ୍ଡ ବିପକ୍ଷରେ ୧୫୨ ରନକରି ଅପରାଜିତ ରହିଥିଲେ। ମାତ୍ର ଏହାପରେ ସେ ଆଉ ସେପରି ବ୍ୟାଟିଂ କରିପାରି ନାହାନ୍ତି। ତାଙ୍କଠାରୁ ଦଳ ଭଲ ପ୍ରଦର୍ଶନ ଆଶା କରୁଛି। କେନ୍ ୱିଲିୟମସନ ଆହତ ସମସ୍ୟାରୁ ମୁକୁଳି ନ ଥିବାରୁ ଡାରିଲ ମିଚେଲ (୨୬୮ ରନ) ଓ ରାଚିନ ରବୀନ୍ଦ୍ର (୨୯୦)ଙ୍କ ଉପରେ ମିଡିଲ ଅର୍ଡର ଭାର ରହୁଛି। ୱିଲିୟମସନଙ୍କ ଅନୁପସ୍ଥିତିରେ ଉଇକେଟ କିପର ଟମ୍ ଲଥାମ ଦଳର ନେତୃତ୍ୱ ନେଉଥିଲେ ହେଁ ନିଜର ଫର୍ମକୁ ନେଇ ଚିନ୍ତାରେ ରହିଛନ୍ତି।



ଅଭ୍ୟାସ ଅବସରରେ ଡେଭନ କନ୍‌ୱେ ଓ ରାଚିନ ରବୀନ୍ଦ୍ର।

# ଭାରତ ପାଇଁ ଦକ୍ଷିଣ ଆଫ୍ରିକା ଚ୍ୟାଲେଞ୍ଜ

**ସାର୍ ରିଚାର୍ଡ ହାର୍ଡଲି**

ନିଜ ମାଟିରେ ଦ୍ୱିତୀୟ ଥର ବିଶ୍ୱକପ୍ ଜିତିବା ଲକ୍ଷ୍ୟ ନେଇ ଆଗେଇ ଚାଲିଛି ଭାରତ । ଅଧାରୁ ଅଧିକ ଲିଗ୍ ପର୍ଯ୍ୟାୟ ମ୍ୟାଚ ଖେଳା ସରିଲାଣି। ଧର୍ମଶାଳାରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ଫିଲ୍ଡିଂ ବ୍ୟତୀତ ଅନ୍ୟ ସମସ୍ତ ବିଭାଗରେ ଭାରତର ପ୍ରଦର୍ଶନ ପ୍ରଫେଶନାଲ ମନେହେଉଥିଲା। ଦଳ ଏହି ମ୍ୟାଚରେ ଦୁଇଟି କ୍ୟାଚ ହାତଛଡ଼ା କରିଥିଲା। କିଛିଟା ମିସ୍‌ଫିଲ୍ଡ ମଧ୍ୟ ଦେଖିବାକୁ ମିଳିଥିଲା। ଦଳକୁ ଏକ୍ଷେତ୍ରରେ ସୁଧାର ଆଣିବାକୁ ପଡ଼ିବ। ଭାରତ ଆଗକୁ ଇଂଲଣ୍ଡ, ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା ଓ ନେଦରଲାଣ୍ଡସ୍‌କୁ ଭେଟିବ। ମୋତେ ଲାଗୁଛି ଟୁର୍ନାମେଣ୍ଟରେ କେବଳ ଦକ୍ଷିଣ ଆଫ୍ରିକା ସେମାନଙ୍କ ପାଇଁ ବିପଦ ସୃଷ୍ଟି କରିପାରେ। ଟୁର୍ନାମେଣ୍ଟରେ ଯଦି କୌଣସି ଦଳ ଅପରାଜେୟ ରୁହେ ତେବେ ସେ ହେଉଛି ଭାରତ। ମୋ ବିଚାରରେ ଏହା ହେଉଛି ଶ୍ରେଷ୍ଠ ଭାରତୀୟ ବିଶ୍ୱକପ୍ ଦଳ। ଦଳରେ ବହୁ ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି। ଆହୁରି କିଛି ଭଲ ଖେଳାଳି ଅପେକ୍ଷାରେ ରହିଛନ୍ତି। ଗୋଇଠିରେ ଆଘାତପ୍ରାପ୍ତ ଯୋଗୁ ହାର୍ଦ୍ଦିକ ପାଣ୍ଡ୍ୟା ଉପଲବ୍ଧ ନ ହେବା ଦୁଃଖର ବିଷୟ। ସେ ଜଣେ ବିଚକ୍ଷଣ ଅଲରାଉଣ୍ଡର। ମ୍ୟାଚର ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତିରେ ଭାରତ ତାଙ୍କର ଆବଶ୍ୟକତା ଅନୁଭବ କରିଥାଏ। ସେ ଜଣେ କ୍ୱାଲିଟି ମିଡିୟମ ପେସ୍‌ର, ଜଣେ ଡାଇନାମିକ୍ ବ୍ୟାଟର ଏବଂ ଜଣେ ଦକ୍ଷ ଫିନିଶର ମଧ୍ୟ। ତାଙ୍କ ଉପସ୍ଥିତିରେ ଦଳରେ ସନ୍ତୁଳନ ରକ୍ଷା କରାଯାଇପାରିଥାଏ। ଏପର୍ଯ୍ୟନ୍ତ ସରିଥିବା ଖେଳଗୁଡ଼ିକୁ ଅନୁଧ୍ୟାନ କଲେ ମୋ ବିଚାରରେ ସମ୍ଭବତଃ ଭାରତ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ସେମିଫାଇନାଲକୁ ଉନ୍ନୀତ ହେବେ। ନ୍ୟୁଜିଲାଣ୍ଡ ପାଇଁ ଆଗକୁ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଏବଂ କ୍ରମେ ପ୍ରଦର୍ଶନରେ ଉନ୍ନତି କରିବାରେ ଲାଗିଥିବା ଶ୍ରୀଲଙ୍କା ସହ ମୁକାବିଲା କରିବାକୁ ପଡ଼ିବ। ଏହି ମ୍ୟାଚଗୁଡ଼ିକ ଜିତିବା ଦଳ ପାଇଁ ସହଜ ହେବ ନାହିଁ। ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ଦଳକୁ ଅତିକମ୍‌ରେ ଦୁଇଟି ମ୍ୟାଚ ଜିତିବାକୁ ପଡ଼ିବ। ଦଳ ପାଇଁ ଅଷ୍ଟ୍ରେଲିଆ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ଦଳର ଟପ୍ ଓ ମିଡଲ ଅର୍ଡର ଭଲ ପ୍ରଦର୍ଶନ କରୁଛନ୍ତି। ଦଳର ପେସ୍ ବାହିନୀ ମଧ୍ୟ ଶକ୍ତିଶାଳୀ। ଲେଗ୍ ସ୍ପିନର ଆଡାମ ଜାମ୍ପାଙ୍କ ପ୍ରଦର୍ଶନ ମଧ୍ୟ ବେଶ୍ ପ୍ରଭାବୀ ପରିଲକ୍ଷିତ ହେଉଛି। ନ୍ୟୁଜିଲାଣ୍ଡ ଦୃଷ୍ଟିକୋଣରୁ ସେମାନେ ସେମିରେ ଭାରତକୁ ଏଡାଇ ପାରିଲେ ଭଲ। ଅନ୍ୟପକ୍ଷରେ ଗତଥରର ଚାମ୍ପିୟନ ଇଂଲଣ୍ଡର ଅଭିଯାନ ନୈରାଶ୍ୟଜନକ ରହିଛି। ସେମାନଙ୍କ ବ୍ୟାଟିଂ ଷ୍ଟାଇଲ ବୋଧହୁଏ ଉପମହାଦେଶରେ କାମ କରୁ ନାହିଁ। ସେମାନେ କାହିଁକି ଭଲ ଖେଳିପାରୁ ନାହାନ୍ତି ସେ ନେଇ ସେମାନଙ୍କୁ ଅନେକ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିବ।

-(ଟିଭୋକ ସ୍ପୋର୍ଟ୍ସ)



ମ୍ୟାଚ୍ ଉପଭୋଗ ଅବସରରେ ଦକ୍ଷିଣ ଆଫ୍ରିକା ପ୍ରଶଂସକ।

# ଶର୍ଟବଲ୍ ଉପରେ ଗିଲ୍‌ଙ୍କ ଫୋକସ

**ଲକ୍ଷ୍ନୌ, ୨୭।୧୦ (ପି.ଟି.)**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ଭାରତ ଆସନ୍ତା ୨୯ ତାରିଖରେ ଇଂଲଣ୍ଡକୁ ଭେଟିବ ଭାରତ। କ୍ରମାଗତ ୫ ମ୍ୟାଚ ଜିତି ଏପର୍ଯ୍ୟନ୍ତ ଅପରାଜେୟ ରହିଥିବା ଟିମ୍ ଇଣ୍ଡିଆ ପାଖାପାଖି ୧ ସପ୍ତାହ ବ୍ରେକ୍ ପରେ ପୁଣି ପଡ଼ିଆକୁ ଓହ୍ଲାଇବାକୁ ଯାଉଛି। ଶୁକ୍ରବାର ଲକ୍ଷ୍ନୌ ଗ୍ରାଉଣ୍ଡରେ ଅନୁଷ୍ଠିତ ଇଚ୍ଛାଧିନ ଅଭ୍ୟାସ ସେସନରେ ଭାରତର ୭ କ୍ରିକେଟର ଝାଳ ବୁହାଇଛନ୍ତି। ଚଳିତ ସିଜନରେ ୫ ଶତକ ହାସଲ କରି ସାରିଥିବା ଶୁବମନ ଗିଲ୍ ଡେଙ୍ଗୁରେ ଆକ୍ରାନ୍ତ ଯୋଗୁ ଭାରତର ପ୍ରଥମ ୨ ମ୍ୟାଚ ଖେଳିପାରି ନ ଥିଲେ। ପରବର୍ତ୍ତୀ ୩ ମ୍ୟାଚ ଖେଳି ସେ ଯଥାକ୍ରମେ ୨୬, ୫୩ ଓ ୧୬ ରନ କରିବାକୁ ସକ୍ଷମ ହୋଇଛନ୍ତି। ଚଳିତ ବର୍ଷ ଦିନିକିଆ କ୍ରିକେଟରେ ୧,୩୨୫ ରନ କରି ସାରିଥିବା ଗିଲ୍ ବିଶ୍ୱକପରେ ଏପର୍ଯ୍ୟନ୍ତ ସେଭଳି ପ୍ରଦର୍ଶନ ଦେଖାଇପାରି ନାହାନ୍ତି। ଭାରତ ଅପରାଜେୟ ଧାରା ବଜାୟ ରଖିବାକୁ ହେଲେ ଗିଲ୍‌ଙ୍କୁ ଶ୍ରେଷ୍ଠ ଫର୍ମକୁ ଫେରିବାକୁ ପଡ଼ିବ। ଏହାକୁ ଦୃଷ୍ଟିରେ ରଖି ଗିଲ୍ ଅଭ୍ୟାସ ସମୟରେ ଶର୍ଟ ବଲ୍ ଉପରେ ଫୋକସ କରିଛନ୍ତି। କାରଣ ସେ ଧର୍ମଶାଳାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଶର୍ଟ ବଲ୍‌କୁ ମାରିବାକୁ ଯାଇ ଆଉଟ ହୋଇଥିଲେ। ଗିଲ୍‌ଙ୍କ ବ୍ୟତୀତ ନେଟ୍ସ ସେସନରେ ଯୋଗ ଦେଇଥିବା ଅନ୍ୟ ଖେଳାଳିମାନେ ହେଲେ ଇଶାନ କିଶନ, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୂଳ ଠାକୁର, ମହମ୍ମଦ ଶାମି ଓ କୁଲଦୀପ ଯାଦବ। ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି, ଯଶପ୍ରୀତ୍ ବୁମ୍‌ରା, ରବିଚନ୍ଦ୍ରନ ଅଶ୍ୱିନ ହୋଟେଲ ରୁମ୍‌ରେ ରହିବାକୁ ପସନ୍ଦ କରିଥିଲେ। ଭାରତୀୟ ଦଳର ରିଜର୍ଭ ଓପନର କିଶନ ବଡ଼ ହିଟ୍‌ମାନ ମାରିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ୫ ଉଇକେଟ ସଫଳତା ପାଇଥିବା ଶାମି ବୋଲିଂ କରିସାରିବା ପରେ କିଛି ସମୟ ପାଇଁ ବ୍ୟାଟିଂ କରିଥିଲେ। ସିରାଜ, ଠାକୁର ଓ କୁଲଦୀପ ମଧ୍ୟ ତାହା କରିଥିଲେ।

**ଡିଗ୍ରୀ କଲେଜ ପାଇଁ ହେବ ଏକକ ୱେବ୍ ପୋର୍ଟାଲ**

ଭୁବନେଶ୍ୱର,୨୭।୧୦(ଅସମାପିକା ସାହୁ): ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଆସୁଥିବା ରାଜ୍ୟର ସମସ୍ତ ଡିଗ୍ରୀ କଲେଜ ପାଇଁ ଏକକ ବା ସମନ୍ୱିତ ୱେବ୍ ପୋର୍ଟାଲ ବିକଶିତ ହେବ। ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସମସ୍ତ ଡିଗ୍ରୀ କଲେଜ ପାଇଁ ସମନ୍ୱିତ ୱେବ୍ ପୋର୍ଟାଲ ପ୍ରସ୍ତାବ ଉପରେ ସମ୍ମତି ପ୍ରକାଶ ପାଇଛି। ଏଥିସହ ଏକ ଏକାଡେମିକ୍ କୋଶ୍ଚିନ ବ୍ୟାଙ୍କ ପ୍ରସ୍ତୁତ କରିବାକୁ ମଧ୍ୟ ଯୋଜନା ପ୍ରସ୍ତୁତ ହୋଇଛି। ପ୍ରସ୍ତାବିତ ଏକକ ୱେବ୍ ପୋର୍ଟାଲ ଏବଂ ଏକାଡେମିକ କୋଶ୍ଚିନ ବ୍ୟାଙ୍କର ସୁବିଧା ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନା ପ୍ରସ୍ତୁତ କରିବା ପାଇଁ ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ନ୍ୟାଶନାଲ ଇନ୍‌ଫରମେଟିକ୍ସ ସେଣ୍ଟରର ଜେନେରାଲ ମ୍ୟାନେଜରଙ୍କୁ ପତ୍ର ଲେଖାଯାଇଛି। ପ୍ରୋଜେକ୍ଟ ସ୍କୋପ୍, ଉଦ୍ଦେଶ୍ୟ, ଟାଇମ୍ ଲାଇନ୍ ଏବଂ ବଜେଟ୍ ଆଦି ସମ୍ପର୍କରେ ଏକ ବିସ୍ତୃତ ସଂଶୋଧିତ ପ୍ରସ୍ତାବ ବିଭାଗକୁ ପଠାଇବାକୁ କୁହାଯାଇଛି।

# ପାଇକ ମାଟିରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି



ଖୋର୍ଦ୍ଧାଠାରେ ଆୟୋଜିତ କଂଗ୍ରେସର ପରିବର୍ତ୍ତନ ସମାବେଶରେ ଉପସ୍ଥିତ ନେତୃବୃନ୍ଦ।

## ଖୋର୍ଦ୍ଧାରେ କଂଗ୍ରେସର ପରିବର୍ତ୍ତନ ସମାବେଶ

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ),୨୭।୧୦

ଖୋର୍ଦ୍ଧା ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ହାବେଳି ପଡ଼ିଆରେ ପରିବର୍ତ୍ତନ ସମାବେଶ ଆୟୋଜିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରଦେଶ କଂଗ୍ରେସ ଓଡ଼ିଶା ପ୍ରଭାରୀ ତଥା ଏମ୍‌ପି ଚେଲ୍ଲା କୁମାର ଯୋଗ ଦେଇ ଉପସ୍ଥିତ କର୍ମୀଙ୍କୁ ଖୋର୍ଦ୍ଧାର ଅତୀତ, ବର୍ତ୍ତମାନ ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବିକାଶମୂଳକ ଯୋଜନାର ପ୍ରଶଂସା କରିଥିଲେ। ପାଇକ ମାଟିରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ନିଶା କାରବାର ବଢ଼ିବାରେ ଲାଗିଛି। ୨୩ ବର୍ଷ ଶାସନରେ ନବୀନ ସରକାରରେ ଦୁର୍ନୀତି, ଭ୍ରଷ୍ଟାଚାର ବଢ଼ିଛି। ସରକାରୀ ଜମି ଜବରଦଖଲ ପଛରେ ଶାସକ ଦଳ ଗୁଣ୍ଡାଙ୍କ ସମ୍ପୃକ୍ତି ରହୁଛି। ଦୁର୍ନୀତିଖୋର ଅଧିକାରୀଙ୍କ ପ୍ରୋତ୍ସାହନରେ ଜିଲାରେ ଲଘୁ ଖଣିଜ ସମ୍ପଦ ରୀତିମତ ଲୁଟ୍ ଚାଲିଛି। ଓଡ଼ିଶାକୁ କିଏ ଶାସନ କରୁଛି ତାହା ଜଣାପଡୁ ନାହିଁ। କେନ୍ଦ୍ର ସରକାର ବର୍ଷକୁ ୨କୋଟି ଏବଂ ନବୀନ ବର୍ଷକୁ ୨ଲକ୍ଷ ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ରାଜ୍ୟରେ ବେକାରି ସମସ୍ୟା ବଢ଼ି ଚାଲିଛି। ଓଡ଼ିଆ ପୁଅ ଚାକିରି ଖଣ୍ଡେ ନ ପାଇ ବାହାର ରାଜ୍ୟରେ ଦାଦନ ଖଟୁଛି। ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି। ଏପଟେ ସ୍କୁଲ ରୂପାନ୍ତର ଚାଲିଛି। ମେଡିକାଲରେ ଆବଶ୍ୟକ ଡାକ୍ତର ପଦବୀ ଖାଲି ପଡ଼ିଛି। ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟସେବା ଦୟନୀୟ ସ୍ଥିତି ଦେଇ ଗତି କରୁଛି। ଶୀତଳ ଭଣ୍ଡାର ନାହିଁ। ଉତ୍ପାଦିତ ଶସ୍ୟ ସଂରକ୍ଷଣ ଅଭାବରୁ ଚାଷୀ ହଇରାଣ ହେଉଛନ୍ତି। କାଳିଆ ଯୋଜନାରେ ୧୨ହଜାର ଟଙ୍କା ପ୍ରତିଶ୍ରୁତି ଦେଇ ୪ହଜାର ଟଙ୍କା ଦେଲେ। ୨୦୨୪ରେ ରାହୁଲ ଦେଶରେ ପ୍ରଧାନମନ୍ତ୍ରୀ ହେଲେ ଦେଇଥିବା ସମସ୍ତ ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଯିବ ବୋଲି ଚେଲ୍ଲା କୁମାର କହିଥିଲେ। ପିସିସି ସଭାପତି ଶରତ ପଟ୍ଟନାୟକ କହିଲେ ଯେ, ଖୋର୍ଦ୍ଧା ବୀର ମାଟି। ପାଇକ ସଂଗ୍ରାମଠାରୁ ଆଜି ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଛି। କେନ୍ଦ୍ର ଓ ରାଜ୍ୟ ମିଥ୍ୟା ପ୍ରତିଶ୍ରୁତି ପ୍ରଲୋଭନ ଦେଖାଇ ସରକାରକୁ ଆସିବା ପରେ ଲୋକଙ୍କୁ ଉପେକ୍ଷା କରୁଛନ୍ତି। ରାଜ୍ୟରେ ମହିଳା ସୁରକ୍ଷିତ ନୁହେଁ, ଶିଶୁ ନିର୍ଯାତନା, ନିଖୋଜ ଘଟଣା, ଚାଷୀ ଆତ୍ମହତ୍ୟା ବଢ଼ି ଚାଲିଛି। ୩୫ପ୍ରତିଶତ ଚାଷ ଜମିକୁ ଜଳସେଚନ ଦେଇପାରୁନାହାନ୍ତି। ଓଡ଼ିଶା କଳକାରଖାନ ବନ୍ଦ। ରାଜ୍ୟରେ ଅଫିସର ରାଜ ଚାଲିଛି। ପ୍ରଶାସନ ଅଧିକାରୀ ମାନେ ଶାସକ ଦଳର ହାତବାରିସି ସାଜିଛନ୍ତି। ସୁଧାରି ଯାଆନ୍ତୁ, ନଚେତ୍ କଂଗ୍ରେସ ସରକାର ଆସିଲେ, କାହାରିକୁ ଛଡ଼ାଯିବ ନାହିଁ। ପରିବର୍ତ୍ତନ ସମାବେଶରେ କଂଗ୍ରେସ କର୍ମୀଙ୍କୁ ନୂତନ ସୂର୍ଯ୍ୟୋଦୟ ଆହ୍ୱାନ ଦେଇ ୨୦୨୪ରେ ୯ ଆସନରୁ ୯୦ ଆସନରେ କଂଗ୍ରେସ ବିଜୟ ଲାଭ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ପୂର୍ବତନ ମୁଖ୍ୟ ପ୍ରଶାସକ ତଥା ରାଜ୍ୟ କ୍ୟାମ୍ପେନ ମୁଖ୍ୟ ବିଜୟ ପଟ୍ଟନାୟକ କହିଲେ ଯେ, ଲୋକେ ଚାହୁଁଛନ୍ତି ପରିବର୍ତ୍ତନ। ୨୩ ବର୍ଷର ନିରବଚ୍ଛିନ୍ନ ଶାସନରେ ନବୀନ ବାବୁ ଓଡ଼ିଶାବାସୀଙ୍କୁ କ'ଣ ଦେଇଛନ୍ତି ପ୍ରଶ୍ନ ପଚାରିବାର ସମୟ ଆସିଛି। ତାମିଲନାଡୁରେ ୩୫ହଜାର ଶିଳ୍ପାନୁଷ୍ଠାନ ଥିବାବେଳେ ଓଡ଼ିଶାରେ ମାତ୍ର ୩ହଜାର ଅଛି। କଂଗ୍ରେସ ଅମଳରେ ଗଢି ଉଠିଥିବା ଶିଳ୍ପାନୁଷ୍ଠାନ ବନ୍ଦ ହୋଇପଡ଼ିଛି। ଫଳରେ ଓଡ଼ିଆ ପୁଅଙ୍କୁ ଚାକିରି ନାହିଁ। ୩୦ଲକ୍ଷ ଓଡ଼ିଆ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି ବୋଲି ବିଜୟ କହିଥିଲେ। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଲେ ଯେ, ୨୩ବର୍ଷ ହେଲା ଓଡ଼ିଶା ମାଟି ନିର୍ଯାତିତ, ଜର୍ଜରିତ ହୋଇ ରହିଛି। ରାଜ୍ୟରେ ଅଣଓଡ଼ିଆଙ୍କ ଶାସନ ଚାଲିଛି। ଖଣି, ପାଣି, ଜମି ସବୁ ହରିଲୁଟ ଚାଲିଛି। ଆଗାମୀ ଦିନରେ ଜନତା ଏହାର ଉଚିତ ଜବାବ ଦେବେ ବୋଲି ଜେନା କହିଥିଲେ। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓଡ଼ିଆ ଜାତି ସ୍ୱାଭିମାନୀ ବୋଲି କହିଥିଲେ। ଏ ମାଟି ବୀରତ୍ୱର ମାଟି। ଟଙ୍କା ବଳରେ ବିକ୍ରି ନ ହୋଇ ବୁଦ୍ଧିବିବେକ ଅନୁସାରେ ଭୋଟ ଦେବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଯୋଗ ଦେଇ ରାହୁଲଙ୍କ ଭାରତ ଯୋଡ଼ ଜନ ଆନ୍ଦୋଳନରେ ପରିଣତ ହୋଇଛି ବୋଲି କହିଥିଲେ। ଶ୍ରୀକ୍ଷେତ୍ର ମାଟିରେ ମହାପ୍ରଭୁଙ୍କ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଏବଂ ରତ୍ନଭଣ୍ଡାର ଗଣତି ପାଇଁ କଂଗ୍ରେସ ଦୃଢ଼ ଦାବି କରିଛି। ଆଗକୁ ଲଢ଼େଇ ଜୋରଦାର ହେବ ବୋଲି ପ୍ରସାଦ କହିଥିଲେ। ଜଟଣୀ ବିଧାୟକ ତଥା ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ଜୟପୁର ବିଧାୟକ ତାରା ବାହିନୀପତି, ରାଜ୍ୟ ଯୁବକଂଗ୍ରେସ ସଭାପତି ନାସିର ଅହମ୍ମଦ, ମହିଳା ନେତ୍ରୀ ବନ୍ଦିତା ପରିଡା, ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଖୁଣ୍ଟିଆ, ଶରତ ରାଉତ, ଅମିତ ମହାନ୍ତି, ଯୁବନେତା ସିଦ୍ଧାର୍ଥ ରାଉତରାୟ, ସ୍ୱାଗତିକା ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ପ୍ରାରମ୍ଭରେ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପରେ ସେଠାରୁ ଏକ ବିଶାଳ ଶୋଭାଯାତ୍ରାରେ ୫ଟି ନିର୍ବାଚନମଣ୍ଡଳୀର ୧୦ହଜାରରୁ ଊର୍ଦ୍ଧ୍ୱ କର୍ମୀ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ।

# ଆରମ୍ଭ ହେଲା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା

## ରାଜ୍ୟରେ ବଢ଼ିଛି ମହିଳା ଭୋଟର ସଂଖ୍ୟା

ଭୁବନେଶ୍ୱର,୨୭।୧୦(ଅସମାପିକା ସାହୁ)

୨୦୨୪ ସାଧାରଣ ନିର୍ବାଚନ ଲାଗି ଭୋଟର ତାଲିକା ସଂଶୋଧନ ପାଇଁ ଶୁକ୍ରବାରଠାରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଖବରଦାତା ସମ୍ମିଳନୀ ଜରିଆରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି, ଆଜିଠୁ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏନେଇ ୨୦୨୩ ଡିସେମ୍ବର ୯ ପର୍ଯ୍ୟନ୍ତ ଭୋଟରମାନେ ଆବେଦନ କରିପାରିବେ। ୨୦୨୪ ଜାନୁୟାରୀ ପହିଲା ସୁଦ୍ଧା ଯେଉଁମାନଙ୍କ ବୟସ ୧୮ ବର୍ଷ ଛୁଇଁଥିବ ସେମାନଙ୍କ ନାମ ଭୋଟର ତାଲିକାରେ ରହିପାରିବ। ଏ ସମ୍ବନ୍ଧରେ ସବୁ ଜିଲାପାଳ, ଉପଜିଲାପାଳ, ବ୍ଲକ, ତହସିଲ ଏବଂ ବୁଥ୍‌ସ୍ତରୀୟ କାର୍ଯ୍ୟାଳୟକୁ ବିଜ୍ଞପ୍ତି ଜାରି କରାଯାଇଛି। ୨୦୨୩ ଜାନୁୟାରୀ ୫ରେ ପ୍ରକାଶ ପାଇଥିବା ଭୋଟର ତାଲିକା ଅନୁଯାୟୀ ରାଜ୍ୟରେ ମୋଟ୍ ୩୭,୬୦୬ ବୁଥ୍ ସଂଖ୍ୟା ରହିଥିଲା। ଜିଲାପାଳମାନଙ୍କ ପ୍ରସ୍ତାବ ଅନୁଯାୟୀ ବୁଥ୍ ସଂଖ୍ୟା ବଢ଼ି ୩୭,୮୦୯ରେ ପହଞ୍ଚିଛି। ସେହିଭଳି ମହିଳା ଭୋଟରଙ୍କ ହାର ସର୍ବାଧିକ ବଢ଼ିଛି। ରାଜ୍ୟରେ ପୁରୁଷ ଓ ମହିଳା ଭୋଟରଙ୍କ ହାର ବଢ଼ି ହଜାରେ ପୁରୁଷରେ ମହିଳା ଭୋଟରଙ୍କ ସଂଖ୍ୟା ୯୬୧ରୁ ବଢ଼ି ୯୬୩ରେ ପହଞ୍ଚିଛି।

# ପଦ୍ମକେଶରୀପୁରରେ ପୁଣି ଗୋଷ୍ଠୀ ସଂଘର୍ଷ



## ଉଭୟ ପକ୍ଷରୁ ୮ରୁ ଊର୍ଦ୍ଧ୍ୱ ଆହତ

**▪ ପୁରୁଷ ଶୂନ୍ୟ ୨ ସାହି ▪ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ**

ଭୁବନେଶ୍ୱର,୨୭।୧୦(ସତ୍ୟଜିତ୍ ରାଉତ)

ରାଜଧାନୀ ଉପକଣ୍ଠ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କଳାରାହାଙ୍ଗ ଗ୍ରାମପଞ୍ଚାୟତ ପଦ୍ମକେଶରୀପୁରରେ ପୁଣି ଗୋଷ୍ଠୀ ସଂଘର୍ଷ ଘଟିଛି। ପଞ୍ଚାୟତ ନିର୍ବାଚନ ସମୟରୁ ଗାଁରେ ଲାଗି ରହିଥିବା ଗଣ୍ଡଗୋଳ ପୁଣି ଉଗ୍ରରୂପ ନେଇଛି। ଗୁରୁବାର ବିଳମ୍ବିତ ରାତି ପ୍ରାୟ ୧ଟା ୩୦ରେ ମଝି ସାହି ଓ ୩ ନମ୍ବର ସାହି (ତଳ ସାହି) ବାସିନ୍ଦା ମୁହାଁମୁହିଁ ହେବା ସହ ପରସ୍ପରକୁ ଢେଲା ପଥର ଓ କାଚ ବୋତଲ ମାଡ଼ କରିଛନ୍ତି। ଏହି ଘଟଣାରେ ଉଭୟ ଗୋଷ୍ଠୀର ୮ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏହାକୁ ନେଇ ଗାଁରେ ଉତ୍ତେଜନା ଲାଗି ରହିଥିବାବେଳେ କମିଶନରେଟ୍ ପୋଲିସ ପକ୍ଷରୁ ଶୁକ୍ରବାର ସକାଳଠାରୁ ଦୁଇ ସାହିରେ ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଗିରଫ ଭୟରେ ଦୁଇ ସାହି ପୁରୁଷଶୂନ୍ୟ ହୋଇପଡ଼ିଛି।

ପଞ୍ଚାୟତ ନିର୍ବାଚନରୁ ଦୁଇ ସାହି ବାସିନ୍ଦା ବାରମ୍ବାର ଏଭଳି ମୁହାଁମୁହିଁ ହେଉଛନ୍ତି। ଗତ ସେପ୍ଟେମ୍ବର ୧ରେ ଦୁଇସାହି ବାସିନ୍ଦାଙ୍କ ମଧ୍ୟରେ ବଡ଼ ଧରଣର ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଢେଲା ପଥର, କାଚ ବୋତଲ, ମାରଣାସ୍ତ୍ରରେ ପରସ୍ପରକୁ ଆକ୍ରମଣ କରିବାରୁ ଉଭୟ ପକ୍ଷରୁ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଉକ୍ତ ଘଟଣାରେ ପୋଲିସ ୨ଟି ମାମଲା ରୁଜୁ କରି ଉଭୟ ପକ୍ଷର ୧୬ ଜଣଙ୍କୁ ଗିରଫ କରି ଜେଲ ପଠାଇଥିଲା। ଏହାକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହୁଥିବାବେଳେ ଗିରଫ ଅଭିଯୁକ୍ତମାନେ ଜାମିନରେ ମୁକୁଳି ଗାଁକୁ ଫେରିବା ପରେ ପୁଣି ସଂଘର୍ଷର ସୂତ୍ରପାତ ହେଉଛି। ଜୋନ୍-୫ ଏସିପି ଗୌତମ କିଶାନ କହିଛନ୍ତି, ଗୁରୁବାରର ଗଣ୍ଡଗୋଳ ଘଟଣାକୁ କେନ୍ଦ୍ର କରି ଉଭୟ ପକ୍ଷର ଏତଲାକ୍ରମେ ମଞ୍ଚେଶ୍ୱର ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ସେ କହିଛନ୍ତି।

ସୂଚନା ଅନୁଯାୟୀ, ପଦ୍ମକେଶରୀପୁର ଗାଁ ମଝିରେ ଥିବା ପିଣ୍ଡିରେ ମଝି ସାହିର କେତେଜଣ ଲୋକ ଗୁରୁବାର ବିଳମ୍ବିତ ରାତିରେ ଖଟି କରୁଥିଲେ। ସେହି ସମୟରେ ତଳ ସାହିର ଜଣେ ବ୍ୟକ୍ତି ଉକ୍ତ ରାସ୍ତା ଦେଇ ଯାଉଥିଲେ। ମଝି ସାହିର ଲୋକମାନେ ତାଙ୍କୁ କମେଣ୍ଟ କରିଥିଲେ। ପ୍ରତିବାଦ କରିବାରୁ ସେଠାରେ ତାଙ୍କୁ ମଝି ସାହିର ଲୋକମାନେ ମାଡ଼ ମାରିଥିଲେ। ଆକ୍ରମଣର ଶିକାର ହୋଇଥିବା ତଳ ସାହିର ଉକ୍ତ ବ୍ୟକ୍ତି ଜଣକ ନିଜ ସାହି ବାସିନ୍ଦାଙ୍କୁ ଏ ବିଷୟରେ କହିବା ପରେ ପରିସ୍ଥିତି ବିଗିଡ଼ି ଯାଇଥିଲା। ଉଭୟ ସାହି ବାସିନ୍ଦା ଅନ୍ଧାର ରାତିରେ ମୁହାଁମୁହିଁ ହୋଇଥିଲେ। ପରସ୍ପରକୁ ପଥର ଓ କାଚ ବୋତଲ ମାଡ଼ କରିଥିଲେ। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ଗାଁ ଛାଡ଼ି ଫେରାର ହୋଇଯିବାରୁ ତାଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି।



# 'ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ପଦକ ଉତ୍ସର୍ଗ'

**ଚାଇନାର ହାଙ୍ଗ୍‌ଝୋରେ ଚାଲିଥିବା ଏସିଆନ ପାରା ଗେମ୍ସର ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ଗୋଟିଏ ସ୍ୱର୍ଣ୍ଣ ପଦକ ସହ ମୋଟ ୩ଟି ପଦକ ଜିତି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ । ବିଶେଷକରି ଗୋଟିଏ ସଂସ୍କରଣରେ ପ୍ରଥମଥର ୩ଟି ପଦକ ଜିତିବା ତାଙ୍କୁ ବହୁତ ଆନନ୍ଦିତ କରିଛି । କ୍ୟାରିୟର ଆରମ୍ଭରେ ତାଙ୍କୁ ସମର୍ଥନ ଏବଂ ସହଯୋଗ କରିଥିବା ଅତାବିରା ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ସେ ପଦକ ଉତ୍ସର୍ଗ କରିଛନ୍ତି । ସମ୍ପ୍ରତି ଚାଇନାରେ ଥିବା ପ୍ରମୋଦଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...**

**-ସାକ୍ଷାତ: ତପନ କୁମାର ସ୍ୱାଇଁ**


ପ୍ରମୋଦ ଭଗତ

**● ଏସିଆନ ପାରା ଗେମ୍ସରେ ଆପଣ ପ୍ରଥମଥର ୩ ପଦକ ପାଇଛନ୍ତି। ଅନୁଭବ କିପରି ରହିଛି ?**

➤ମନର ଖୁସିକୁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ। ତେବେ ମୁଁ ବହୁତ ଖୁସି। ପୂର୍ବରୁ ମୁଁ ୨ଟି ସଂସ୍କରଣରେ ଭାଗ ନେଇଥିଲି। ସ୍ୱର୍ଣ୍ଣ ପଦକ ମଧ୍ୟ ପାଇଥିଲି। ମାତ୍ର ଗୋଟିଏ ସଂସ୍କରଣରେ ୩ ପଦକ କେବେ ପାଇ ନ ଥିଲି। ଏଥର ଭାରତ ପାଇଁ ମୁଁ ଗୋଟିଏ ସ୍ୱର୍ଣ୍ଣ ଏବଂ ୨ଟି ବ୍ରୋଞ୍ଜ ପଦକ ଜିତିଥିବାରୁ ଅତ୍ୟନ୍ତ ଆନନ୍ଦିତ। ମିକ୍ସଡ ଡବଲ୍ସରେ ମୁଁ ମନୀଷା ରାମଦାସ ଏବଂ ପୁରୁଷ ଡବଲ୍ସରେ ସୁକାନ୍ତ କଦମଙ୍କୁ ସାଥିକରି ଖେଳିଥିଲି। ସବୁଥିରେ ପଦକ ଜିତିବା ଏକ ଭିନ୍ନ ଅନୁଭବ।

**● ଓଡ଼ିଶାର ପ୍ରଥମ ଖେଳାଳି ଭାବେ ଆପଣ ପୂର୍ବରୁ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏସିଆନ ପାରା ଗେମ୍ସରେ କ୍ରମାଗତ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏଥିପାଇଁ ପ୍ରସ୍ତୁତି କିପରି ରହିଥିଲା।**

➤ମୁଁ ପାହାଚ ପରେ ପାହାଚ ଆଗକୁ ଯିବାକୁ ଚେଷ୍ଟା କରୁଛି। ସବୁ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ଦେବା ମୋର ମୁଖ୍ୟ ଲକ୍ଷ୍ୟ। ପାରାଲିମ୍ପିକ୍ସରେ ପଦକ ଜିତିବା ସମସ୍ତ ପାରା ସ୍ପୋର୍ଟ୍ସ ଖେଳାଳିଙ୍କର ଲକ୍ଷ୍ୟ ରହିଥାଏ। ମୁଁ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ଅତ୍ୟନ୍ତ ଖୁସି ଏବଂ ନିଜକୁ ଭାଗ୍ୟବାନ ମନେକରୁଛି। ଏସିଆନ ପାରା ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ମଧ୍ୟ ଅତ୍ୟନ୍ତ କଷ୍ଟସାଧ୍ୟ। ଏଥିପାଇଁ ନିଜକୁ ଭଲଭାବେ ପ୍ରସ୍ତୁତ କରିବାକୁ ପଡ଼ିଥାଏ। ସ୍ୱପ୍ନ ସାକାର କରିପାରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ।

**● ଏସିଆନ ପାରା ଗେମ୍ସ ସ୍ୱର୍ଣ୍ଣ ୨୦୨୪ ପାରାଲିମ୍ପିକ୍ସ ଯୋଗ୍ୟତା ପାଇଁ କେତେ ସହାୟକ ହୋଇପାରିବ ?**

➤ମୁଁ ସିଙ୍ଗଲ୍ସ ଇଭେଣ୍ଟରେ ଯୋଗ୍ୟତା ପର୍ଯ୍ୟାୟର ଦ୍ୱାରରେ ରହିଛି। ଆନୁଷ୍ଠାନିକଭାବେ ଯଦିଓ ଘୋଷଣା ହୋଇନାହିଁ ତେବେ ମୁଁ ସିଙ୍ଗଲ୍ସରେ ଭାଗନେବା ଏକପ୍ରକାର ନିଶ୍ଚିତ। ଡବଲ୍ସ ଏବଂ ମିକ୍ସଡ ଡବଲ୍ସ ଯୋଗ୍ୟତା ପାଇଁ ଆହୁରି ପରିଶ୍ରମ କରିବାକୁ ପଡ଼ିବ। ଆଗାମୀ ଦିନରେ ଜାପାନ, ଦୁବାଇ ଓ ଥାଇଲାଣ୍ଡରେ ୩ଟି ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଅଛି। ସେଥିରେ ଭଲ ପ୍ରଦର୍ଶନ କରିବାନେଇ ମୁଁ ବେଶ୍ ଆଶାବାଦୀ ଅଛି।

**● ହାଙ୍ଗଝୋ ପ୍ରତିଯୋଗିତା କେତେ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା।**

➤ଆଗାମୀ ବର୍ଷ ପାରାଲିମ୍ପିକ୍ସ ଥିବାରୁ ସମସ୍ତ ପ୍ରତିଯୋଗୀ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବଦ୍ଧପରିକର ଥିଲେ। ସେମାନେ ସେହିଭଳି ପ୍ରସ୍ତୁତି ମଧ୍ୟ କରି ଆସିଥିଲେ। ତେଣୁ ୩ଟି ଯାକ ବିଭାଗରେ ମୁଁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲି। ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଯଦିଓ ଅଭିଳାଷକୁ ପୂରଣ କରିଛି ତେବେ ଡବଲ୍ସରେ ସେମିଫାଇନାଲରେ ପରାଜୟ ମନରେ ଦୁଃଖ ଦେଇଛି। ବିଶ୍ୱର ନମ୍ବର ୱାନ ଯୋଡ଼ି ଥିବାରୁ ଆମ ନିକଟରୁ ଦେଶବାସୀଙ୍କର ଆଶା ଅଧିକ ରହିଥିଲା। ସେହି ଅନୁସାରେ ପ୍ରଦର୍ଶନ ଦେଇପାରି ନ ଥିବାରୁ ମନରେ ଦୁଃଖ ରହିଯାଇଛି। ତେବେ ପଦକ ସହ ପ୍ରତିଯୋଗିତା ଶେଷ କରିପାରିଥିବାରୁ ଖୁସି ଲାଗୁଛି।

**● ଏସିଆନ ପାରା ଗେମ୍ସ ପଦକ କାହାକୁ ଉତ୍ସର୍ଗ କରିବାକୁ ଚାହିଁବେ ?**

➤ବରଗଡ଼ ଜିଲା ଅତାବିରା ଗ୍ରାମର ବ୍ୟକ୍ତିମାନେ କ୍ୟାରିୟର ଆରମ୍ଭରୁ ମୋତେ ସମର୍ଥନ କରି ଆସିଛନ୍ତି। ତାଙ୍କ ସାହାଯ୍ୟ ସହଯୋଗ କେବେ ବି ଭୁଲି ହେବନି। ତେଣୁ ମୁଁ ପଦକ ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାକୁ ନିଶ୍ଚିତ ଚାହିଁବି। ଏହା ବ୍ୟତୀତ ମୋ ପରିବାର ବର୍ଗ ଏବଂ ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପାଇଁ ଅନେକ କିଛି ପଦକ୍ଷେପ ନେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ପଦକ ଉତ୍ସର୍ଗ କରିବାକୁ ଚାହେଁ। ରାଜ୍ୟ ସରକାରଙ୍କ ସମର୍ଥନ ବିନା ଏତେବାଟ ଆସିବା ସମ୍ଭବ ହୋଇ ନ ଥାନ୍ତା। ତେଣୁ ମୁଁ ଏହି ଅବସରରେ ସମସ୍ତଙ୍କୁ ଅନେକ ଅନେକ ଧନ୍ୟବାଦ ଜଣାଉଛି।

## ଶ୍ରୀୟଙ୍କାଙ୍କୁ ବ୍ରୋଞ୍ଜ ପଦକ



ପଦକ ସହ ଶ୍ରୀୟଙ୍କା ଷଡ଼ଙ୍ଗୀ।

**ଭୁବନେଶ୍ୱର, ୨୭।୧୦**
**(ତପନ ସ୍ୱାଇଁ)**
କୋରିଆର ଚାଙ୍ଗୱନଠାରେ ଚାଲିଥିବା ୧୫ଶ ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଶ୍ରୀୟଙ୍କା ଷଡ଼ଙ୍ଗୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଶ୍ରୀୟଙ୍କା ୧୦ ମିଟର ଏୟାର ରାଇଫଲ ମହିଳା ଟିମ୍ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ଏହି ସଫଳତା ପାଇଁ ଶ୍ରୀୟଙ୍କାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

## ଏସୀୟ ଅଭିଜ୍ଞତା ନେଇ ଫେରିଲେ ଆର୍ଯ୍ୟନ

**ଭୁବନେଶ୍ୱର, ୨୭।୧୦**
**(ତପନ ସ୍ୱାଇଁ)**
ଏସୀୟ ପୁରୁଷ ଅଲମ୍ପିକ ଯୋଗ୍ୟତା ପର୍ଯ୍ୟାୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଚଳିତମାସ ୧୮ରୁ ୨୭ ପର୍ଯ୍ୟନ୍ତ କାତାରର ଦୋହାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନ ଏସୀୟ ଅଭିଜ୍ଞତା ନେଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବ୍ୟକ୍ତିଗତ ପ୍ରଚେଷ୍ଟା ବଳରେ ଆଗକୁ ବଢୁଥିବା ଆର୍ଯ୍ୟନ ଦୋହା ପ୍ରତିଯୋଗିତାରୁ ଅନେକ ଅଭିଜ୍ଞତା ହାସଲ କରିଥିବା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଆର୍ଯ୍ୟନ ଗତ ବର୍ଷ ଏସିଆନ ଯୁବ ହ୍ୟାଣ୍ଡବଲ (ବାହରିନ) ଓ ଯୁବ ବିଚ ହ୍ୟାଣ୍ଡବଲ (ଇରାନ) ପ୍ରତିଯୋଗିତାରେ ଓଡ଼ିଶାରୁ ଏକମାତ୍ର ଖେଳାଳିଭାବେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ସରକାରଙ୍କ ସହଯୋଗ ମିଳିଲେ ସେ ଆଗକୁ ବଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଭାରତ ପାଇଁ ପଦକ ଜିତିବାକୁ ଆଶା ରଖିଛନ୍ତି।

# ରୀତିକାଙ୍କୁ ବିଶ୍ୱ ଟାଇଟଲ

**ତିରାନା, ୨୭।୧୦ (ପି.ଟି.)**
ରୀତିକା ହୁଡା ଦ୍ୱିତୀୟ ଭାରତୀୟ ଏବଂ ଦେଶର ପ୍ରଥମ ମହିଳା କୁସ୍ତିଯୋଦ୍ଧା ଭାବେ ୨୩ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ସେ ଏଠାରେ ୭୬କେଜି ଇଭେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ ଜ୍ୟୋତି ବରୱାଲ ୭୨କେଜି ଶ୍ରେଣୀ ସ୍ୱର୍ଣ୍ଣ ପଦକ ମୁକାବିଲାକୁ ଉନ୍ନୀତ ହୋଇ ଚାମ୍ପିୟନ୍ସ ତାଲିକାରେ ସ୍ଥାନ ପାଇବା ପାଇଁ ଦୌଡ଼ରେ ରହିଛନ୍ତି। ଜୁନିୟରରୁ ସିନିୟର ସର୍କିଟରେ ପାଦ ଦେଇଥିବା ରୀତିକା ଫାଇନାଲରେ ଆମେରିକାର କେନେଡି ଆଲେକ୍ସିସ ବ୍ଲେଡ୍ସଙ୍କୁ ୯-୨ରେ ହରାଇ ଦେଇଛନ୍ତି। ରୋହତକସ୍ଥିତ ଛୋଟୁରାମ ଆଖଡ଼ାରେ ଟ୍ରେନିଂ ନେଉଥିବା ରୀତିକା ଗତବର୍ଷ ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍ ଜିତିଥିବା ବେଳେ ଚଳିତବର୍ଷ ଏପ୍ରିଲରେ ସିନିୟର ଏସିଆନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ପାଇଥିଲେ। ପୁରୁଷ ଫ୍ରି-ଷ୍ଟାଇଲ କୁସ୍ତିଯୋଦ୍ଧା ଅମନ ଶେରାୱତ (୫୭କେଜି) ଗତ ବର୍ଷ ପ୍ରଥମ ଭାରତୀୟ ଭାବେ ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ହୋଇଥିଲେ। ମହିଳା ୭୨କେଜି ଇଭେଣ୍ଟରେ ଜ୍ୟୋତି କ୍ୱାର୍ଟରଫାଇନାଲରେ ଇଡିନ୍ୟା ଜାବ୍ଲୋଟସ୍କିଙ୍କୁ ୯-୦ରେ ପରାସ୍ତ କରିବା ପରେ ସେ ତୁର୍କୀର ବୁକ୍ରେନାଜ ସେରଟଙ୍କ ବିପକ୍ଷରେ ୭-୦ରେ ବିଜୟ ହାସଲ କରିଥିଲେ। ଫାଇନାଲରେ ସେ ୧୯ ବର୍ଷୀୟା ଆମେରିକାର ଆମିଟ୍ ଏଲୋରଙ୍କୁ ଭେଟିବେ, ଯିଏକି ଚାମ୍ପିୟନଶିପ୍‌ରେ ଗୋଟିଏ ହେଲେ ପଏଣ୍ଟ ବରଣ କରିନାହାନ୍ତି। ଅନ୍ୟ ୩ ଭାରତୀୟ ବ୍ରୋଞ୍ଜ ପଦକ ଦୌଡ଼ରେ ରହିଛନ୍ତି। ରୀନା ବ୍ରୋଞ୍ଜ ପାଇଁ ମିଆ କାଥ୍ରିନ୍ ଫ୍ରିସେନଙ୍କ ସହ ମୁକାବିଲା କରିବେ।


ରୀତିକା ହୁଡା

## ଭାରତ-ପାକିସ୍ତାନ ମ୍ୟାଚ ୩-୩ରେ ଡ୍ର

**ଜୋହର ବାହରୁ (ମାଲେସିଆ), ୨୭।୧୦ (ପି.ଟି.):** ସୁଲତାନ ଜୋହର କପ୍ ଜୁନିୟର ପୁରୁଷ ହକି ଟୁର୍ନାମେଣ୍ଟର ଉଦ୍‌ଘାଟନୀରେ ଗତଥରର ଚାମ୍ପିୟନ ଭାରତ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷ ମ୍ୟାଚ ୩-୩ ଗୋଲ୍‌ରେ ଡ୍ର ରଖିଛି। ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ତରଫରୁ ଅମନଦୀପ ଲାକ୍ରା (୩୦ତମ ମିନିଟ), ଆଦିତ୍ୟ ଅର୍ଜୁନ ଲାଲାଗେ (୫୬ତମ) ଓ ଉତ୍ତମ ସିଂ (୫୯ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ପାକିସ୍ତାନ ପକ୍ଷରୁ ଅର୍ବାଜ ଅହମଦ (୩୧ତମ ଓ ୫୮ତମ) ଦୁଇଟି ଏବଂ ଅବଦୁଲ ଶାହିଦ (୪୯ତମ) ଗୋଟିଏ ଗୋଲ ଦେଇଥିଲେ। ଡିସେମ୍ବରରେ ମାଲେସିଆରେ ପୁରୁଷ ଜୁନିୟର ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଦୁଇ ଦଳ ଏହି ମ୍ୟାଚରେ ଉଭୟଙ୍କ ବଳ କଷିବାକୁ ଚେଷ୍ଟା କରିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଶନିବାର ଆୟୋଜକ ମାଲେସିଆ ବିପକ୍ଷରେ ଖେଳିବ।

# ପୂର୍ବାଞ୍ଚଳ ଶକ୍ତି ଉତ୍ତୋଳନ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୨୭।୧୦ (ବିଜୟ ରଣା)**
ବିହାର ରାଜ୍ୟ ଅନ୍ତର୍ଗତ ନାଳନ୍ଦାଠାରେ ଚଳିତ ମାସ ୨୯ ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ପୂର୍ବାଞ୍ଚଳ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ଦ୍ୱାରା ୭ଜଣିଆ ଖେଳାଳି ଦଳ ଘୋଷଣା କରାଯାଇଛି। ଗତ ରାଜ୍ୟ ପ୍ରତିଯୋଗିତାର ଫଳାଫଳକୁ ଭିତ୍ତିକରି ଖେଳାଳି ମନୋନୟନ କରାଯାଇଛି। ସେମାନେ ହେଲେ ପୁରୁଷ ବିଭାଗରେ ସଙ୍କେତ ମହାପାତ୍ର ଓ ସମରଜିତ କାଣ୍ଡି ଏବଂ ମହିଳା ବିଭାଗରେ ସୁଶ୍ରୀ ମୁସ୍‌କାନ, ଶ୍ରାବଣୀ ଜେନା, ଶ୍ରଦ୍ଧାଞ୍ଜଳି ବେହେରା, ଅନୀତା ବେହେରା ଓ ନଗମା ଆରା ବେଗମ। ପ୍ରତିଯୋଗିତାରେ ଭାଗ ନେବା ଲାଗି ଓଡ଼ିଶା ଶକ୍ତି ଉତ୍ତୋଳନ ଦଳ ନାଳନ୍ଦା ଗସ୍ତ କରିଛି। ଦଳ ସହିତ ପ୍ରବନ୍ଧକ ଦେବାଶିଷ ମହାନ୍ତି ଅଫିସିଆଲ ଭାବେ ଗସ୍ତ କରିଛନ୍ତି। ଓଡ଼ିଶାର ଏହି ସଫଳତା ପାଇଁ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ, ଚିତ୍ତରଞ୍ଜନ ସ୍ୱାଇଁ, ଡ. ଗୌରୀ ମହାନ୍ତି, ପ୍ରଦୀପ ପାତ୍ର ଏବଂ ସମରେନ୍ଦ୍ର ରାଉତରାୟ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ପୂର୍ବାଞ୍ଚଳ ଶକ୍ତିଉତ୍ତୋଳନ ପାଇଁ ମନୋନୀତ ଓଡ଼ିଶା ଦଳ।

## ୨ ସ୍ୱର୍ଣ୍ଣ ଜିତିବାରେ ଶୀତଲ ପ୍ରଥମ ଭାରତୀୟ ମହିଳା

**ହାଙ୍ଗ୍‌ଝୋ ୨୭।୧୦ (ପି.ଟି.):** ଏସିଆନ ପାରା ଗେମ୍ସର ଗୋଟିଏ ସଂସ୍କରଣରେ ଦୁଇ ସ୍ୱର୍ଣ୍ଣ ଜିତିବାରେ ସ୍ୱଳ୍ପ ବୟସ୍କା ତୀରନ୍ଦାଜ ଶିତଲ ଦେବୀ ହେଉଛନ୍ତି ପ୍ରଥମ ଭାରତୀୟ। ଶୁକ୍ରବାର ସେ ମହିଳା ବ୍ୟକ୍ତିଗତ କମ୍ପାଉଣ୍ଡରେରେ ସ୍ୱର୍ଣ୍ଣ ଜିତିଥିବା ବେଳେ ଗୁରୁବାର ସେ କମ୍ପାଉଣ୍ଡ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ଚାମ୍ପିୟନଶିପ୍ ଶେଷ ହେବାକୁ ଆଉ ଗୋଟିଏ ଦିନ ବାକି ରହିଥିବା ବେଳେ ଭାରତର ମୋଟ ପଦକ ସଂଖ୍ୟା ରେକର୍ଡ ୯୯ରେ ପହଞ୍ଚିଛି। କେବଳ ଶୁକ୍ରବାର ଭାରତ ୧୭ ପଦକ ଜିତିଛି। ତନ୍ମଧ୍ୟରେ ୭ ସ୍ୱର୍ଣ୍ଣ ରହିଛି। ସବୁଠାରୁ ଅଧିକ ୮ ପଦକ ବ୍ୟାଡ୍‌ମିଣ୍ଟନରୁ ଆସିଛି। ଭାରତ ୨୫ ସ୍ୱର୍ଣ୍ଣ, ୨୯ ରୌପ୍ୟ ଓ ୪୫ ବ୍ରୋଞ୍ଜ ପଦକ ପାଇଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ